୬ ଟିମ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟରେ ବୈଭବ ସୂର୍ଯ୍ୟବଂଶୀ.




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00



E-mail : sambadkalikanews@gmail.com



● ବର୍ଷ–୩୩ ● ସଂଖ୍ୟା–୧୨ ● ୯ ଫେବୃଆରୀ ୨୦୨୬, ସୋମବାର ● ଭୁବନେଶ୍ୱର ● Vol -33 ● Issue-12 ● 9th February 2026, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ମାଲେସିଆରେ ଆତଙ୍କବାଦ ବିରୋଧରେ ମୋଦୀଙ୍କ କଡ଼ା ବାର୍ତ୍ତା

# ଆତଙ୍କବାଦ ବିରୋଧରେ ଦୋମୁହାଁ ନୀତି ଚଳିବ ନାହିଁ

କ୍ୱାଲାଲମ୍ପୁର, ୮।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ମାଲେସିଆ ଗସ୍ତରେ ଯାଇଥିବାବେଳେ ରବିବାର କ୍ୱାଲାଲମ୍ପୁରଠାରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମଙ୍କ ସହିତ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା କରିଛନ୍ତି। ମୋଦୀ ଏହି ଅବସରରେ ଆତଙ୍କବାଦର ତୀବ୍ର ସମାଲୋଚନା କରିଥିଲେ। ଅନଓ୍ୱରଙ୍କ ସହିତ ମିଳିତ ପ୍ରେସ୍ ବିବୃତିରେ ଆତଙ୍କବାଦକୁ ବିଶ୍ୱଶାନ୍ତି ପାଇଁ ସବୁଠୁ ବଡ଼ ବିପଦ ବୋଲି କହିବା ସହିତ ଏହା ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସୁରକ୍ଷା ସହଯୋଗ ଉପରେ ଚର୍ଚ୍ଚା କରିବା ସମୟରେ ସ୍ପଷ୍ଟ କରିଥିଲେ ଯେ, ଭାରତ ଆତଙ୍କବାଦ ପ୍ରସଙ୍ଗରେ କୌଣସି ପ୍ରକାର ନରମ ମନୋଭାବ ପୋଷଣ କରିବ ନାହିଁ। ଆତଙ୍କବାଦର ମୁକାବିଲା ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ସମ୍ପର୍କରେ ଦୋହରାଇ କହିଛନ୍ତି, ଆତଙ୍କବାଦ ସମ୍ପର୍କରେ ଆମର ବାର୍ତ୍ତା ସ୍ପଷ୍ଟ ରହିଛି, ଏଥିରେ ଦୋମୁହାଁ ନୀତି କିମ୍ବା କୌଣସି ବୁଝାମଣା ଚଳିବ ନାହିଁ।



ରବିବାର ଭାରତ-ମାଲେସିଆ ଅଡିଓ-ଭିଜୁଆଲ୍ ସହ-ଉତ୍ପାଦନ, ବିପର୍ଯ୍ୟୟ ପରିଚାଳନା ସହଯୋଗ, ଦୁର୍ନୀତି ବିରୋଧରେ ଲଢ଼ିବା, ଜାତିସଂଘର ଶାନ୍ତିରକ୍ଷା, ସେମିକଣ୍ଡକ୍ଟର ସହଯୋଗ ପରି ୬ଟି କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି। ଯେଉଁଥିରେ ଉଭୟ ନେତା ସାଂସ୍କୃତିକ, ଅର୍ଥନୈତିକ ଏବଂ ରଣନୈତିକ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରେସ ବିବୃତିରେ ପ୍ରଧାନମନ୍ତ୍ରୀ ମୋଦୀ ମାଲେସିଆର ଶିକ୍ଷା, ଗଣମାଧ୍ୟମ ଏବଂ ସାଂସ୍କୃତିକ ଜୀବନରେ ବ୍ୟାପକ ସ୍ତରରେ ତାମିଲ ଭାଷାର ଉପସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ, ଯାହା ଉଭୟ ଦେଶ ମଧ୍ୟରେ ଏକ ଦୃଢ଼ ଜନସମ୍ପର୍କକୁ ପ୍ରତିଫଳିତ କରେ। ପ୍ରଧାନମନ୍ତ୍ରୀ ମୋଦୀ (ପୃଷ୍ଠା ୭ରେ)

## ମାଲେସିଆରୁ ଫେରିଲେ ମୋଦୀ

ନୂଆଦିଲ୍ଲୀ: ୮।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଲେସିଆର କୁଆଲାଲମ୍ପୁରରୁ ତାଙ୍କର ଦୁଇ ଦିନିଆ ଗସ୍ତ ସାରି ଦିଲ୍ଲୀରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦୁଇ ଦିନିଆ ମାଲେସିଆ ଗସ୍ତ ସାରି ସ୍ୱଦେଶ ଫେରିଛନ୍ତି । ଏହି ଗସ୍ତ ସମୟରେ ସେ ପ୍ରତିରକ୍ଷା ଏବଂ ସୁରକ୍ଷା ସମ୍ପର୍କ ବୃଦ୍ଧି ଉପରେ ଧ୍ୟାନ ଦେଇ ମାଲେସିଆ ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମଙ୍କ ସହ ବ୍ୟାପକ ଆଲୋଚନା କରିଛନ୍ତି । ଏହି ଗସ୍ତ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଆଣିଛି, ଯାହା ଭାରତ-ମାଲେସିଆ ସମ୍ପର୍କକୁ ଶକ୍ତି ପ୍ରଦାନ କରିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସଓ୍ୱାଲ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି ।

# ୧୫ ମାଓବାଦୀଙ୍କ ସଶସ୍ତ୍ର ଆତ୍ମସମର୍ପଣ

ରାୟଗଡା, ୮।୨
ନ୍ୟୁଜ୍ ବ୍ୟୁରୋ



ରାୟଗଡ଼ା ଜିଲ୍ଲାରେ ବଂଶଧାରା-ଘୁମୁସର-ନାଗାବଳୀ (ବାଘୁନା) ଡିଭିଜନର ମୋଟ ୧୫ ଜଣ ମାଓ କ୍ୟାଡର ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିବା ଘଟଣା ଓଡ଼ିଶାର ଆଜି ପର୍ଯ୍ୟନ୍ତ ମାଓବାଦୀଙ୍କ ସବୁଠାରୁ ବଡ ଆତ୍ମସମର୍ପଣ ବୋଲି କୁହାଯାଇପାରେ। ରାୟଗଡା ଏସପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଓଡ଼ିଶା ପୁଲିସର ମାଓବାଦୀ ଆତ୍ମସମର୍ପଣ ସମାରୋହରେ ଉପସ୍ଥିତ ଓଡ଼ିଶା ସରକାରଙ୍କ ଅଧିକାରୀ ସଂଜୀବ ପଣ୍ଡା, ଏଡିଜି (ଆଣ୍ଟି-ନକ୍ସଲ ଅପରେସନ୍) ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ସ୍ୱେଚ୍ଛାକୃତ ଭାବେ ଅସ୍ତ୍ରସସ୍ତ୍ର ଶ୍ରୀ ପଣ୍ଡାଙ୍କୁ ହସ୍ତାନ୍ତର କରିଥିଲେ ଏବଂ ତାଙ୍କ ହାତରୁ ଗୋଲାପ ଧରିଥିଲେ। ଏହା ହିଂସା ତ୍ୟାଗ କରିବା ଏବଂ ସମାଜର ମୁଖ୍ୟ ସ୍ରୋତରେ ଯୋଗଦେବା ନିଷ୍ପତ୍ତିର ଏକ ପ୍ରତୀକ ଅଟେ। ୧୫ ଜଣ ନକ୍ସଲ ଆତ୍ମସମର୍ପଣ କରିବା ପରେ ଖୁବ ଶୀଘ୍ର ରାୟଗଡା ଜିଲ୍ଲାରେ ମାଓ ଆତଙ୍କର ଯବନିକା ପଡ଼ିବାକୁ ଯାଉଛି ବୋଲି ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ। ୧୫ ଜଣଙ୍କ ମଧ୍ୟରେ ୨ ଜଣ ରାଜ୍ୟ କମିଟି ସଦସ୍ୟ ନିଖିଲ ନିରଞ୍ଜନ ରାଉତ (ଜଗତସିଂହପୁର) ଓ ଅଙ୍କିତା ଲେଙ୍କା (ଟାଙ୍ଗୀ, କଟକ) ଆତ୍ମସମର୍ପଣ କରିଛନ୍ତି । ଉଭୟଙ୍କ ନାମରେ ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷିତ ଥିଲା। ଆତ୍ମସମର୍ପଣ କରିଥିବା ଅନ୍ୟ କ୍ୟାଡର ମାଓବାଦୀ ହେଲେ ଡିସିଏମ ବିକାଶ, ଏସିଏମ ସୁନ୍ଦର, ଏସିଏମ ପ୍ରଦୀପ, ଏସିଏମ ରୋଷନୀ, ଏସିଏମ ଅରୁଣା, ଏସିଏମ ନାନ୍ଦେ, ପିଏମ ନିକିତା, ପିଏମ କୁମାରୀ, ପିଏମ ଦୀପକ, ପିଏମ ରାକେଶ, ପିଏମ ଲଳିତ, ପିଏମ ରାଜେ ଓ ପିଏମ ମାଲତୀ। ଏମାନଙ୍କ ଠାରୁ ମୋଟ ୧୪ଟି ଅତ୍ୟାଧୁନିକ ବନ୍ଧୁକ ଜବତ କରାଯାଇଛି। ଏକେ ୪୭ – ୨ଟି, ଏସଏଲଆର – ୫ଟି, ଷ୍ଟେନଗନ – ୧ଟି, ଇନସାସ – ୧ଟି, ୩୦୩ ରାଇଫଲ – ୧ଟି ଏବଂ ସିଙ୍ଗଲ ସଟ ଗନ୍ – ୪ଟି ଜବତ କରାଯାଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ନିଖିଲ ଓରଫ ନିରଞ୍ଜନ ରାଉତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ରାୟଗଡ଼ା-ଗଜପତି-କନ୍ଧମାଳ ଅଞ୍ଚଳରେ ସକ୍ରିୟ ଥିଲା। ଏହି ସମାରୋହରେ ଓଡ଼ିଶା ସରକାରଙ୍କର ଅନ୍ୟ ଅଧିକାରୀ ଆଇଜି ଅପରେସନ ଦୀପକ କୁମାର, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନଓ୍ୱାର ବିଶାଲ ସିଂ, ସିଆରପିଏଫ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଡିଆଇଜି ଏସଆଇଡବ୍ଲ୍ୟୁ ଅଖିଳେଶ୍ୱର ସିଂ, ରାୟଗଡା ଆରକ୍ଷୀ ଅଧିକ୍ଷକ ସ୍ୱାଥୀ ଏସ କୁମାର, କନ୍ଧମାଳ ଏସପି ହରିଶ ବିସି, କଳାହାଣ୍ଡି ଏସପି ନାଗରାଜ ଦେବରକଣ୍ଡା, ରାୟଗଡା ଜିଲ୍ଲାପାଳ ଆଶିଷ କୁଲକର୍ଣ୍ଣି, ସିଆରପିଏଫ ୪ର୍ଥ ବାଟାଲିଅନ କାମାଣ୍ଡେଣ୍ଟ ଫିରୋଜ କୁଜୁର, ଏସଆଇଡବ୍ଲ୍ୟୁ ଡିଏସପି ସୁରେଶ ବଳ ଓ ପୁଲିସର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ଶ୍ରୀ ପଣ୍ଡା କହିଛନ୍ତି ଯେ ୧୫ ମାଓବାଦୀଙ୍କ ଆତ୍ମସମର୍ପଣ ଏହି ଅଞ୍ଚଳରେ ବାମପନ୍ଥୀ ଉଗ୍ରବାଦୀ ଚିନ୍ତାଧାରାର କ୍ରମାଗତ ଦୁର୍ବଳ (ପୃଷ୍ଠା ୭ରେ)

## କୁନ୍ତଳା କୁମାରୀ ସାବତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୮।୨
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜୟନ୍ତୀରେ କୁନ୍ତଳା କୁମାରୀ ସାବତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସାରସ୍ୱତ ସାଧିକା ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀରେ ଭକ୍ତିପୂତ ପ୍ରଣାମ । ତାଙ୍କ ଆଦର୍ଶ ଓ ଚିନ୍ତାଧାରା ଆମକୁ ଏକ ସମୃଦ୍ଧ ଓ ସଚେତନ ସମାଜ ଗଢ଼ିବା ଦିଗରେ ନିରନ୍ତର ପଥପ୍ରଦର୍ଶନ କରୁଥିବ ।

## ପରୀକ୍ଷା ସୁପରିଚାଳନା ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

# ସତର୍କ ଏବଂ ସଜାଗ ରହିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୨
ନ୍ୟୁଜ୍ ବ୍ୟୁରୋ



ପରୀକ୍ଷା ସୁପରିଚାଳନା ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ଦିନରେ ହେବାକୁ ଥିବା ପରୀକ୍ଷା କିପରି ସୁପରିଚାଳନାରେ କରାଯିବ, ସେଥିପ୍ରତି ଧ୍ୟାନ ଦେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

ଫେବୃଆରୀ ୧୮ ତାରିଖରୁ ବାର୍ଷିକ ଉଚ୍ଚ ମାଧ୍ୟମିକ ଏବଂ ୧୯ରୁ ମାଟ୍ରିକ ସମେତ ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେବ । ଏହି ସବୁ ପରୀକ୍ଷାରେ କିପରି ବିଶୃଙ୍ଖଳା ଦେଖାଦେବନାହିଁ, କିପରି ପରୀକ୍ଷାକୁ ସୁପରିଚାଳନା (ପୃଷ୍ଠା ୭ରେ)

# ଭାରତୀୟ ବାୟୁସେନାରେ ସାମିଲ ହେବ ୧୧୪ ନୂତନ ରାଫେଲ୍

ନୂଆଦିଲ୍ଲୀ, ୮।୨

ଭାରତ ଏହାର ସୁରକ୍ଷା ଏବଂ ବାୟୁସେନାକୁ ମଜବୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଭାରତୀୟ ବାୟୁସେନା ପାଇଁ ୧୧୪ଟି ରାଫେଲ ଯୁଦ୍ଧ ବିମାନ କିଣିବା ପାଇଁ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ବାୟୁସେନା ଏହି ପ୍ରସ୍ତାବ ଉପରେ ନିରନ୍ତର ଆଲୋଚନା କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଭାରତ ଗସ୍ତ ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦର ଏକ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

ଏହି ବୈଠକ ଦ୍ୱାରା ୧୧୪ଟି ରାଫେଲ ଜେଟ୍ କ୍ରୟ ଉପରେ ସହମତି ହୋଇପାରେ। ଭାରତୀୟ ବାୟୁସେନାର ଅନେକ ପୁରୁଣା ବିମାନ ଏବେ ଅବସର ନେଉଛି। ତେଣୁ ବାୟୁସେନାକୁ ଆଧୁନିକ ଏବଂ ନିର୍ଭରଯୋଗ୍ୟ ଯୁଦ୍ଧ ବିମାନର ଆବଶ୍ୟକତା ଅଛି। ରାଫେଲ ଏକ ଲଢୁଆ ବିମାନ, ଯାହା ସବୁ ପାଣିପାଗରେ ଉଡ଼ାଣ ଏବଂ ଶତ୍ରୁ ଲକ୍ଷ୍ୟ ସ୍ଥଳ ଉପରେ ସଠିକ୍ ଆକ୍ରମଣ କରିବାକୁ ସକ୍ଷମ। ଭାରତ ପୂର୍ବରୁ ଫ୍ରାନ୍ସରୁ ୩୬ଟି ରାଫେଲ ଯୁଦ୍ଧ ବିମାନ କିଣିସାରିଛି। ଏବେ ୧୧୪ଟି ନୂତନ



ରାଫେଲର ଆଗମନ ବାୟୁସେନାକୁ ଆହୁରି ମଜବୁତ କରିବ।

ଏହି ପ୍ରସ୍ତାବର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି "ମେକ୍ ଇନ୍ ଇଣ୍ଡିଆ" ଉପରେ ଗୁରୁତ୍ୱ। ଯୋଜନା ଅନୁଯାୟୀ, କିଛି ବିମାନ ସିଧାସଳଖ ଫ୍ରାନ୍ସରୁ କିଣାଯାଇପାରେ, ଯେତେବେଳେ ଅଧିକାଂଶ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର


- ଦେଶବ୍ୟାପୀ ରେଳଷ୍ଟେସନ ପୁନର୍ନିର୍ମାଣ ପ୍ରକଳ୍ପର ଅଗ୍ରଗତି।
- ଜାତିସଂଘ ସମ୍ମାନ ସୂଚୀରେ ଭାରତର ସ୍ଥାନ।
- ରୁଷିଆରେ ଭାରତୀୟ ଛାତ୍ରମାନଙ୍କୁ ଆକ୍ରମଣରେ ଅନେକ ଆହତ।
- କିଶୋର ବିଶ୍ୱକପ୍‌ରେ ଭାରତର ସଫଳତା।
- ଓଡ଼ିଶା ପୁଲିସ ଦ୍ୱାରା ଅବୈଧ କାଶ ଔଷଧ ଚୋରାଚାଲାଣକାରୀ ଗ୍ୟାଙ୍ଗର ପର୍ଦ୍ଦାଫାସ । ହଜାର ହଜାର ବୋତଲ କାଶ ସିରପ ଜବତ ।
- ଗଞ୍ଜାମରେ ସଡ଼କ ଦୁର୍ଘଟଣାରେ ଗାଡ଼ି ଖାଲରେ ପଡ଼ି ଅନେକ ଆହତ।
- ଜଗତସିଂହପୁରରେ ଅବୈଧ ବାଲୁକା ଖନନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ।
- ଭାରତ-ଆମେରିକା ବ୍ୟାପାର ସମ୍ମତିରେ ବସ୍ତ୍ର ରପ୍ତାନିରେ ପରିବର୍ତ୍ତନର ସଙ୍କେତ।
- ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କୁ ସ୍ମରଣ କଲେ ନବୀନ ପଟ୍ଟନାୟକ


## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ | ୧୫,୬୬୦ (+୦) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ | ୧୪,୩୫୫ (+୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ୍ | ୧୧,୭୪୫ (+୦) |

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୮୫ (+୦)

# ଭାରତ ମୁହାଁ ହେଲେ ବିଦେଶୀ ନିବେଶକ

ନୂଆଦିଲ୍ଲୀ: ୮।୨



କ୍ରମାଗତ ଭାବେ ୩ ମାସ ହେଲା ଭାରତୀୟ ପୁଞ୍ଜି ବଜାରରୁ ଅଧିକ ମାତ୍ରାରେ ସେୟାର ବିକ୍ରି କରି ଆସୁଥିବା ବିଦେଶୀ ନିବେଶକମାନେ ସଂପ୍ରତି ଭାରତମୁହାଁ ହୋଇଛନ୍ତି। ଫେବୃୟାରୀର ପ୍ରଥମ ସପ୍ତାହରେ ସେମାନେ ଯେତିକି ସେୟାର ବିକ୍ରି କରିଛନ୍ତି ତାହା ତୁଳନାରେ ଅଧିକ କିଣିଛନ୍ତି। ଇକ୍ୱିଟିରେ ୮୧୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛନ୍ତି। ବିଶେଷକରି ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ରାଜିନାମା ଢାଞ୍ଚା ଘୋଷଣାର ପ୍ରଥମ ସପ୍ତାହରେ ଏହା ହୋଇଛି।

ଜାନୁଆରୀ ମାସରେ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରୁ ୩୫,୯୬୨ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। ଡିସେମ୍ବରରେ ୨୨,୬୧୧ କୋଟି ଏବଂ ନଭେମ୍ବରରେ ୩୭୬୫ କୋଟି ଉଠାଇ ନେଇଥିଲେ। ୨୦୨୫ ମସିହାରେ ସେମାନେ ମୋଟ ୧.୬୬ ଲକ୍ଷ କୋଟି ଟଙ୍କା ବା ୧୮.୯ ବିଲିଅନ ଡଲାର ପ୍ରତ୍ୟାହାର କରି ନେଇଥିଲେ। ମୁଦ୍ରା ବିନିମୟ ବଜାରରେ ଅସ୍ଥିରତା, ବିଶ୍ୱରେ ଦେଖାଦେଇଥିବା ରାଜନୈତିକ ଓ ସାମରିକ ସମସ୍ୟା, ଶୁଳ୍କ ଲଢ଼େଇ ଆଦି କାରଣରୁ ଏପରି ହୋଇଥିଲା। (ପୃଷ୍ଠା ୭ରେ)

# ଡାଲିରେ ଆତ୍ମନିର୍ଭର ହେବ ଓଡ଼ିଶା

ଭୁବନେଶ୍ୱର, ୮।୨
ନ୍ୟୁଜ୍ ବ୍ୟୁରୋ



କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ମଧ୍ୟପ୍ରଦେଶର ସେହୋର ଆମଲାହାଠାରେ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଡାଲି ଆତ୍ମନିର୍ଭରତା ମିଶନ ଅଧୀନରେ ଡାଲି ଜାତୀୟ ଫସଲ ଉପରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପରୋକ୍ତ କର୍ମଶାଳାରେ ଅଂଶଗ୍ରହଣ କରି ଓଡ଼ିଶାର ସାମଗ୍ରିକ କୃଷି ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। କେନ୍ଦ୍ର ମନ୍ତ୍ରୀ ଚୌହାନ କହିଥିଲେ ଯେ, ବିଦେଶରୁ ଡାଲି ଆମଦାନୀ ଆମ ପାଇଁ ଲଜ୍ଜାଜନକ। ଦେଶର ଆତ୍ମନିର୍ଭରତା ତଥା କୃଷକଙ୍କ କଲ୍ୟାଣ ପାଇଁ ଡାଲିରେ ଆତ୍ମନିର୍ଭରତା ମିଶନ ଆରମ୍ଭ କରାଯାଇଛି। ଡାଲିରେ ଆତ୍ମନିର୍ଭରତା ମିଶନ କେବଳ ଡାଲି ଉତ୍ପାଦନ ବୃଦ୍ଧି କରିବା ପାଇଁ ଏକ ମିଶନ ନୁହେଁ ବରଂ ଆମର ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ଏକ ଅଭିଯାନ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ଓଡ଼ିଶାର ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରି କହିଛନ୍ତି ଯେ, ରଣନୈତିକ ନୀତି, ପ୍ରଯୁକ୍ତି ବିଦ୍ୟା ଗ୍ରହଣ ଏବଂ ଜଳବାୟୁ ସହନୀୟ କୃଷି ପଦ୍ଧତି ଦ୍ୱାରା ଓଡ଼ିଶାର କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଘଟିଛି।

ଗୋଟିଏ ପଟେ ଓଡ଼ିଶା ଚାଷୀମାନଙ୍କୁ ଧାନ ଚାଷ ପାଇଁ ଇନପୁଟ୍ ସହାୟତା ପ୍ରଦାନ କରି ଚାଷୀଙ୍କ ଆୟ ବୃଦ୍ଧି (ପୃଷ୍ଠା ୭ରେ)

## ୫୦ ଲକ୍ଷ ଚୂନ ଲଗାଇ ସାଇବର ଠକ ଗିରଫ

ଭୁବନେଶ୍ୱର, ୮।୨
ନ୍ୟୁଜ୍ ବ୍ୟୁରୋ

ହ୍ୱାଟସ ଆପ ଗ୍ରୁପରେ ଆକାଉଣ୍ଟ ଖୋଲି ଚୂନା ଲଗାଉଥିବା ଠକ ଗିରଫ ହୋଇଛି। ୫୦ ଲକ୍ଷ ଟଙ୍କାର ସାଇବର ଲୁଟ୍ ଘଟଣାରେ ସାଇବର ଥାନାରେ ପୂର୍ବ ବର୍ଷ ଜାନୁଆରୀ ମାସରେ ହୋଇଥିଲା ଅଭିଯୋଗ ଓ ସାଇବର ଠକ ଅବସରପ୍ରାପ୍ତ ବରିଷ୍ଠ ନାଗରିକମାନଙ୍କୁ କରୁଥିଲା ଟାର୍ଗେଟ । ତେବେ ଭୁବନେଶ୍ୱର ଟମାଣ୍ଡୋ ଅଞ୍ଚଳରେ ଭାଗୀରଥୀ ମହାନ୍ତଙ୍କ ଅଭିଯୋଗ ପରେ ସାଇବର ପୋଲିସ ଆରମ୍ଭ କରିଥିଲା ତଦନ୍ତ ଓ କଲିକତାରୁ ମୁଖ୍ୟ ଅଭିଯୁକ୍ତ ଅରବିନ୍ଦ ପାଲକୁ ଗିରଫ କରିଛି (ପୃଷ୍ଠା ୭ରେ)

# ଦେଶରେ ବଢ଼ିଛି ସ୍ତନ କର୍କଟ: ଛତିଶଗଡ଼-ବିହାରରେ ଅଧିକ



ନୂଆଦିଲ୍ଲୀ, ୮।୨

ଦେଶରେ ମହିଳାଙ୍କ ସ୍ୱାସ୍ଥ୍ୟ ଲାଗି କର୍କଟ ଏକ ଗମ୍ଭୀର ଚାଲେଞ୍ଜ ଭାବେ ଉଭା ହୋଇଛି । ରାଜ୍ୟସଭାରେ ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ସଦ୍ୟ ତଥ୍ୟ ଏହାର ଭୟାବହତାକୁ ଦର୍ଶାଉଛି । ସେହି ତଥ୍ୟ ଅନୁସାରେ, ୨୦୨୧ ରୁ ୨୦୨୫ ମଧ୍ୟରେ ଦେଶରେ ବ୍ରେଷ୍ଟ କ୍ୟାନସର ବା ସ୍ତନ କର୍କଟର ନୂଆ ମାମଲା ଏବଂ ଏହାଯୋଗୁ ହେଉଥିବା ମୃତ୍ୟୁ ପ୍ରାୟ ୧୩ ପ୍ରତିଶତ ବଢ଼ିଛି ।

୨୦୨୫ରେ ସ୍ତନ କର୍କଟର ନୂଆ ମାମଲା ୨.୪୦ ଲକ୍ଷ ପାର୍ କରିବାର ଅନୁମାନ ରହିଛି ଯାହାକି ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଲାଗି ଏକ ବଡ଼ ଚାଲେଞ୍ଜ । ତେବେ ତଥ୍ୟର ବିଶ୍ଳେଷଣରୁ ଓଭାରିଆନ୍ କ୍ୟାନସର ବା ଗର୍ଭାଶୟ କର୍କଟ ସବୁଠୁ ଅଧିକ ଘାତକ ସାଜୁଥିବା ଜଣାପଡ଼ିଛି । ସେହି ମାମଲାରେ ମୃତ୍ୟୁ ହାର ପ୍ରାୟ ୬୧ ପ୍ରତିଶତ ରହିଛି । ଏହାପରେ ସର୍ଭାଇକାଲ୍ କ୍ୟାନସରରେ ମୃତ୍ୟୁ ହାର ୫୪ ପ୍ରତିଶତ ଏବଂ ସ୍ତନ କର୍କଟରେ ମୃତ୍ୟୁ ହାର ୪୩ ପ୍ରତିଶତ ରହୁଥିବା ଜଣାପଡ଼ିଛି। ସେ ଆହୁରି କହିଛନ୍ତି ଯେ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଏବଂ ରାଜସ୍ଥାନରେ ସର୍ବାଧିକ କର୍କଟ ମାମଲା ସାମ୍ନାକୁ ଆସିଛି । ବିହାର, ଛତିଶଗଡ଼ରେ କର୍କଟ ଗ୍ରାଫ୍ ସବୁଠୁ ତୀବ୍ର ଭାବେ ବଢ଼ିଛି । ଏହି ଦୁଇରାଜ୍ୟରେ ନୂଆ ମାମଲାରେ ପ୍ରାୟ ୨୧-୨୨ ପ୍ରତିଶତ ଏବଂ ମୃତ୍ୟୁ ମାମଲାରେ ୨୦ ପ୍ରତିଶତ ବୃଦ୍ଧି ରେକର୍ଡ ହୋଇଛି ଯାହାକି ଚିନ୍ତାଜନକ ବିଷୟ । ଏଭଳି କ୍ଷେତ୍ରରେ ରୋଗର ପ୍ରାଥମିକପର୍ଯ୍ୟାୟରେ ହିଁ ତାକୁ ଚିହ୍ନଟ ଲାଗି ସରକାର ୩୦ ବର୍ଷରୁ ଅଧିକ ବୟସର ମହିଳାଙ୍କ ଅନିବାର୍ଯ୍ୟ ସ୍କ୍ରିନିଂ ଉପରେ ଜୋର୍ ଦେଉଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି ।

# ଆଗାମୀ ୫ ଦିନ ମଧ୍ୟରେ ମଧ୍ୟମ ଧରଣର କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର, ୮।୨
ନ୍ୟୁଜ୍ ବ୍ୟୁରୋ

ଆଗାମୀ ୫ ଦିନ ଅର୍ଥାତ୍ ଆସନ୍ତା ୧୩ ତାରିଖ ସକାଳ ସୁଦ୍ଧା ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେବାର ସମ୍ଭାବନା ରହିଛି ।
ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ୯ ତାରିଖ ସକାଳ ସୁଦ୍ଧା (ଖୋର୍ଦ୍ଧା, ଗଜପତି, ଗଞ୍ଜାମ, କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର) ଜିଲ୍ଲାର କେତେକ ସ୍ଥାନରେ ବିଶେଷ କରି ଭୋର୍ କିମ୍ବା ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେଇପାରେ । ସେହିପରି ୯ ତାରିଖ ସକାଳ ଠାରୁ ୧୦ ତାରିଖ ସକାଳ ସୁଦ୍ଧା (ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର) ଜିଲ୍ଲାର କେତେକ ସ୍ଥାନରେ ବିଶେଷ କରି ଭୋର୍ କିମ୍ବା ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେଇପାରେ । ୧୦ ତାରିଖ ସକାଳଠାରୁ ୧୧ ତାରିଖ ସକାଳ ସୁଦ୍ଧା (ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର) ଜିଲ୍ଲାର କେତେକ ସ୍ଥାନରେ ବିଶେଷ କରି ଭୋର୍ କିମ୍ବା ସକାଳ ସମୟରେ ହାଲୁକାରୁ (ପୃଷ୍ଠା ୭ରେ)





# ଛାତ୍ରଛାତ୍ରୀମାନଙ୍କ ସୁସ୍ଥ ମାନସିକତା ଓ ଚରିତ୍ର ଗଠନ ଉପରେ ଗୁରୁତ୍ୱ

**ପାଟଣାଗଡ, ନ୍ୟୁଜ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଅନ୍ତର୍ଗତ ଖପ୍ରାଖୋଲ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଏଣିକି ପ୍ରାର୍ଥନା ସମୟରେ ବାଧ୍ୟତାମୂଳକ ହେବ ଭ୍ରମରି ପ୍ରାଣାୟାମ ଓ ଓଁ କାର ଜପ । ଏନେଇ ଖପ୍ରାଖୋଲ ଗୋଷ୍ଠି ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ଏକ ଚିଠି ମାଧ୍ୟମରେ ସମସ୍ତ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକୁ ଜଣାଇ ଥିବା ସୂଚନା ମିଳିଛି। ଖପ୍ରାଖୋଲ ବ୍ଲକ ରେ ଭ୍ରମରି ପ୍ରାଣାୟାମ ଓ ଓଁ କାର ଜପ ଲାଗୁ ହେବା ପୂର୍ବରୁ ଏହା ପ୍ରଥମକରି ବେଲପଡ଼ା ବ୍ଲକର ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ ଏହି ନିୟମ ପ୍ରଥମେ ଲାଗୁ ହୋଇଥିଲା । ଭ୍ରମରି ପ୍ରାଣାୟାମ ଓ ଓଁ କାର ଜପର ନିୟମିତ ଅଭ୍ୟାସ ଦ୍ୱାରା ଶିକ୍ଷା ସହିତ ଛାତ୍ର ଛାତ୍ରୀ ମାନଙ୍କର ମାନସିକ, ଶାରିରୀକ ଓ ଚରିତ୍ର ଗଠନରେ ଏହା ବିଶେଷ ସହାୟକ ହେବ । ତା ସହିତ ଛାତ୍ରଛାତ୍ରୀଙ୍କ ମନରେ ଶିକ୍ଷାପ୍ରତି ଆତ୍ମବିଶ୍ୱାସ ଯୋଗାଇବା ସହିତ ସେମାନଙ୍କର ସୁସ୍ଥ ମାନସିକତାର ବିକାଶ ହେବ।



ସମସ୍ତ ବିଦ୍ୟାଳୟ ମାନଙ୍କରେ ପ୍ରାର୍ଥନା ସମୟରେ ପାଞ୍ଚ ମିନିଟ୍ ଭ୍ରମରି ପ୍ରାଣାୟାମକୁ ଏଗାର ଥର ଓ ଓଁ କାର ଜପକୁ ସାତ ଥର ଜପ କରିବାକୁ ଖପ୍ରାଖୋଲ ଗୋଷ୍ଠି ଶିକ୍ଷା ଅଧିକାରୀ ବାଧ୍ୟତାମୂଳକ ଭାବରେ ଛାତ୍ର ଛାତ୍ରୀ ମାନଙ୍କୁ କରାଇବା ପାଇଁ ନିୟମ କରିଥିବା ବେଳେ ଏଥିରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସାମିଲ ରହିବେ ଏବଂ ଏହାକୁ ପ୍ରଧାନ ଶିକ୍ଷକ ମାନଙ୍କ ସହିତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ମଧ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ୪୪ମଣ୍ଡଳ ରାଜଦୋଳ ସମିତି ପ୍ରସ୍ତୁତି ବୈଠକ

**ଚୌଦ୍ୱାର,ନ୍ୟୁଜ ବ୍ୟୁରୋ**

୪୪ମଣ୍ଡଳ ରାଜଦୋଳ ସମିତିର ପ୍ରସ୍ତୁତି ବୈଠକ ଚୌଦ୍ୱାରରେ ଅନୁଷ୍ଠିତ ହୋଇ ଯାଇଛି । ସମିତି ସଭାପତି ଦୀପକ ମଙ୍ଗରାଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ମୋଟ ୫ଟି ମେଲଣ ଯାତ୍ରାର ଦିନ ନିର୍ଘଣ୍ଟ ସ୍ଥିର କରାଯାଇଥିଲା । ଚଳିତ ଫେବୃୟାରୀ ୨୭ତାରିଖରେ ଆଗ୍ରାହାଟ ମେଲଣ, ୨୮ତାରିଖରେ ଜଗତପୁର ମେଲଣ, ମାର୍ଚ୍ଚ ୧ତାରିଖରେ ଗୋଡ଼ିପାଟଣା ମେଲଣ, ୩ ତାରିଖରେ ଚୌଦ୍ୱାର ମେଲଣ ଓ ୪ତାରିଖରେ ଫକୀରପୁର ମେଲଣ ଆୟୋଜନ କରାଯିବା ବୈଠକରେ ସ୍ଥିର କରାଯାଇଥିଲା । ୪୪ମଣ୍ଡଳ ସମିତି ଉପ ସଭାପତି ହରିହର ପଣ୍ଡା, ସମ୍ପାଦକ ନବ ସାହୁ, ଶିବ ଶଂକର ସାହୁ, ଭାବଗ୍ରାହୀ ପଣ୍ଡା,ପ୍ରକାଶ ପଣ୍ଡା, ଚନ୍ଦ୍ର ମୋହନ ଚୌଧୁରୀ, ରବୀନ ଚନ୍ଦ୍ର ସୁବୁଦ୍ଧିରାୟ, ଭାଗୀରଥି ବେଉରା, ହେମନ୍ତ ବିଶ୍ୱାଳଙ୍କ ସମେତ ସମସ୍ତ ମାର୍ଫତଦାର ମାନେ ବୈଠକରେ ଉପସ୍ଥିତ ଥିଲେ ।



# ଦିବ୍ୟାଙ୍ଗ ଆଶ୍ରମ ଅନ୍ତେବାସୀଙ୍କୁ ଡାକ୍ତର ଦମ୍ପତିଙ୍କ ମାଗଣା ଚିକିତ୍ସା

**ବରଗଡ଼, ନ୍ୟୁଜ ବ୍ୟୁରୋ**

ବୃଦ୍ଧାବସ୍ଥାରେ ଯଥାଯଥ ସ୍ୱାସ୍ଥ୍ୟସେବା ପ୍ରାପ୍ତି ଏକ ଚ୍ୟାଲେଞ୍ଜ ହୋଇଥିବା ବେଳେ ଜଣେ ଡାକ୍ତରଙ୍କ ମାନବିକ ପଦକ୍ଷେପ ସମାଜରେ ପ୍ରଶଂସାର ବିଷୟ ହୋଇଛି। ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ବାଗଝୁଲା ସ୍ଥିତ ସମିର ଦିବ୍ୟାଙ୍ଗ ଆଶ୍ରମରେ ଡାକ୍ତର ସୁମିତ ମିଶ୍ର ଏବଂ ତାଙ୍କ ଧର୍ମପତ୍ନୀ ଡାକ୍ତର ସମାପ୍ତି ସମାପିକା ମିଶ୍ର ଅନ୍ତେବାସୀମାନଙ୍କ ପାଇଁ ମାଗଣା ଚିକିତ୍ସା ସେବା ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ଡାକ୍ତର



ମିଶ୍ର ଦମ୍ପତି ଆଶ୍ରମକୁ ପହଞ୍ଚି ଅନ୍ତେବାସୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତଚାପ, ରକ୍ତ ଶର୍କରା ଯାଞ୍ଚ କରିଥିଲେ ଓ ଆବଶ୍ୟକ ଔଷଧ ମାଗଣାରେ ବଣ୍ଟନ କରିଥିଲେ। ଏହା ସହିତ ବସ୍ତ୍ର ଓ ଶୁଖିଲା ଖାଦ୍ୟ ମଧ୍ୟ ପ୍ରଦାନ କରିଥିଲେ । ତେବେ ବୟସ ଜନିତ ବିଭିନ୍ନ ରୋଗରେ ପୀଡ଼ିତ ଅନ୍ତେବାସୀ ମାନଙ୍କୁ ସେ ଯଥୋଚିତ ପରାମର୍ଶ ମଧ୍ୟ ଦେଇଥିଲେ। ଡାକ୍ତରଙ୍କ ଏହି ସେବାରୁ ଆଶ୍ରମରେ ଥିବା ବୃଦ୍ଧ ବୃଦ୍ଧା ମାନେ ବହୁତ ଉପକୃତ ହୋଇଥିବା ବେଳେ ଆଶ୍ରମର ପ୍ରତିଷ୍ଠାତା କୀର୍ତ୍ତନ ଦାଶ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସ୍ଥାନୀୟ ଲୋକମାନେ ମଧ ଏପରି ମାନବିକ ପ୍ରୟାସକୁ ସ୍ୱାଗତ କରି ଡାକ୍ତର ଦମ୍ପତିଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ବିଭିନ୍ନ ସମୟରେ ଏହି ଯୁବ ଡାକ୍ତର ଦମ୍ପତି ସମାଜ ସେବା କ୍ଷେତ୍ରରେ ଅନେକ ପ୍ରଶଂସନୀୟ କାର୍ଯ୍ୟ କରି ଚର୍ଚ୍ଚାରେ ରହି ଆସୁଥିବା ବେଳେ ତାଙ୍କରି ଏପରି ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ବୃଦ୍ଧାବସ୍ଥାରେ ସ୍ୱାସ୍ଥ୍ୟ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ସହ ସମାଜରେ ସେବାଭାବକୁ ପ୍ରେରଣା ଦେଉଛି।

# ପଦଯାତ୍ରା ଓ ବନ୍ଦେ ମାତରଂ ସମୂହ ଗାନ




**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଅବସରରେ ସୋନପୁର ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତ ସମିତି ସ୍ତରୀୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସର ରେ ବନ୍ଦେ ମାତରଂ ସମୂହ ଗାନ ପ୍ରଶିକ୍ଷଣ ଶିବିର ମଧ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ସୋନପୁର ବି ଡି ଓ ପ୍ରତୀକ କର ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ଲୋକସଭା ସାଂସଦ ପ୍ରତିନିଧି ସାନନ୍ଦ ମେହେର, ସି ଡି ପି ଓ ସାଗରିକା ସ୍ୱାଇଁ, ସୋନପୁର ବ୍ଲକ୍ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବୈଜୟନ୍ତୀ କର୍ଣ୍ଣ, ପଞ୍ଚାୟତ ସମିତି ସଭ୍ୟ କୋଶୋଳେଶ୍ୱର ମେହେର, କୁଦୋପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପ୍ରଶିକ୍ଷକ ପୁଷ୍କକ ରାୟ ଯୋଗ ଦେଇଥିଲେ । ସୋନପୁର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌରଭ ଦାନୀ ସଭା ମଞ୍ଚ ପରିଚାଳନା କରି ଥିଲେ । ବ୍ଲକ ଛକରୁ ଆମ୍ବେଦକର ଛକ ଯାଏ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ସୋନପୁର ବ୍ଲକ୍ ସ୍ତରୀୟ ପଦଯାତ୍ରାରେ ୨୦୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିବା ବେଳେ ବନ୍ଦେ ମାତରଂ ସମୂହ ଗାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୨୫୦ ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗ ଦେଇଥିଲେ । ସୋନପୁର ପଞ୍ଚାୟତ ସମିତି ସଭ୍ୟ ଓ ସୋନପୁର ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପର ଅଙ୍ଗନୱାଡି ସଦସ୍ୟା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ନାରୀର ଭୂମିକା ଓ ସମାଜର ଉତ୍ତରଦାୟିତ୍ୱ ଉପରେ ଆଲୋକପାତ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୋନପୁର ସହର ସ୍ଥିତ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଧରୋହର' ମହାସମାରୋହରେ ପାଳନ ହୋଇଯାଇଛି। କଲେଜ ଅଧକ୍ଷା ପ୍ରୀତିମୟୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ନାରୀର ଭୂମିକା ଓ ସମପରିମାଣରେ ସମାଜର ଉତ୍ତରଦାୟିତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବରେ ସୋନପୁର ଉପଜିଲ୍ଲାପାଳ ଡ଼ ସୌମ୍ୟରୂପା ରଥ, ପ୍ରାକ୍ତନ ପରିଚାଳନା କମିଟି ଅଭିମନ୍ୟୁ କୁଶଳ ଓ ମୁଖ୍ୟବକ୍ତା ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଯୋଗଦେଇ ଦେଶ ଗଠନରେ ମହିଳାଙ୍କ ଭୂମିକା ଓ ସମପରିମାଣରେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କର ଯୋଗଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ସ୍ନିଗ୍ଧା ଦାସ ପରିଚାଳନା କରିଥିବାବେଳେ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା ସମସ୍ତ ଅଣ ଶିକ୍ଷକ କର୍ମଚାରୀଙ୍କ ସମେତ ସମସ୍ତ ଛାତ୍ରୀ ସହଯୋଗ କରିଥିଲେ। ଶେଷରେ ଖୁବ ସମୟ ଧରି କଲେଜର ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ହିନ୍ଦୁ ସମାଜର ଏକାଗ୍ରତା ପାଇଁ ଗୁରୁତ୍ୱାରୋପ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଧର୍ମ ଓ ସଂସ୍କୃତିର ସଂଗମ ସ୍ୱରୂପ ସଦର ଡେରାପଡା ଠାରେ ସମସ୍ତ ହିନ୍ଦୁ ସମାଜ ପକ୍ଷରୁ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଡେରାପଡା ସ୍ଥିତ ବୁଢ଼ିମା ସାଂସ୍କୃତିକ ମଣ୍ଡପ ଠାରେଆୟୋଜିତ ଭଜନ, ପ୍ରବଚନ ସହ ସତସଙ୍ଗ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ହରିନାମ ଓ ସଂକିର୍ତ୍ତନ୍ୟରେ ବିଭୋର ରହିଥିଲେ। ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଅତିଥି ଭାବରେ ସୋନପୁର ଉପଜିଲ୍ଲାପାଳ ଡ଼. ସୋମ୍ୟରୁପା ରଥ, ସୋନପୁର ପୌ। ପରିଷଦ ଅଧ୍ୟକ୍ଷା ତାମସି ତାମସ୍ମିତା ନାୟକ ଯୁବ ନେତା ସ୍ୱରୂପ ପାତ୍ର ଯୋଗଦେଇ ହିନ୍ଦୁ ସମାଜର ଏକାଗ୍ରତା ପାଇଁ ବିଭିନ୍ନ ମତ ଦେଇଥିଲେ । ଡ. ରଥ ତାଙ୍କ ବକ୍ତବ୍ୟରେ ନିକଟରେ ସୁବର୍ଣ୍ଣପୁରକୁ ଦୀର୍ଘ ଦିନର ବ୍ୟବଧାନ ପରେ ପ୍ରଭୁ ଶ୍ରୀ ଗୋପାଳଜୀଙ୍କ ଫେରିବା ଓ ତାଙ୍କର ପୁନଃ ପ୍ରତିଷ୍ଠା ପରେ ନିଜସ୍ୱ ମନ୍ଦିରକୁ ବିଜେ ସଂପର୍କିତ ବିଭିନ୍ନ ତଥ୍ୟ ରଖିଥିଲେ।

# ଭାଗବତ ପାରାୟଣ ମହୋତ୍ସବ ଉଦ୍‌ଯାପିତ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୁତରଙ୍ଗ ଗ୍ରାମ ପଞ୍ଚାୟତର ଓ୍ୱିଲମୁଗ୍ୱାଡି ଗ୍ରାମରେ ମହାନ ସନ୍ଥ ସ୍ୱରୂପ ମାୟାଧର ଜେନାଙ୍କ ଦ୍ୱାରା ସଂସ୍ଥାପିତ ଭାଗବତ ପାରାୟଣ ମହୋତ୍ସବ ପବିତ୍ର ଅଗ୍ନ୍ୟୁତ୍ସ୍ୱ ପୂର୍ଣ୍ଣିମା ଅବସରରେ ଉଦଯାପିତ ହୋଇଯାଇଛି। ମାଘ ସପ୍ତମୀରୁ ଆରମ୍ଭ ହୋଇଥିବା ଅତିବଡ଼ି ଜଗନ୍ନାଥ ଦାସଙ୍କ ବିରଚିତ ଏହି ଭାଗବତ ପାରାୟଣ ମହୋତ୍ସବ ଉପଲକ୍ଷେ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ, ସଙ୍କୀର୍ତ୍ତନ ଏବଂ ଆଧାତ୍ମିକ ନୃତ୍ୟ ପରିବେଷଣ କରାଯାଇଥିଲା। ବଳିଦାନ ଦିବସରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଆନୁକୁଲ୍ୟରେ ଆଧାତ୍ମିକ ନୃତ୍ୟ ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି ଭବ୍ୟ କାର୍ଯ୍ୟକ୍ରମରେ କର୍ତ୍ତା ଓ କର୍ତ୍ତ୍ରୀ



ଭାବରେ ଦୁର୍ଗା ଚରଣ ଜେନା ଏବଂ କୁସୁମ ଲତା ଜେନା ଅଂଶ ଗ୍ରହଣ କରିଥିଲେ। ପୂଜକ ଅନନ୍ତ କିଶୋର ଦାଶ ଏବଂ ଭାଗୀରଥି ଦାଶ ବ୍ୟାସ ଏବଂ କଳ୍ପତରୁ ଜେନା ଶ୍ରୋତା ଭାବରେ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ କଳାକାରମାନେ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ଓ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଭାଗବତ ପାରାୟଣ ସପ୍ତାହ ଉପଲକ୍ଷେ ସାତଦିନ ଧରି ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ନିର୍ବାଚନ

**ବରଗଡ, ନ୍ୟୁଜ ବ୍ୟୁରୋ**

ବରଗଡ଼ ଉପକଣ୍ଠ ନାଗେନପାଲି ସ୍ଥିତ ନାଗେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ବରଗଡ଼ ସଦର ବ୍ଲକ ବରିଷ୍ଠ ନାଗରିକ ସଂଘ ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇ ଯାଇଅଛି । ଏହାକୁ ବରିଷ୍ଠ ସମାଜ ସେବୀ ତଥା ଶିକ୍ଷକବିତ ଚନ୍ଦ୍ର ଶେଖର ସାହୁ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ନାଗରିକ ସଂଘ ସଭକ୍ଷପତି କେଦାର ମିଶ୍ର,



ସଂପାଦକ ଗୋବିନ୍ଦ ଦାଶ, ସଂଗଠନ ସଂପାଦକ ଯୋଗେଶ ଚନ୍ଦ୍ର ଦାଶ, ଉପଦେଷ୍ଟା ଗୌର ଚନ୍ଦ୍ର କର ମଞ୍ଚାସିନ ଅତିଥି ଭାବେ ଯୋଗଦେଇ ସଂଗଠନର ଆବଶ୍ୟତା ସହ କାର୍ଯ୍ୟ ପଦ୍ଧତି ଓ ସମାଜ ଗଠନ ରେ ବରିଷ୍ଠଙ୍କ ଅଭିଜ୍ଞତା ଓ ଉପଲବ୍ଧି ଉପରେ ବକ୍ତବ୍ୟ ରଖି ଥିଲେ। ଗ୍ରାମର ବରିଷ୍ଠ ଶିକ୍ଷକବିତ ମୂରଲୀଧର ପାତ୍ରଙ୍କୁ ଜିଲ୍ଲା ସଭାପତି କେଦାର ମିଶ୍ର ଉପଢୌକନ, ପୁଷ୍ପ, ସହ ଶ୍ରୀମଦଭାଗବଦ୍ ଗୀତା ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରତ୍ୟୁତ୍ତରରେ ଶ୍ରୀ ପାତ୍ର ବରିଷ୍ଠ ମାନଙ୍କ ଚାଲିଚଳଣି, ଖାଦ୍ୟ ପେୟ ଉପରେ ମତବ୍ୟକ୍ତ କରିଥିଲେ। ଆଜିର ଏହି ବୈଠକରେ ନୂତନ ବ୍ଲକ କର୍ମକର୍ତ୍ତା ଆଗାମୀ ଦୁଇବର୍ଷ ପାଇଁ ନିର୍ବାଚନ କରାଯାଇଥିଲା । ସର୍ବ ସମ୍ମତି କ୍ରମେ ବ୍ଲକ ସଭାପତି ରୂପେ ଚନ୍ଦ୍ରଶେଖର ସାହୁ, ଉପସଭାପତି ତିଳକ ରାମ ପ୍ରଧାନ, ସମ୍ପାଦକ ଶ୍ରୀ ମୁହୁରିଆ ପ୍ରଧାନ, ସହ ସମ୍ପାଦକ ବଳିଷ୍ଠ କୁମାର ପ୍ରଧାନ, କୋଷାଧକ୍ଷ । କପିଳ କଠାର ଏବଂ ସଂଗଠନ ସମ୍ପାଦକ ରୂପେ ଡ଼. ଡୋଲକ୍ଷମଣୀ ଶତପଥି ନିର୍ବାଚିତ ହୋଇଥିବା ବେଳେ ଉପଦେଷ୍ଟା ରୂପେ ଗୋବିନ୍ଦ ସାହୁ, ମନବୋଧ ସାହୁ ଓ କିଶୋର ଚନ୍ଦ୍ର ବିଶ୍ୱାଳଙ୍କୁ ମନୋନୀତ ହୋଇଥିଲେ । ଜିଲ୍ଲା ସଂଗଠନରୁ ଦେବୀ ପଟ୍ଟନାୟକ, ଲମ୍ବୋଦର ମିଶ୍ର,ରାଜେନ୍ଦ୍ର ସାହୁ ପ୍ରମୁଖ ତଥା ବିଭିନ୍ନ ଗ୍ରାମ ପଞ୍ଚାୟତରୁ ବରିଷ୍ଠ ନାଗରିକ ଯୋଗଦାନ କରିଥିଲେ । ଶେଷରେ ଗୌର ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ମାସର ପ୍ରଥମ ସୋମବାର ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ




ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ଉପ -ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଆସିଥିବା ଅଭିଯୋଗ ଗୁଡିକର ସମାଧାନ କରିଥିଲେ । ଅଭିଯୋଗ ଗୁଡିକ ମଧ୍ୟରେ ଆବାସ ଗୃହ, ବିଭିନ୍ନ ଭା, ସ୍ୱାସ୍ଥ୍ୟସମସ୍ୟା, ପାନୀୟଜଳ, ଶିକ୍ଷା ସମସ୍ୟା, ଜମିବାଡି ସଂକ୍ରା'ୀୟ ସମସ୍ୟା ରହିଥିଲା । ମୋଟ ୭୨ଟି ଅଭିଯୋଗ ପିକୃତ ହୋଇଥିବାବେଳେ ବ୍ୟକ୍ତିଗତ ସମସ୍ୟା ୬୯ଟି ହୋଇଥିବାବେଳେ ଗୋଷ୍ଠୀଭିକ ସମସ୍ୟା ତିନୋଟି ରହିଥିଲା । ଏହି ଅଭିଯୋଗ ସମାଧାନ ଶିବିରରେ ୧୬ଟି ସମସ୍ୟାର ସମାଧାନ ତୁର' କରାଯାଇଥିଲା । ୨ଜଣଙ୍କୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ତିନିଚକିଆ ସାଇକେଲ ଓ ୨୪ ଜଣଙ୍କୁ ବିଧବା ଭା ପ୍ରଦାନ କରାଯାଇଥିଲା । ଏହି ଜନଶୁଣାଣୀ ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# କେନ୍ଦୁଝରରେ ଜନଗଣନା ପାଇଁ ଅଧିକାରୀ ମାନଙ୍କ ପ୍ରଶିକ୍ଷଣ

**କେନ୍ଦୁଝର: ନ୍ୟୁଜ**

ଆସନ୍ତା 'ଜନଗଣନା-୨୦୨୭'କୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀଶାଳ




ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିର ରେ ଯୋଗ ଦେଇଥିବା ସମସ୍ତ କର୍ମଚାରୀ ମାନଙ୍କୁ ସହକାରୀ ନିର୍ଦ୍ଦେଶକ, ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟ ଉମାଶଙ୍କର ସାହୁ, ପରିସଂଖ୍ୟାନ ଅନୁସନ୍ଧାନକାରୀ ବସନ୍ତ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ 'ଗୃହ ତାଲିକାକରଣ ଓ ଗୃହ ଗଣନା'ର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଜନଗଣନା ସମ୍ବନ୍ଧିତ ବିଷୟ ଉପରେ ତାଲିମ ପ୍ରଦାନ କରିଥିଲେ। ?ବୈଠକରେ ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ୧୬ ଏପ୍ରିଲ ୨୦୨୬ ରୁ ଆରମ୍ଭ ହୋଇ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା, ହୋଇଥିବାରୁ ଏଥିରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ?ସେଲ୍ଫ ଏନ୍ୟୁମେରେସନ୍, ସାଧାରଣ ଜନତାଙ୍କ ସୁବିଧା ପାଇଁ ୦୧ ଏପ୍ରିଲ ୨୦୨୬ରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ନିଜସ୍ୱ ଗଣନା ବ୍ୟବସ୍ଥା ଉପଲବ୍ଧ ହେବ, ଯେଉଁଠାରେ ନାଗରିକମାନେ ନିଜେ ନିଜର ତଥ୍ୟ ପ୍ରଦାନ କରିପାରିବେ । ମୋବାଇଲ ଆପ୍ ବ୍ୟବହାର ଏବଂ 'ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ' ସମ୍ପର୍କରେ ସମସ୍ତ ଚାର୍ଜ ଅଧିକାରୀଙ୍କୁ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳେଇ, ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧ୍ୱ ସୁନା, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା,ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ୍ ଓ ଜିଲ୍ଲାର ସମସ୍ତ ତହସିଲଦାର ଏବଂ ପୌରପାଳିକାର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ । ଜନଗଣନା କାର୍ଯ୍ୟକୁ ସଠିକ୍ ସମୟରେ ଓ ନିର୍ଭୁଲ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ସ୍ମରଣିକା ଉନ୍ମୋଚନ ସହ ମା' ପାଟଣେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ

**ବଲାଙ୍ଗିର ,ନ୍ୟୁଜ ବ୍ୟୁରୋ**

ଗତ ୧ ତାରିଖରୁ ଚାରି ଦିନ ବ୍ୟାପି ଅନୁଷ୍ଠିତ ପାଟଣେଶ୍ୱରୀ ମହୋତ୍ସବ–୨୦୨୬ ବୁଧବାର ଉଦଯାପିତ ହୋଇଯାଇଛି। ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ଓ ପାଟଣେଶ୍ୱରୀ କଳା ପରିଷଦ, ବଲାଙ୍ଗିର ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ପାଟଣା ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀଙ୍କ ମନ୍ଦିର ବଲାଙ୍ଗିରରେ ପ୍ରତିଷ୍ଠା ହୋଇଥିବାର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହୋଇଥିଲା। ବୁଧବାର ଆୟୋଜିତ ଉଦ୍ୟାପନୀ ସମାରୋହ ଆୟୋଜକ କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟଣା ମହାରାଜ ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗିରର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ପୌରାଧକ୍ଷା



ଲିକା ସାହୁ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ସୁରକ୍ଷା କମିଟିର କୋଷାଧକ୍ଷ ଭବାନୀ ଶଙ୍କର ଭୋଇ ମଞ୍ଚାସୀନ ଥିଲେ। କମିଟିର ସଂପାଦକ ପ୍ରଶାନ୍ତ ମହାକୁର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅର୍ଜୁନ ସାହୁ ସଭା ପରିଚାଳନା କରିଥିଲେ। ସଭାପତି ଜୟକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି କନକ ବର୍ଦ୍ଧନ ସିଂହଦେଓ ପ୍ରଥମେ ମା' ପାଟଣେଶ୍ୱରୀଙ୍କ ଦର୍ଶନ କରି ତିନି ଦିନ ବ୍ୟାପି ଚାଲିଥିବା ଯଜ୍ଞରେ ଆହୁତି ପ୍ରଦାନ କରି ପୂର୍ଣ୍ଣାହୁତି ସମ୍ପନ୍ନ କରିଥିଲେ। ନୂତନ ନିର୍ମିତ ଯଜ୍ଞମଣ୍ଡପକୁ ସର୍ବସାଧାରଣ ବ୍ୟବହାର ପାଇଁ ଉଦ୍ ?ଘାଟନ କରାଯାଇଥିଲା। ପରେ ସେ ପୃଥ୍ୱୀରାଜ ହାଇସ୍କୁଲ ପରିସରରେ ସ୍ୱର୍ଗତ ପୃଥ୍ୱୀରାଜ ସିଂହଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମାରୋହରେ ଅତିଥିମାନେ ମହୋତ୍ସବ ସ୍ମରଣିକା 'ମା' ପାଟଣେଶ୍ୱରୀ' ଓ ଡ. ସୀମାରାଣୀ ରଥଙ୍କ ରଚିତ ଗବେଷଣା ପୁସ୍ତକ 'ଜ୍ଞାନୋଦୟ – ଦ ଡନ୍ ଅଫ ତାନ୍ତ୍ରିକ ଓ୍ୱିଜଡମ୍ ଫ୍ରମ ଓଡିଶା' ଉନ୍ମୋଚନ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିବା ବ୍ୟକ୍ତି ବିଶେଷ ଓ ସଂଗଠନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳେ ବିଭିନ୍ନ ଦେବୀପୀଠରୁ ଆସିଥିବା ବରୁଆମାନେ ସୁଲିଆ, ବୁଢାଦେଓ, ପାଟଖଣ୍ଡା, କନ୍ଧେନ ବୁଢ଼ି, ସାଉନ୍ତେଇ, କୁଶଙ୍ଗାଇ ଓ ମାହେଶ୍ୱରୀ ନଗର ପରିକ୍ରମା କରି ମା' ପାଟଣେଶ୍ୱରୀଙ୍କ ଦର୍ଶନ କରିଥିଲେ। ୮୪ ଘର ଜିଲ୍ଲା ଅଘରିଆ ସମାଜ ପକ୍ଷରୁ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଅତିଥିମାନେ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ମା' ସମଲେଶ୍ୱରୀ ଚୌହାନ ବଂଶର କୁଳଦେବୀ ହୋଇଥିବା ବେଳେ ମା' ପାଟଣେଶ୍ୱରୀ ଅନାଦିକାଳରୁ ପାଟଣା ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ। ତେଣୁ ଏହି ମହୋତ୍ସବକୁ କେବଳ ୧୫୦ ବର୍ଷ ପୂର୍ତ୍ତିରେ ସୀମିତ ନ ରଖି ପ୍ରତିବର୍ଷ ଆୟୋଜନ କରାଯିବା ଉଚିତ। ତିନି ଦିନ ବ୍ୟାପି ସନ୍ଧ୍ୟା ସମୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପଞ୍ଚମ ଅନୁଷ୍ଠାନ ପକ୍ଷରୁ ଭଜନ ସମାରୋହ, ରୁଗୁଡିପଡା ଦୁର୍ଗାପୂଜା କମିଟି ପକ୍ଷରୁ ମହାଆଳତି, ପରାୟଣ ଗାୟକ ଇପ୍ସିତ ମିଶ୍ରଙ୍କ ସତସଙ୍ଗ ଏବଂ ସମ୍ବଲପୁର କଳାକେନ୍ଦ୍ର ସହ ସଂଜ୍ୟୋତ କଳା କେନ୍ଦ୍ର, ବଲାଙ୍ଗିର ପକ୍ଷରୁ ଲୋକନୃତ୍ୟ ପରିବେଷଣ ହୋଇଥିଲା।

# ଅଟଳ କଲ୍ୟାଣ ମଣ୍ଡପର ଭୂମି ପୂଜନ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ଦିନ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ର ପୁର ଗ୍ରାମପଞ୍ଚାୟତ ଅଧିନସ୍ଥ ହରିପୁର ବୁରୁଡି ଗ୍ରାମରେ ଆଧାତ୍ମିକ ପରିବେଶ ମଧ୍ୟରେ ୨୪୦୦ ବର୍ଗ କ୍ଷେତ୍ରରେ ୨୦୨୫-୨୬ ମସିହାର ବିଧାୟକ ପାଣ୍ଠିରୁ ୪୦ ଲକ୍ଷ ବ୍ୟୟରେ ଏକ ଅଟଳ କଲ୍ୟାଣ ମଣ୍ଡପର ଭୂମି ପୂଜନ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର



ନାୟକଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପୁରୋହିତ ପଣ୍ଡିତ ନିତ୍ୟାନନ୍ଦ ଦାଶ ରହିଥିବା ବେଳେ କର୍ତ୍ତାକ୍ଷରୁପେ ନିରଞ୍ଜନ ନାହାକ ଓ ସରପଞ୍ଚ ବିଷ୍ଣୁପ୍ରିୟା ନାହାକ ଥିଲେ । କାର୍ଯ୍ୟକ୍ରମ ସଂଚାଳନରେ ଗ୍ରାମ୍ୟ କମିଟି ସଭାପତି ରାଜକିଶୋର ନାହାକ, ସମ୍ପାଦକ ସଞ୍ଜୟ କୁମାର ନାହାକ ମୁଖ୍ୟାଂଶରେ ରହିଥିଲେ । ଭୂମି ପୂଜନ ଶୁଭାରମ୍ଭ ସମୟରେ ବିଧାୟକ ଗଣମାଧ୍ୟମ ନିକଟରେ ବିଜେପି ସରକାରଙ୍କର ଗାଥା ଗାଇବା ସହ ଆସନ୍ତା ଏକ ବର୍ଷ ମଧ୍ୟରେ ସୀମିତ ଅନୁଦାନ ହେଉ କିମ୍ବା ତତୋଧିକ ଅର୍ଥ ଆବଶ୍ୟକ ପଡିଲେ ମଧ ଆମ ସରକାର ଏହାକୁ ଉଦଘାଟନ କରିବେ ବୋଲି ଦୃଢତାର ସହ ପ୍ରତିଶୃତି ଦେଇଥିଲେ କ୍ଷ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଗ୍ରାମବାସୀ, ମହିଳା ଗୋଷ୍ଠୀ, ଯୁବ ଗୋଷ୍ଠୀ, ଘଣ୍ଟ ମୃଦଙ୍ଗ ହୁଳହୁଳି ମାଧ୍ୟମରେ ବିଧାୟକଙ୍କୁ ଗ୍ରାମ୍ୟ ପରିକ୍ରମା କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଗଞ୍ଜାମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ପୂର୍ବତନ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ବିଷ୍ଣୁ ପ୍ରସାଦ ସିଂ ଦେଓ, ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ଏସି ମୋର୍ଚ୍ଚା ସଭାପତି କୀର୍ତ୍ତନ ଦାସ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକ, ସରପଞ୍ଚ ପ୍ରତିନିଧି ରମାକାନ୍ତ ନାହାକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରଶ୍ମୀରାଣୀ ମହାପାତ୍ର, ପୂର୍ବତନ ସରପଞ୍ଚ ଭାରତୀ ନାୟକ, ରାମଗଡ଼ ସରପଞ୍ଚ ପ୍ରତିନିଧି ବିକ୍ରମ ଦାସ, ନାରାୟଣ ନାହାକ, ଭଗବାନ ନାୟକ, ମନ୍ମଥ ନାହାକ, ବଂଶୀଧର ନାହାକ, ପ୍ରଭାକର ନାହାକ, ବିଜୟ ନାହାକ, ଇନ୍ଦ୍ରମଣୀ ଦଳେଇ, କାହ୍ନୁ ରଣା, ଲକ୍ଷ୍ମୀ ରଣା, ରବୀନ୍ଦ୍ର କୁମାର ନାହାକ, ଓ୍ୱାର୍ଡ ମେମ୍ବର ଓ କମିଟି ସଦସ୍ୟ ପ୍ରଫୁଲ୍ଲ କୁମାର ନାହାକ, ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରଶାସନିକ ସ୍ତରରେ ଅନେକ ସାମିଲ ହୋଇଥିଲେ ।

# ୯ ଦିନ ବ୍ୟାପି ନବାହ୍ନ ପାରାୟଣ ଉଦ୍‌ଯାପିତ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ବ୍ଲକ ମୁର୍ଷୁଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଲାସ ଗ୍ରାମର ଧବଳେଶ୍ୱର ମହାଦେବଙ୍କ ମନ୍ଦିରରେ ୯ ଦିନ ଧରି ଚାଲିଥିବା ନବାହ ପାରାୟଣ ଉଦଯାପିତ ହୋଇଯାଇଛି । ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବ୍ୟାସ ଭାବରେ ସୋନପୁର ଜିଲ୍ଲା କାଦୋଦର ଗ୍ରାମର ରଘୁବୀର ମିଶ୍ର ରାମାୟଣ ପଠନ କରିଥିଲେ । ପାରାୟଣର କର୍ତ୍ତା ଭାବରେ ଭାଗିରଥୀ ସାହୁ ଓ ତାଙ୍କ ଧର୍ମ ପତ୍ନୀ ମିଲି ସାହୁ ଭୂମିକା ନିର୍ବାହ କରିଥିବା ବେଳେ ଗିରିଶ ଚନ୍ଦ୍ର ପାଢୀ ପୂଜା ଓ ହୋମ କରିଥିଲେ । ଉକ୍ତ ଅବସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦାନ କରି ପାରାୟଣ ଶ୍ରବଣ ସହ ସମସ୍ତ ଆଧାତ୍ମିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

ପ୍ରକାଶକୀୟ
32 YEARS
ସମ୍ବାଦ କଳିକା

# ଅଫିସ୍‌ରେ ତିଆରି ହେବ AI ଟିମ୍, କର୍ମଚାରୀ କରିବେ କ'ଣ

ଏଣିକି କର୍ମଚାରୀ ନୁହେଁ, ଅଫିସ୍‌ରେ ହେବ AI କର୍ମଚାରୀଙ୍କ ଟିମ୍। ଏଭଳି ମତ ଦେଇଛନ୍ତି ସାମ୍ ଅଲ୍ଟମ୍ୟାନ୍ । ସେ କହିଛନ୍ତି ଆଗାମୀ ସମୟରେ, କମ୍ପାନୀଗୁଡ଼ିକରେ AI ବହୁଳ ଭାବରେ ବ୍ୟବହାର କରାଯିବ ଏବଂ AI ଦଳଗୁଡ଼ିକ ଅଫିସ୍‌ରେ କାମ କରିବେ । ଏହି ଉଦ୍ଦେଶ୍ୟରେ, 'OpenAI' ନାମକ ଏକ ନୂତନ ଏଣ୍ଟରପ୍ରାଇଜ୍ ପ୍ଲାଟଫର୍ମ ପ୍ରଚଳନ କରିଛି । ଏହି ପ୍ଲାଟଫର୍ମ କମ୍ପାନୀଗୁଡ଼ିକ ପାଇଁ AI କର୍ମଚାରୀ ସୃଷ୍ଟି କରିବ । ସାମ୍ ଅଲ୍ଟମ୍ୟାନ୍‌ଙ୍କ ଅନୁଯାୟୀ, ଲୋକମାନେ କମ୍ପାନୀଗୁଡ଼ିକରେ AI ଏଜେଣ୍ଟଙ୍କ ଦଳକୁ ପରିଚାଳନା କରିବେ । ଏହାର ଅର୍ଥ ହେଉଛି ଭବିଷ୍ୟତରେ, AI ଏଜେଣ୍ଟମାନେ ମାନବ କର୍ମଚାରୀଙ୍କ ସ୍ଥାନ ନେବେ ଏବଂ ସେହି AI କର୍ମଚାରୀମାନଙ୍କୁ ପରିଚାଳନା କରିବାର କାମ କିଛି ଲୋକ କରିବେ। ଏକ୍ସ ଉପରେ ଏକ ପୋଷ୍ଟରେ, ସାମ୍ ଅଲ୍ଟମ୍ୟାନ୍ କହିଛନ୍ତି ଯେ ଯେଉଁମାନେ AI କୁ ବ୍ୟାପକ ପରିମାଣରେ ବ୍ୟବହାର କରିବେ ଏବଂ ଯେଉଁଠାରେ ଲୋକମାନେ ଏହି AI ଏଜେଣ୍ଟଙ୍କ ଦଳଗୁଡ଼ିକୁ ପରିଚାଳନା କରିବେ, ଭବିଷ୍ୟତରେ କେବଳ ସେହି କମ୍ପାନୀଗୁଡ଼ିକ ସଫଳ ହେବେ । ରିପୋର୍ଟ ଅନୁଯାୟୀ, ଫ୍ରଣ୍ଟିୟର ବିଶେଷ ଭାବରେ ବଡ଼ ଏଣ୍ଟରପ୍ରାଇଜ୍ କମ୍ପାନୀଗୁଡ଼ିକ ପାଇଁ ଡିଜାଇନ୍ କରାଯାଇଛି । ଏହା ସେମାନଙ୍କୁ ସେମାନଙ୍କର ଇଣ୍ଟରନାଲ ସିଷ୍ଟମ ମଧ୍ୟରେ ଚାଲୁଥିବା AI ଏଜେଣ୍ଟଗୁଡ଼ିକୁ ସହଜରେ ପରିଚାଳନା କରିବାକୁ ଅନୁମତି ଦେବ । ଏହା ଉଲ୍ଲେଖନୀୟ ଯେ AI ଏଜେଣ୍ଟମାନେ ମଣିଷଙ୍କ ପରି କାର୍ଯ୍ୟ କରନ୍ତି । ସେମାନଙ୍କୁ ମଣିଷଙ୍କ ପରି ନିର୍ଦ୍ଦେଶ, ତାଲିମ ଦିଆଯାଏ । ଏହା ବ୍ୟତୀତ, ପ୍ରତ୍ୟେକ ଏଜେଣ୍ଟଙ୍କର ଏକ ପରିଚୟ ଏବଂ ସୁରକ୍ଷା ସୀମା ରହିଛି । କିପରି କାମ କରିବେ AI ଏଜେଣ୍ଟ ? ଫ୍ରଣ୍ଟିୟର୍ ପ୍ଲାଟଫର୍ମ କମ୍ପାନୀଗୁଡ଼ିକର ଡାଟା ୱେୟାରହାଉସ୍, CRM ସିଷ୍ଟମ୍ ଏବଂ ଟିକେଟ୍ ଟୁଲ୍ସ ଭଳି ଇଣ୍ଟରନାଲ ଆପ୍ସ ସହିତ ସଂଯୋଗ କରିବ । ଏହା କମ୍ପାନୀ ଏବଂ ଏହାର କାର୍ଯ୍ୟ ବିଷୟରେ AI ର ବୁଝାମଣାକୁ ଆହୁରି ବୃଦ୍ଧି କରିବ । ଏହା AI ଏଜେଣ୍ଟମାନଙ୍କୁ ଫାଇଲ୍ ସହିତ କାମ କରିବାକୁ, କୋଡ୍ ଚଲାଇବାକୁ ଏବଂ କୌଣସି ନୂତନ ଡାଟା ଫର୍ମାଟ୍ ଆବଶ୍ୟକ ନ କରି ଏଣ୍ଟରପ୍ରାଇଜ୍ ଟୁଲ୍ସ ବ୍ୟବହାର କରିବାକୁ ଅନୁମତି ଦେବ । ଅଲ୍ଟମ୍ୟାନଙ୍କ ଅନୁଯାୟୀ, ସେମାନଙ୍କର ପ୍ଲାଟଫର୍ମ କମ୍ପାନୀ କିମ୍ବା ଥାର୍ଡ ପାର୍ଟି ଡେଭଲପରମାନଙ୍କୁ ସୁରକ୍ଷିତ ଏଜେଣ୍ଟ ନିର୍ମାଣ କରିବାକୁ ଅନୁମତି ଦେବା ପାଇଁ କୋଡେକ୍ସ ବ୍ୟବହାର କରେ । OpenAI ସେମାନଙ୍କୁ ଉନ୍ନତ କରିବା ପାଇଁ ବିଲ୍ଟ-ଇନ୍ ମୂଲ୍ୟାୟନ ଏବଂ ଅପ୍ଟିମାଇଜେସନ୍ ଟୁଲ୍ସ ମଧ୍ୟ ପ୍ରଦାନ କରିଛି । ଏହା ଲଞ୍ଚ ହେବା ପରଠୁ ବିଶ୍ୱର ଅନେକ କମ୍ପାନୀ ଫ୍ରଣ୍ଟିୟରକୁ ଗ୍ରହଣ କରିଛନ୍ତି । ଏଥିରେ HP, Oracle, Uber, ଏବଂ Thermo Fisher ଅନ୍ତର୍ଭୁକ୍ତ । ଏହା ବ୍ୟତୀତ, Cisco ଏବଂ T-Mobile ଭଳି କମ୍ପାନୀଗୁଡ଼ିକରେ ଏହାର ପାଇଲଟ୍ ପ୍ରୋଗ୍ରାମ୍ ଚାଲିଛି । OpenAI ଏହାର ପ୍ଲାଟଫର୍ମକୁ ଆହୁରି ସୁଧାରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି । ବର୍ତ୍ତମାନ ପ୍ଲାଟଫର୍ମଟି ସୀମିତ ସଂଖ୍ୟକ କମ୍ପାନୀ ପାଇଁ ଉପଲବ୍ଧ, କିନ୍ତୁ ଶୀଘ୍ର ଏହା ସମସ୍ତଙ୍କ ପାଇଁ ଖୋଲାଯିବ ।

# କବିଚନ୍ଦ୍ର କାଳୀଚରଣ : କୃତୀ ଓ କୀର୍ତ୍ତି -୨

## (ପୂର୍ବ ପ୍ରକାଶନ ଉତ୍ତାରୁ)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ରାସ ଦଳର ଦୁରବସ୍ଥା, ପୁନଃ ଚାକିରି ଖୋଜା, ଚାକିରି ଖଣ୍ଡେ ବି ମିଳିଲା, ବାରିପଦାରେ। ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ତାଙ୍କୁ ସାକ୍ଷାତ୍ କରିବା କାଠିକର ପାଠ। ବହୁବାର ଫେରିଲେ। ତାଙ୍କ ପ୍ରାଇଭେଟ୍ ସେକ୍ରେଟାରୀ, ବାରମ୍ବାର ଫେରାଇଲେ। ମନମରା କାଳୀଚରଣ। ସେଦିନ ଚନ୍ଦ୍ରପକ୍ଷ, ସୁଲୁସୁଲିଆ ଚଇତାଳି ବହୁଥାଏ। ଢେର୍ ରାତି। କାଳୀଚରଣ ବଂଶୀ ବଜାଉ ଥାଆନ୍ତି। ରାଜା ଦୂରରୁ ଶୁଣିଲେ, ଚପରାଶୀ ହାତରେ ଡକାଇ ପଠାଇଲେ, ଖୁସିରେ ଚାକିରିଟିଏ ଦେଲେ। ଖଣ୍ଡପଡ଼ାରେ ଚଉପଦୀଟେ, ବାରିପଦାରେ ବଂଶୀବାଦନ। କାଳୀଚରଣ ବୁଝିଲେ - ଏ ସବୁ କଳାର କିମିଆ। ବାରିପଦା ଛଉନାଚ, ଖୁବ୍ ପ୍ରସିଦ୍ଧ। କାଳୀଚରଣ ଛଉ-ରସ ଚାଖିଲେ। ଓଡ଼ିଶୀ ମଧ୍ୟରେ ଠା ଠା ଛଉଗୀତ ପୂରାଇଲେ। ବାରିପଦାକୁ ଆସିଲେ କାନ୍ତକବି ଲକ୍ଷ୍ମୀକାନ୍ତ। ତାଙ୍କ ରାସ ଦଳ ନୃତ୍ୟ ପରିବେଷଣ କରେ। ଲକ୍ଷ୍ମୀକାନ୍ତ ସହ କାଳୀଚରଣଙ୍କ ଘନିଷ୍ଠ ସମ୍ପର୍କ। ଏକାଠି ବସାଉଠା, ଖିଆପିଆ। ଲକ୍ଷ୍ମୀକାନ୍ତଙ୍କ ବ୍ୟଙ୍ଗ କବିତା, କାଳୀଚରଣଙ୍କ ମନ ମୋହିଲା। ସେ ବି ଲେଖିଲେ, ଛୋଟ ଚଟି ବହିଖଣ୍ଡେ - 'ହାଲଫେସନ'। ଲେଖକଙ୍କ ଛଦ୍ମ ନାଁ - ଶ୍ରୀଚଣ୍ଡୀ। ବ୍ୟଙ୍ଗ ସାହିତ୍ୟ ଦ୍ୱିଅର୍ଥବୋଧକ। ସମାଜ ସଂସ୍କାର ଏହାର ଅସଲ ଲକ୍ଷ୍ୟ। ରାଜାଙ୍କ ପାଖ ଲୋକେ, ତାଙ୍କ କାନରେ ଫୋଡ଼ିଲେ। ରାଜା 'ହାଲଫେସନ'କୁ ପରମତୁଟରେ ନେଲେ। ଖୁବ୍ ରାଗିଲେ, କାଳୀଚରଣଙ୍କ ଚାକିରି ଗଲା। ଏଣିକି ସାହା ଚକାନୟନ। ଥକାମନ, ଅବଶ ଦେହ। ତଥାପି ନିଦ ନାହିଁ, ପହଞ୍ଚିଲେ ପୁରୀରେ। ରାଜା ଗଜପତି ରାମଚନ୍ଦ୍ରଦେବ, ତାଙ୍କ ରାଣୀ ଶ୍ରୀମତୀ ରହସ୍ୟ ମଞ୍ଜରୀ, ଡାକ ନାଁ ମଣି। ସେ ବାରିପଦା ରାଜକନ୍ୟା। କାଳୀଚରଣ ତାଙ୍କୁ ଓଡ଼ିଶୀ ଶିଖାଉଥିଲେ। ପୁରୀ ରାଜା ବି ସଂଗୀତ ରସିକ। କାଳୀଚରଣଙ୍କୁ ମିଳିଗଲା ଚାକିରି ଖଣ୍ଡେ। ଦିଅଁଙ୍କ ପିଣ୍ଡିକା ଦେଖା, ନଅର କଚେରି ନଥିପତ୍ର ରାଜାଙ୍କ ଆଗରେ ପେଶ୍ କରିବା, ଦିଅଁଙ୍କ 'ଚାମର ସେବା' - ଏଇ ତାଙ୍କର ନିତିଦିନିଆ କାର୍ଯ୍ୟ। ସେ ହେଲେ ରାଜକବି। କାଳିଆ ଆଶୀର୍ବାଦ ବରଷିଲା। ଦିନ ସୁଖରେ ଗଲା। ଭାଗ୍ୟଚକ ପୁଣି ଘୂରିଲା। କିଛି ଜରୁରୀ ଚିଠି, ଡାକଯିବ ସନ୍ଧ୍ୟା ଛ'ଟା ଭିତରେ। କିଛି ନଥିପତ୍ର। ରାଜାଙ୍କୁ ଦସ୍ତଖତ କରିବାକୁ ହେବ। ଛ'ଟା ବିଲାତି କୁକୁର, ରାଜା ତାଙ୍କ ସହ ପେଣ୍ଡୁ କ୍ରୀଡ଼ାରତ। କାଳୀଚରଣ ଯିବାର ଅଭିପ୍ରାୟ ଜଣାଇଲେ। ରାଜାଙ୍କ କୋପ, ବିନା କାରଣରେ। 'କୁକୁର' ଠାରୁ କାଳୀଙ୍କ ଦାମ୍ କମ୍ ବୋଲି କହିଲେ। ସ୍ୱାଭିମାନୀ କଳାକାର କାଳୀଚରଣ। ଚାକିରିକୁ ସେଇ ଦିନ ଛି' କଲେ - 'ଚାକିରି ଝକ୍ ମାରି, ଏ ଜନମେ ନାହିଁ କରି'। ରାଜା ଘରେ ଚାକିରି, ଆମୋଦ ଯେତିକି, ପ୍ରମାଦ ସେତିକି। 'ରାଜା ବୁଝିଲେ ପାଚିଲା ଧାନରେ ମଇ' - ଏ କଥା କାଳୀଚରଣ ହେଜିଲେ। ସବୁ କପାଳ ଲିଖନ, 'ମଣିଷ ବିଚାରେ ଆନ, ଦଇବ ବିଚାରେ ଆନ'। ଜୀବନର ଗତିପଥ ବଦଳିଲା। ଏଣିକି କାଳୀଚରଣଙ୍କ କଳା-ସାହିତ୍ୟ-ସଂସ୍କୃତି ବିକାଶରେ ନିଘା।

ସୁଗାୟକ କାଳୀଚରଣ, ତାଙ୍କ କଣ୍ଠଟି ମିଠା। ହଠାତ୍ ସୁଯୋଗଟେ ଆସିଲା। କଲିକତାର ଦମ୍‌ଦମ୍‌ର ହିଜ୍ ମାଷ୍ଟରସ୍ ଭୟସ ରେକର୍ଡ଼ିଂ କମ୍ପାନୀ। ଏହାର ମନୋନୀତ ବିକ୍ରେତା ମସ୍ତାନ ବାବୁ। ଗାୟକ / ଗାୟିକା ଠିକଣା କରିବା ତାଙ୍କ ଦାୟିତ୍ୱ। ରାଜଦ୍ୱାରେ ଅପମାନିତ କାଳୀଚରଣ। ବସାରେ ପହଞ୍ଚିଲେ। ଅପେକ୍ଷା କରିଥିଲେ ମସ୍ତାନବାବୁ। ଦିନ ଧାର୍ଯ୍ୟ। କଲିକତାରେ ଗଙ୍ଗାସ୍ନାନ, ରେକର୍ଡ଼ିଂ - ଏକା ସମୟରେ 'ଠାକୁର ଦେଖା କଦଳୀ କିଣା'। ସାଥିରେ ତାଙ୍କର ମୋହନ ଗୋସ୍ୱାମୀ। ଉଭୟଙ୍କର ଚାରିଟି ଗୀତ ରେକର୍ଡ଼ିଂ ହେଲା। ଲେଖକ କାଳୀଚରଣ। ସେଇ ଗୀତ ମଧ୍ୟରୁ 'ଚାକିରି ଝକ୍ ମାରି, ଏ ଜନମେ ନାହିଁ କରି' ଅନ୍ୟତମ। ଗୀତଟି ଢେର୍ ନାଁ କଲା। କାଳୀଚରଣଙ୍କର ନିଜର ଗୋଟେ ରେକର୍ଡ଼ିଂ କମ୍ପାନୀ - 'ସୁରଲେଖା'। ପ୍ରଖ୍ୟାତ କଣ୍ଠଶିଳ୍ପୀମାନେ, ସେମାନଙ୍କ ମଧ୍ୟରେ ବାଳକୃଷ୍ଣ ଦାସ, ଅଙ୍ଗୁରବାଳା ରାୟ, ସୁମତି ଦେବୀ - ଏମାନଙ୍କର ଗୀତ ରେକର୍ଡ଼ିଂ ହେଲା। କମ୍ପାନୀର ନାଁ ବଢ଼ିଲା। ଏତଦ୍‌ଭିନ୍ନ କବିଚନ୍ଦ୍ର ଜଣେ ସଫଳ ନାଟ୍ୟକାର। ବହୁ ନାଟକର ସେ ସ୍ରଷ୍ଟା। ସେଗୁଡ଼ିକ ମଧ୍ୟରୁ 'ଧ୍ରୁବ', 'ଭାତ', 'ଚକ୍ରୀ', 'ଅଭିଯାନ', 'ରକ୍ତମାଟି', 'ଦଶଭୁଜା', 'ଫଟାଭୂଇଁ', 'ଗାର୍ଲସ୍କୁଲ', 'ଚୁମ୍ବନ' ଆଦି ବେଶ୍ ନାଁ କଲା। ଜାତିସ୍ମର କାଳୀଚରଣ। ପୂଜ୍ୟପୂଜା ସମ୍ମାନ, ପୂର୍ବସୂରୀଙ୍କୁ କୃତଜ୍ଞତା ଜ୍ଞାପନ - ଏଥିରେ ତ୍ରୁଟି କରି ନ ଥିଲେ। ଲେଖିଲେ 'ଜଗନ୍ନାଥ ଦାସ', 'ଜୟଦେବ' - ଏଇ ଦୁଇ ନାଟକ। ପ୍ରଥମଟିରେ ଅସହିଣୀ ବଙ୍ଗୀୟ ବୈଷ୍ଣବଙ୍କ ମୁଖା ଖୋଲିଦେଲେ। କବି ଜୟଦେବ ଖାଣ୍ଟି ଓଡ଼ିଆ। ଏ କଥାଟି ଜୟଦେବ ନାଟକରେ ପ୍ରତିପାଦନ କଲେ। କେବଳ କଥା ନୁହେଁ; ତାତ୍ତ୍ୱିକ ଦୃଷ୍ଟିରୁ ନାଟକଟି ଉଚ୍ଚକୋଟୀର। ସାକ୍ଷୀ ଗୋପୀନାଥ, ଲକ୍ଷ୍ମୀଙ୍କୁ ନେଇ ତାଙ୍କର କିମ୍ବଦନ୍ତୀ ମୂଳକ ନାଟକ 'ଲକ୍ଷ୍ମୀ'। ଏଇଟି ଦର୍ଶକଙ୍କ ମନମୋହିଲା, ଠିକ୍ ସେଇପରି 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ନାଟକ। କବିସୂର୍ଯ୍ୟଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ଏଇଟି ନାଟ୍ୟରୂପ। ଏଥିରେ କାଳୀଚରଣଙ୍କର କେତେକ ନୂଆ ଭିଆଣ। ନାଟକରେ ନାରୀଚରିତ୍ର। ଆଗରୁ ପୁରୁଷମାନେ ନାରୀ ଭୂମିକାରେ। ନାରୀମାନେ ଅଭିନୟର ସୁଯୋଗ ପାଇଲେ। ଏ ଶ୍ରେୟ କାଳୀଚରଣଙ୍କର। କାଳୀଚରଣ କେତେକ ନାଁ କରା ରାସଲୀଳାର ସ୍ରଷ୍ଟା। ସେଗୁଡ଼ିକ ମଧ୍ୟରୁ 'ଶ୍ରୀରାଧା', 'ବନବିହାର', 'କୌତୁକ ଚିନ୍ତାମଣି', 'ପ୍ରୀତିସୁଧାକର' - ଏ ସମସ୍ତ କାଳଜୟୀ। ପ୍ରଥମ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର 'ଲଳିତା'। ଏଥି ସହ ପ୍ରଥମ ଓଡ଼ିଆ ଡକୁମେଣ୍ଟାରୀ ପିକ୍‌ଚର, କାଳୀଚରଣ ଏହାର ନିର୍ଦ୍ଦେଶକ। ସେ କେନ୍ଦ୍ର ନାଟକ ଅକାଦମୀର ପ୍ରଥମ ଫେଲୋ, ଏସବୁ ଅନନ୍ୟ ଗୌରବର ଅଧିକାରୀ କାଳୀଚରଣ। ସେ ଜଣେ ଅସାଧାରଣ ନାଟ୍ୟକାର, କବି, ସଙ୍ଗୀତଜ୍ଞ, ନୃତ୍ୟବିତ୍, ପ୍ରାବନ୍ଧିକ ତଥା ଅଭିନେତା - ଏହା ବହୁଜନ ସ୍ୱୀକୃତ।

ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ସ୍ୱୀକୃତି - ଏ ଗୌରବ କବିଚନ୍ଦ୍ର କାଳୀଚରଣଙ୍କର। ବାଲୁତ କାଳୁ ସେ ଓଡ଼ିଶୀ ସଂଗୀତ, ଓଡ଼ିଶୀ ନୃତ୍ୟପ୍ରେମୀ। ଜୀବନ ସାରା ସାଧନା। ଏଥିରେ ଢେର୍ ନାଁ କଲେ। କଟକ ଆକାଶବାଣୀ, କଲିକତା ଆକାଶବାଣୀର ସେ କଣ୍ଠଶିଳ୍ପୀ। ବହୁ ଓଡ଼ିଶୀ ଗାଇଲେ, ଜନମନ ମୋହିଲେ। ଓଡ଼ିଶୀ ନୃତ୍ୟ ବିଶାରଦ ପାଲଟିଲେ। ଓଡ଼ିଶୀ ନୃତ୍ୟର ଲଳିତ କଳା ଭଙ୍ଗୀ। କୋଣାର୍କର ସୂର୍ଯ୍ୟମନ୍ଦିର, ଭୁବନେଶ୍ୱରର ରାଜାରାଣୀ ମନ୍ଦିର ଗାତ୍ର, ସବୁଠି ଓଡ଼ିଶୀ ନୃତ୍ୟଚିତ୍ର। ସଂଗୀତ ନାରାୟଣ, ଅଭିନୟ ଚନ୍ଦ୍ରିକା, ନାଟ୍ୟ ମନୋରମା, ସଂଗୀତ ଅଭିନୟ ଦର୍ପଣ - ଏଗୁଡ଼ିକ ତାଳପତ୍ର ଖେଦା। ଏଥିରେ ଓଡ଼ିଶୀ ନୃତ୍ୟ ସମ୍ପର୍କିତ ନାନାଦି ତତ୍ତ୍ୱ ତଥ୍ୟ, କାଳୀଚରଣ ଏସବୁ ସଂଗ୍ରହ କଲେ। ଦିଲ୍ଲୀରେ ଆୟୋଜିତ ହେଲା ନୃତ୍ୟ ସମାରୋହ। କାଳୀଚରଣ ପାଠକଲେ ଓଡ଼ିଶୀ ନୃତ୍ୟ ସମ୍ବନ୍ଧୀୟ ତାତ୍ତ୍ୱିକ ପ୍ରବନ୍ଧଟେ (ତା ୪।୪।୧୯୫୮)। ଶାସ୍ତ୍ରୀୟ ସ୍ୱୀକୃତି ପାଇଁ ଦାବୀ ଉପସ୍ଥାପନ କଲେ। ଭାଇ ହେଲେ ଭଗାରି, ଆପଣା ଲୋକେ ବାଟ ଓଗାଳିଲେ। ଶେଷରେ ସତ୍ୟର ହେଲା ବିଜୟ। ଓଡ଼ିଶୀ ନୃତ୍ୟ ପାଇଲା ଶାସ୍ତ୍ରୀୟ ମାନ୍ୟତା। ଓଡ଼ିଶୀ ନୃତ୍ୟରେ ଗବେଷଣା ପାଇଁ ବୃତ୍ତି ବ୍ୟବସ୍ଥା ହେଲା।

କାଳୀଚରଣଙ୍କ ଆତ୍ମଲିପି 'କୁମ୍ଭାରଚକ'। ଲେଖକଙ୍କ ବ୍ୟକ୍ତି ଜୀବନର ସୁଖ-ଦୁଃଖର କଥା ଏଥିରେ ସ୍ଥାନିତ। ମାତ୍ର ତାହା ପାଲଟିଛି ନୈର୍ବ୍ୟକ୍ତିକ। ଏଥିରୁ ଓଡ଼ିଆ ସାହିତ୍ୟ ସଂସ୍କୃତି ସମ୍ବନ୍ଧୀୟ ନାନାଦି ତଥ୍ୟ ମିଳେ। ଏହାର ଐତିହାସିକ ମୂଲ୍ୟବୋଧ ଉଚ୍ଚକୋଟୀର। ସମଗ୍ର ଆତ୍ମଲିପିଟିର ସାହିତ୍ୟିକ ମୂଲ୍ୟବୋଧ, ରାଜନୀତିକ ଚିତ୍ର, ଓଡ଼ିଶା ରଙ୍ଗମଞ୍ଚ ଇତିହାସ, ଓଡ଼ିଶାରେ ଗଡ଼ଜାତ ରାଜ୍ୟ ମିଶ୍ରଣ ଆଦି ବିଭିନ୍ନ ପ୍ରସଙ୍ଗର ବର୍ଣ୍ଣନା ଅତୀବ ମନଛୁଆଁ। 'କୁମ୍ଭାରଚକ'ର ପରିବେଷଣ ମାଧୁର୍ଯ୍ୟମୟ, ଭାଷା ସହଜ, ତଥା ଭାବ ସଞ୍ଚାରୀ। ପ୍ରବାଦ, ପ୍ରବଚନ, ରୂଢ଼ି ଆଦି ଗାଉଁଲି ପ୍ରୟୋଗର ଚମତ୍କାରିତା - ଏସବୁ ପୁସ୍ତକଟିକୁ କରିଛି ସୁଖପାଠ୍ୟ। ସ୍ରଷ୍ଟାଙ୍କ ଦ୍ୱାରା ବ୍ୟବହୃତ ରୂଢ଼ି ବେଶ୍ ମନଛୁଆଁ, ଯଥା :- 'ଅଦୃଶ୍ୟ କୁମ୍ଭାରର ଇଚ୍ଛା', 'ଆଲୋ ମଉସା ଜଡ଼ ପଇସା', 'ଅଗା-ବଗା-ଖଗା ତିନିକି ତିନିହେଁ ଏକା', 'ବେଙ୍ଗ ବୋଲେ ବେଙ୍ଗୁଲିଲୋ ପୃଥ୍ୱୀ କ୍ଷଣ କ୍ଷଣକେ ଆନ', 'ଦଇବ ଦଉଡ଼ି ମଣିଷ ଗାଈ', 'ଏ ମନ ଭାବୁଥାଇ ଯାହା', 'ଗୁରୁଙ୍କୁ ସୁନ୍ଦର ଚାଟ', 'ଗୁଣ ଚିହ୍ନେ ଗୁଣିଆ' ଇତ୍ୟାଦି। ଏ ସବୁ ପାଠକର ମନ -ପ୍ରାଣକୁ ବହୁ ଭାବରେ, ବହୁ ରୂପରେ ପ୍ରଭାବିତ କରେ।

କଳା ଅମୂଲ ମୂଲ। କାଳରେ ସୃଷ୍ଟି ହୁଏ, ହୋଇଯାଏ କାଳଜୟୀ। କଳାକାରଟି ସାଧାରଣ ଭିତରେ ଅସାଧାରଣ, ସେମିତି ଜଣେ ନିଆରା କଳାକାର କାଳୀଚରଣ। ନାଟକ ସଂରଚନାରୁ ରଙ୍ଗମଞ୍ଚ ପରିକଳ୍ପନା, ଅଭିନୟରୁ ନୃତ୍ୟ, ସଂଗୀତ ସର୍ଜନା - ସବୁଥିରେ କାଳୀଚରଣ ବିଶାରଦ। କଳା ତାଙ୍କୁ ଯଶଖ୍ୟାତିର ଶିଖରରେ ପହଞ୍ଚାଇଲା। ବହୁ ଅନୁଷ୍ଠାନ ଦ୍ୱାରା ସେ ସମ୍ବର୍ଦ୍ଧିତ। ଗଜପତି ରାମଚନ୍ଦ୍ର ଦେବ 'କବିଚନ୍ଦ୍ର' ଉପାଧିରେ ଭୂଷିତ କଲେ (୧୯୨୭)। ଉତ୍କଳ ସାହିତ୍ୟ ସମାଜ ନାଟ୍ୟାଚାର୍ଯ୍ୟ ଉପାଧିଟେ ପ୍ରଦାନ କଲେ (୧୯୩୮)। ସମ୍ବଲପୁର ୟୁନିଭରସିଟି ବିଭୂଷିତ କଲେ 'ଡକ୍ଟରେଟ୍' ଉପାଧିରେ। ଶେଷରେ 'ପଦ୍ମଶ୍ରୀ', ଏ ଉପାଧି ପାଇଁ ତାଙ୍କ ନାମ ଘୋଷିତ ହେଲା (୧୯୭୪)। ପୁରୁଣା ଡାଏରୀ ପୃଷ୍ଠା ଖୋଲିଲେ କାଳୀଚରଣ। ୧୯୬୪ ମସିହା, କଟକ କିଲଟର ସାହେବ 'ପଦ୍ମଶ୍ରୀ' ପାଇଁ ତାଙ୍କ ନାଁ ସୁପାରିଶ କଲେ। ଦଶବର୍ଷ ବିତିଲା। ଏବେ କାଳୀଚରଣଙ୍କୁ ୭୫ ବର୍ଷ ବୟସ। ଗଡ଼ାଣିଆ ବୟସ। ବୁଢ଼ା ଦିନେ ବା 'ପଦ୍ମଶ୍ରୀ' କି ଲୋଡ଼ା ? ଅତି ବିନୟରେ ସେ ଉପାଧି ପ୍ରତ୍ୟାଖ୍ୟାନ କଲେ। ତାଙ୍କ ପାଇଁ କବିଚନ୍ଦ୍ର, ନାଟ୍ୟାଚାର୍ଯ୍ୟ, ଡକ୍ଟରେଟ୍ ଉପାଧି ଯଥେଷ୍ଟ। ତାଙ୍କୁ ଦୁନିଆ ଜାଣିଲା କବିଚନ୍ଦ୍ର ଭାବେ। ତାହା ହିଁ ତାଙ୍କର ଶ୍ରେଷ୍ଠ ପରିଚୟ।

# ସଶକ୍ତ ହେବୁଟୁ କେତେଦିନେ ?



ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୁଖ୍ୟ,
ବି.ଏନ.ଏମ.ଏ, ମହାବିଦ୍ୟାଳୟ,
ଭଦ୍ରକ,ମୋ:୮୮୯୫୩୪୧୦୩୩

ଉଣେଇଶ ଶହ ଅଣଚାଶରୁ ଦୁଇ ହଜାର ଛବିଶ.... ପ୍ରାୟ ସତୋସ୍ତରୀ ବର୍ଷ ଅତିକ୍ରାନ୍ତ ହୋଇସାରିଛି ଏ ଭାରତର ଗଣତନ୍ତ୍ରକୁ। ରାଜତନ୍ତ୍ରରୁ ପରାଧିନ କମ୍ପାନୀ ଶାସନ ଓ ଶେଷରେ ଗଣତନ୍ତ୍ର ବ୍ୟବସ୍ଥା। କିଛିଗୋଷ୍ଠୀ ଗଣତନ୍ତ୍ର ବ୍ୟବସ୍ଥାରେ ବେଶ୍ ଆତ୍ମସନ୍ତୋଷ ଅନୁଭବ କରୁଛନ୍ତି, କିନ୍ତୁ କିଛି ଏବେବି ନିଜ ନାର୍ଯ୍ୟଦାବି ଅପେକ୍ଷାରେ। ଆମ୍ବେଦକରଙ୍କ ହାତତିଆରି ସମ୍ବିଧାନ ଓ ତାର ଭବିଷ୍ୟତକୁ ସାଧାରଣଜନତାଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିଥିବା ଶାସନ ବ୍ୟବସ୍ଥାକୁ ଆଜି ଯେଉଁରୂପରେ ଉପସ୍ଥାପନ କରାଯାଉଛି ତାହା ଏବେବି କିଛି ଗୋଷ୍ଠୀଙ୍କପାଇଁ ଅଭିମାନ, ଅହଙ୍କାର ତଥା ସ୍ୱେଚ୍ଛାଚାରିତା ପାଲଟି ଯାଇଥିବାବେଳେ ଅନ୍ୟଗୋଷ୍ଠୀଙ୍କପାଇଁ ସନ୍ଦେହ ସହ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସନ୍ଦେହ ସୃଷ୍ଟି ସହ ପ୍ରଶ୍ନବାଚୀ ଏକ ସ୍ୱାଭାବିକ ବିଷୟ। ସମ୍ବିଧାନ ଭଳି ଏକ ପବିତ୍ର ମନ୍ଦିରର ନୀତି ନୈତିକତାକୁ କିଛି ସ୍ୱାର୍ଥବାଦୀଗୋଷ୍ଠୀ ଦୀର୍ଘଦିନରୁ ତାର ଦୁରୋପଯୋଗ କରିଚାଲିଛନ୍ତି। ନିଜକୁ ଦଳିତ ଅବହେଳିତ ଘୃଣିତ, ନିଷ୍ପେସିତ, ନିର୍ଯାତିତ ସହ ଆହୁରି କେତେକଣ ଭାବପ୍ରବଣତାର ଶବ୍ଦକୁ ହତିଆର କରି ଏ ଦେଶରେ କେତେ କଣ କରୁଛନ୍ତି ତାର ହିସାବ ଆମ ପାଖରେ ନାହିଁ। ଅଧିକାଂଶ କ୍ଷେତ୍ରରେ ଅଧିକାରର ହେଉଛି ଦୁରପୋଯୋଗ। କେବଳ ସମ୍ବିଧାନିକ ମୌଳିକ ଅଧିକାରର ସମାନତାକୁ ନେଇ ଚାଲିଛି ଦଳୀୟ ରାଜନୀତି। ସ୍ୱାଧୀନତା ପାଇଁ ଲଢ଼େଇ କରିଥିବା ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟଥିଲା ଦେଶର ସ୍ୱତନ୍ତ୍ରତା ସହ ବ୍ୟକ୍ତିର ସ୍ୱାଧୀନତା ଓ ଅଧିକାର। ଜାତି, ବର୍ଣ୍ଣ ଓ ଲିଙ୍ଗଗତ ବୈଶମ୍ୟତାର ଉର୍ଦ୍ଧ୍ୱରେ ଦେଶର ଶାସନ ବ୍ୟବସ୍ଥା। ଦୀର୍ଘଦିନ ଧରି ଉପେକ୍ଷିତ ଅଛୁଆଁ-ଦଳିତ-ଅବହେଳିତ ଗୋଷ୍ଠୀଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ମୌଳିକ ଅଧିକାର ସହ ଦେଶର ଗଣତନ୍ତ୍ରରେ ପ୍ରତିନିଧିତ୍ୱ ଓ ଅନ୍ୟାନ୍ୟ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାକୁ ଭାରତୀୟ ସମ୍ବିଧାନରେ ପ୍ରଣୟନ ଥିଲା ଆମ୍ବେଦକରଙ୍କ ପ୍ରାଥମିକ ବିଚାରଧାରା।

ବିଶ୍ୱ ଇତିହାସରେ ସବୁକ୍ଷେତ୍ରରେ ଜାତି-ବର୍ଣ୍ଣ-ଧର୍ମ ଓ ଲିଙ୍ଗ ଆଧାରରେ ପରିଚାଳିତ ହେଉଛି ଶାସନତନ୍ତ୍ର। ଦଳିତଗୋଷ୍ଠୀର ପୃଷ୍ଠପୋଷକଭାବେ ଆମ୍ବେଦକର ନିଜର ବିଚାରଧାରାକୁ ଚରିତାର୍ଥ କରିବା ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ପ୍ରତିଟି ଉଚ୍ଚସ୍ଥାନରେ ଅଧିଷ୍ଠିତ ତଥା ଦାୟିତ୍ୱ ତୁଲାଉଥିବା ବ୍ୟକ୍ତି ନିଜ ପାରିପାର୍ଶିକ ଅଞ୍ଚଳରେ ଅବସ୍ଥାପିତ ନିଜ ବର୍ଣ୍ଣ ଓ ଧର୍ମର ଲୋକମାନଙ୍କର ସାମାଜିକ ପରିଚୟ ସୃଷ୍ଟି କରିବା ପ୍ରତ୍ୟେକ ନେତୃତ୍ୱର ଏକ ମାନସିକ ଅବସ୍ଥା। ଜାତିଗତ ତଥା ଧର୍ମଗତ ଦୃଷ୍ଟିକୋଣରୁ ପ୍ରତ୍ୟେକ ବ୍ୟକ୍ତିର ଏକ ମାନସିକ ସ୍ୱଭାବ ନିଜ ଧର୍ମ ଓ ଜାତି ସମୁଦାୟର ଉତ୍ଥାନ। ବର୍ଣ୍ଣ ଓ ଧର୍ମର ସାମାଜିକ ବ୍ୟବସ୍ଥା ପଛରେ ମୁଖ୍ୟ କାରଣ ହେଉଛି ଅନ୍ୟକୁ ନିୟନ୍ତ୍ରଣ ଓ ଦମନ କରିବା। ବିଗତଦିନରୁ ଆଜି ପର୍ଯ୍ୟନ୍ତ ଅଧିକାଂଶ ଲଢ଼େଇ ସମାଜର ବର୍ଣ୍ଣ ଓ ଧର୍ମ ବ୍ୟବସ୍ଥାପାଇଁ। ଖଣ୍ଡବିଖଣ୍ଡିତ ଭାରତ ତଥା ବିଶ୍ୱ ପ୍ରଚ୍ଛଦ ପଟରେ ଧାର୍ମିକ ଏବଂ ବର୍ଣ୍ଣଗତ ବିଭାଜନ। ବାରଭାଇଙ୍କ ବାର ଆଖଡ଼ାରୁ ବେଳେ ବେଳେ ଅନୁଭବ ହୁଏ ଏ ଦେଶର ମୂରବୀ କିଏ ? ଏ ବିଶ୍ୱର ମୂରିବୀ କିଏ ? ବିଶ୍ୱର କୋଣଅନୁକୋଣରେ ସମସ୍ତ ଦ୍ୱନ୍ଦ୍ୱ, ହିଂସା, ଆକ୍ରମଣ ଓ ପ୍ରତିଆକ୍ରମଣ ସହ ଜ୍ଞାତହେବା ସମ୍ଭବ ନୁହେଁ । କିନ୍ତୁ ଭାରତ ଭଳି ଦେଶରେ ଆନ୍ତରିକ ଦ୍ୱନ୍ଦ୍ୱ, ଲଢ଼େଇ, ହିଂସା, ପ୍ରତିବାଦ ଦିନକୁଦିନ ବୃଦ୍ଧି ହେବାରେ ଲାଗିଛି। ଗୋଟେପଟେ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ନାରୀଗୋଷ୍ଠୀକୁ ସୁବିଧାସୁଯୋଗ ଯୋଗାଇ ରାଜନୀତିକୁ ଆଗେଇବା ସହ ଶାସନରେ ଅଧିଷ୍ଠିତ ହେବାମୋହରେ ଶାସକ ଦଳ ଅନ୍ଧ, ଅନ୍ୟପଟେ ସାଧାରଣ ବର୍ଗର ଅଧିକାରକୁ ଧୀରେଧିରେ ସଙ୍କୁଚିତ କରାଯାଉଛି। ଆମ୍ବେଦକରଙ୍କ ଦଶବର୍ଷର ସଂରକ୍ଷଣକୁ ରାଜନୈତିକ ଦଳ ଦଶନ୍ଧି ପରେ ଦଶନ୍ଧି ଭୋଟ ହାତେଇବାର ଏକ ଅମୋଘ ଅସ୍ତ୍ର ରୂପେ ବ୍ୟବହାର କରିଚାଲିଛନ୍ତି। ବିଚାରା ସାଧାରଣ ବର୍ଗର ଲୋକଟିର ଭୁଲ୍ କ'ଣ ? ସ୍ୱାଧୀନ ଭାରତରେ ତା କଥା କିଏ ପଚାରୁଛି ନା ବୁଝୁଛି। ସମସ୍ତ ଯୋଗ୍ୟତା ଥାଇ ସାଧାରଣ ବର୍ଗର ଛାତ୍ରଟି ସଂରକ୍ଷଣ ରୋଗରେ ଆକ୍ରାନ୍ତ ହୋଇ ସେ ବି ଜାତୀୟ ସ୍ରୋତରେ ସାମିଲ ହୋଇପାରୁନି। ଏହା ଏ ଦେଶର ଗଣତନ୍ତ୍ରର ଦୁର୍ଭାଗ୍ୟ ନା ବିଡମ୍ବନା ? ଜଣକୁ ଶକ୍ତରୁ ଅଧିକ ଶସକ୍ତ କରିବାର ପ୍ରୟାସ ଓ ଅନ୍ୟକୁ ଦୁର୍ବଳରୁ ଅଧିକ ଦୁର୍ବଳ ଏହା କେଉଁ ସମ୍ବିଧାନର ନିୟମ ? କେଉଁ ସ୍ୱତନ୍ତ୍ରତା ଓ ମୌଳିକ ଅଧିକାର ? ଏଭଳି ମାନସିକତାରୁ ନେତାମନ୍ତ୍ରୀ କେବେ ନିବୃତ୍ତ ରହିବେ ? ଗଣତନ୍ତ୍ରରେ କାହିଁକି ଏତେ ପକ୍ଷପାତିତା ? କିଛି ଗୋଷ୍ଠୀଙ୍କୁ ଯୋଗ୍ୟ କରିବା ଲକ୍ଷ୍ୟରେ ଅନ୍ୟ ଏକ ଗୋଷ୍ଠୀକୁ ଅଯୋଗ୍ୟ ଓ ଅଲୋଡ଼ା ଏହା କେଉଁ ନ୍ୟାୟରେ ଅନ୍ତର୍ଭୁକ୍ତ ? ଗୋଟେପଟେ ନାରୀକୁ ନାରାୟଣୀ, ଦୁର୍ଗତୀନାସିନୀ କହି ସକଳ ଶକ୍ତିର ଆଧାର କରି ନାରୀଜାତିର ମହିମାମଣ୍ଡନ ପୁଣି ନାରୀଟିକୁ ନ୍ୟାୟଦେବା ଉଦ୍ଦେଶ୍ୟରେ ମହିଳା ସଶକ୍ତିକରଣ ସହ ମହିଳା କମିଶନ ଗଠନ। ବେଳେବେଳେ ନାରୀ ସୁରକ୍ଷା ଓ ଥଇଥାନ ଏକ ହାସ୍ୟାସ୍ପଦ କଥାଭଳି ଲାଗେ। ନିକଟରେ ବିଶ୍ୱବିଦ୍ୟାଳୟ ଅନୁଦାନ ଦ୍ୱାରା ଶିକ୍ଷାକ୍ଷେତ୍ରରେ ନିର୍ଯାତିତ ହେଉଥିବା ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗର କର୍ମରତ ବ୍ୟକ୍ତିମାନେ ଭେଦଭାବର ମାନସିକ ଯନ୍ତ୍ରଣାର ଉପଶମ ପାଇଁ ସଦନରେ ଏକ ବିଲ୍ ପାସ୍ ନିଶ୍ଚିତ ରୂପେ ଏକ ନୂଆ ରାଜନୈତିକ ପଶାଗୋଟି। ଏ ଦେଶରେ ଉନ୍ନୟନମୂଳକ ତଥା ସଂରକ୍ଷଣ ବ୍ୟବସ୍ଥା କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ମଧ୍ୟରେ ସୀମିତ ହେବାପଛରେ ଭୋଟ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ଭଳି ଦେଶରେ ଜାତିଗତ ସମୀକରଣରେ ଶାସକଗୋଷ୍ଠୀ ସର୍ବଦା ଚେଷ୍ଟିତ। ମାତ୍ରାଧିକ ଭୋଟ ହାତେଇବା ଗଣିତରେ ଜାତିଗତ ସମୀକରଣର ଏକ ଦୀର୍ଘସ୍ଥାୟୀ ବ୍ୟବସ୍ଥା। ବ୍ୟକ୍ତିର ସ୍ୱାଧୀନତା, ଅଧିକାର, ସମାନତା ଓ ନ୍ୟାୟ ଜାତି ଆଧାରରେ ନିର୍ଦ୍ଧାରିତ ଏହା ବିଗତଦିନରୁ ସ୍ପଷ୍ଟ। ଯଦି ସଂଖ୍ୟାଗତ ଜାତି ଆଧାରରେ ସଂରକ୍ଷଣକୁ ପ୍ରୋତ୍ସାହନ ସହ ଥଇଥାନ କରାଯାଏ ତେବେ ଏ ରାତି ଆଉ ପାହିବନି କାରଣ ଥରେ ମୁହଁରେ ମହୁବେସର ସ୍ୱାଦ ଲାଗିଲେ ତାହା ଏତେ ସହଜରେ ଦୂରେଇ ହେବନି। ସଶକ୍ତି କାହାକୁ କରିବା ଦୁର୍ବଳକୁ ନା ସବଳକୁ । ସଂରକ୍ଷଣ ଆଧାରରେ ଭିନ୍ନଭିନ୍ନ କ୍ଷେତ୍ରରେ ନିଯୁକ୍ତ ବ୍ୟକ୍ତିଟି ଏବେ ଦୁର୍ବଳ ନା ସବଳ ? ନିଶ୍ଚିତଭାବେ ସବଳ ଏଥିରେ ଦ୍ୱିମତ ନାହିଁ। ଯେଉଁ ଦୁର୍ବଳତାର ପ୍ରତିକାରପାଇଁ ସଂରକ୍ଷଣ, ତାର କ'ଣ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁକି ? ସାମାଜିକ ଓ ଆର୍ଥିକ ସଶକ୍ତସତ୍ତ୍ୱେ ପୁନଶ୍ଚ ନିଜକୁ ଦୁର୍ବଳ ଅନୁଭବ କରିବା ନିହାତି ହାସ୍ୟାସ୍ପଦ। କାହାକୁ କହିବା କିଏ ଶୁଣିବ ? ଶୁଣିବା ଲୋକଟି ଶୁଣି ମଧ୍ୟ ନଶୁଣିଲା ପରି। ଖଣ୍ଡେ ଭୋଟ ଓ ଗାଦି ମାଡ଼ିବସି ରାଜୁତି କରୁଥିବା ଲୋକଗୁଡ଼ାକ ପାଇଁ ସଂରକ୍ଷଣ ଏକ ପ୍ରମୁଖ ଅସ୍ତ୍ର ଯାହାର କୌଣସି ବିକଳ୍ପ ନାହିଁ। ସଶକ୍ତ ନାମରେ ରାଜନୀତି କରିକରି ନେତାମନ୍ତ୍ରୀଗୁଡ଼ାକ ଅଧିକ ସଶକ୍ତ ହୋଇଗଲେଣି କିନ୍ତୁ ସଶକ୍ତ ଉହାଡରେ ସାଧାରଣବର୍ଗଙ୍କୁ ଅବହେଳିତ ଓ ଦୁର୍ବଳ କରୁନାହାନ୍ତି ତ ?

# ବିଭାଜନର ପରିବର୍ତ୍ତିତ ଚେହେରା: ହିନ୍ଦୁ-ମୁସଲିମରୁ ହିନ୍ଦୁ-ହିନ୍ଦୁ ପର୍ଯ୍ୟନ୍ତ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ଏକ ସମୟରେ ବିଭାଜନର ରେଖା ମୁଖ୍ୟତଃ ହିନ୍ଦୁ-ମୁସଲିମ ସମୁଦାୟଙ୍କ ଭିତରେ ଟଣା ଯାଉଥିଲା ଏବଂ ରାଜନୀତି ସଂଖ୍ୟାଗରିଷ୍ଠଙ୍କ ଅସୁରକ୍ଷା ବନାମ ଅଳ୍ପ ସଂଖ୍ୟକ ଭୟର ସରଳ ସମୀକରଣକୁ ନେଇ ଖେଳା ଯାଉଥିଲା। କିନ୍ତୁ ଏବେ ସେଇ ରାଜନୀତି ସମାଜ ଭିତରେ ଗୋଟିଏ ଧାର୍ମିକ ପରିଚୟ ଭିତରେ ନୂଆ ବିଭାଜନର ରେଖା ଟାଣିବାକୁ ଯାଉଛି। ଆଜିର ଭାରତରେ ଧର୍ମ କେବଳ ଆସ୍ଥା ଓ ବିଶ୍ୱାସ ଭଳି ବ୍ୟକ୍ତିଗତ ପ୍ରସଙ୍ଗ ବା ବିଷୟ ହୋଇ ରହିନାହିଁ। ଏହା ଶାସନ, ପରିଚୟ, ମନଗଢ଼ା କାହାଣୀ ଏବଂ ସାମାଜିକ ନିୟନ୍ତ୍ରଣର ଏକ ପ୍ରଭାବୀ ଅସ୍ତ୍ର ପାଲଟି ଯାଇଛି । ଏହି ବ୍ୟାପକ ପୃଷ୍ଠଭୂମିରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଭେଦଭାବ-ନିରୋଧକ ଆଇନକୁ ବୁଝିବା ଏବଂ ପରଖିବା ଆବଶ୍ୟକ ହୋଇପଡିଛି। କାଗଜରେ ଏହି ନୂଆ ନିୟମ ସମାନତା, ମର୍ଯ୍ୟାଦା, ନ୍ୟାୟର କଥା କହୁଛି। ଏହାର ଉଦ୍ଦେଶ୍ୟ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଜାତି, ଧର୍ମ, ଲିଙ୍ଗ, ଭାଷା, ଅଞ୍ଚଳ, ସାମାଜିକ ପୃଷ୍ଠଭୂମି ଅଥବା କୌଣସି ଅନ୍ୟ ଆଧାରରେ ହେଉଥିବା ଭେଦଭାବକୁ ରୋକାଯିବ। ଅଭିଯୋଗ ନିବାରଣର ସଂସ୍ଥାଗତ ବ୍ୟବସ୍ଥା ନିର୍ମାଣ କରାଯିବ ଯେଉଁଠି ଛାତ୍ର ଏବଂ ଶିକ୍ଷକଙ୍କୁ ଏକ ସୁରକ୍ଷିତ ଏବଂ ସମ୍ମାନଜନକ ବାତାବରଣ ମିଳିବ। କିନ୍ତୁ କୌଣସି ନୀତିର ମୂଲ୍ୟାଙ୍କନ କେବଳ ଘୋଷିତ ଉଦ୍ଦେଶ୍ୟରେ କରାଯାଏ ନାହିଁ ବରଂ ଏହାର କାର୍ଯ୍ୟକାରୀତା, ତାର ରାଜନୈତିକ ସନ୍ଦର୍ଭ ଏବଂ ତାହାର ସାମାଜିକ ପ୍ରଭାବକୁ ନେଇ କରାଯିବା ଉଚିତ୍।

ସମସ୍ୟା ହେଉଛି ସେଇ ବିଚାରଧାରା ଏବଂ ରାଜନୈତିକ ପରିସ୍ଥିତିରେ ଏହି ନିୟମକୁ ଲାଗୁ କରାଯାଉଛି। ବିଗତ ଏକ ଦଶନ୍ଧି ହେବ ଭାରତୀୟ ରାଜନୀତିରେ ପରିଚୟକୁ ନୀତିଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସାମାଜିକ ପ୍ରଶ୍ନର ସଂରଚନାତ୍ମକ ସୁଧାର ପରିବର୍ତ୍ତେ ଭାବନାତ୍ମକ ଧ୍ରୁବୀକରଣ ମାଧ୍ୟମରେ ସମ୍ବୋଧିତ କରାଯାଉଛି। ପୂର୍ବରୁ ଏହି ଧ୍ରୁବୀକରଣ ହିନ୍ଦୁ ବନାମ ମୁସଲିମର ସ୍ପଷ୍ଟରେଖା ଉପରେ ଆଧାରିତ ଥିଲା। ମନ୍ଦିର, ମସଜିଦ୍, ଆସ୍ଥା, ଇତିହାସ ଏବଂ ରାଷ୍ଟ୍ରବାଦ ନାମରେ ସମାଜକୁ ଦୁଇ ଭାଗରେ ବଣ୍ଟାଯାଇଥିଲା। କିନ୍ତୁ ଯେତେବେଳେ ଏହି ଧ୍ରୁବୀକରଣ ଚରମ ସ୍ତରରେ ପହଞ୍ଚିଲା ଏବଂ ଏହାର ନିର୍ବାଚନୀ ଉପଯୋଗିତା ସୀମିତ ହେବାରେ ଲାଗିଲା ସେତେବେଳେ ରାଜନୀତି ଏକ ନୂଆ ବିଭାଜନ ସୃଷ୍ଟି କରିବା ଆରମ୍ଭ କରିଦେଲା। ଏବେ ଏହି ରାଜନୀତି ହିନ୍ଦୁ ସମାଜ ଭିତରେ ଜାତି, ଉପଜାତି, ସାମାଜିକ ସ୍ଥିତି, ସାଂସ୍କୃତିକ ପ୍ରଥା, ଖାଇବା ପିଇବା ପୋଷାକ, ଭାଷା ଏବଂ ଆଞ୍ଚଳିକ ପରିଚୟର ଆଧାରରେ ନୂଆ ରେଖା ଟାଣିବାକୁ ଯାଉଛି। ହିନ୍ଦୁ ସମାଜକୁ ଏକ ସମରୂପ, ଏକଜୁଟ ସଂସ୍ଥା ଭାବରେ ପ୍ରସ୍ତୁତ କରାଯାଉଛି। କିନ୍ତୁ ବାସ୍ତବିକତା ହେଉଛି ଯେ ଏହି ସମାଜ ସ୍ୱୟଂ ଐତିହାସିକ ରୂପରେ ବିଭାଜିତ, ସବର୍ଣ୍ଣ ଏବଂ ଅସବର୍ଣ୍ଣ, ଓବିସି ଏବଂ ଦଳିତ, ଆଦିବାସୀ ଏବଂ ଅଣଆଦିବାସୀ, ସହରୀ ଏବଂ ଗାଉଁଲି, ଉତ୍ତର ଓ ଦକ୍ଷିଣ ଏବଂ କେନ୍ଦ୍ର ଓ ପରିଧି।

ସମାଜର ଏହି ଅନ୍ତର୍ବିରୋଧର ସମାଧାନ ପରିବର୍ତ୍ତେ ରାଜନୀତି ଏହି ବିଭାଜନକୁ ଅଧିକ ଗଭୀର କରୁଥିବା ଦେଖାଯାଉଛି। କାରଣ ହେଉଛି ସମାଜ ଏକଜୁଟ ରହିଲେ ପ୍ରଶ୍ନ କରିବ। କିନ୍ତୁ ବିଭାଜିତ ସମାଜକୁ ଭାବନା ମାଧ୍ୟମରେ ପରିଚାଳିତ କରିହେବ। ଏହି ରଣନୀତି ଅନୁସାରେ ଶିକ୍ଷା ସଂସ୍ଥାନ ବିଶେଷକରି ବିଶ୍ୱବିଦ୍ୟାଳୟ ଏକ ନୂଆ ରଣକ୍ଷେତ୍ରରେ ପରିଣତ ହେବାକୁ ଯାଉଛି। ବିଶ୍ୱବିଦ୍ୟାଳୟ କେବଳ ଡିଗ୍ରୀ ଦେଉଥିବା ଏକ କାରଖାନା ନୁହେଁ ବରଂ ବିଚାରର ନିର୍ମାଣ ଆଲୋଚନାତ୍ମକ ଚେତନା ଏବଂ ସାମାଜିକ ବିମର୍ଷର କେନ୍ଦ୍ର ଅଟେ। କିନ୍ତୁ ସେହି ବିଶ୍ୱବିଦ୍ୟାଳୟ ଯେତେବେଳେ ପରିଚୟର ରାଜନୀତିର ଚାପରେ ଆସେ ସେତେବେଳେ ଶିକ୍ଷାର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରେ ନାହିଁ। ୟୁଜିସିର ଭେଦଭାବ ନିରୋଧକ ନିୟମ ଏହି ସନ୍ଦର୍ଭରେ ଏକ ସମ୍ବେଦନଶୀଳ ଏବଂ ବିବାଦୀୟ ଅସ୍ତ୍ର ପାଲଟି ଯାଇପାରେ। ୟୁଜିସି ଆଇନର ସମର୍ଥକ ମାନଙ୍କ ଯୁକ୍ତି ହେଉଛି ବିଶ୍ୱବିଦ୍ୟାଳୟ ପରିସରରେ ଦୀର୍ଘ ସମୟ ହେଲା ବଞ୍ଚିତ ଗୋଷ୍ଠୀଙ୍କ ସହ ଅନ୍ୟାୟ ହେଉଛି, ଭେଦଭାବ ବଢୁଛି ଏଣୁ ଏହି ନିୟମର ଆବଶ୍ୟକତା ରହିଛି। କିନ୍ତୁ ଏହି ଯୁକ୍ତି ନିରାଧାର ବୋଲି କୁହାଯାଇପାରେ।

ଭାରତର ସାମାଜିକ ଇତିହାସରୁ ସ୍ପଷ୍ଟ ଯେ ସଂସ୍ଥାଗତ ହସ୍ତକ୍ଷେପ ବିନା ସମାନତା କେବଳ ଏକ ଆଦର୍ଶ ଭାବେ ରହିଯାଇଥାଏ। ୟୁଜିସି ଆଇନ୍‌ର ଆଲୋଚକ ମାନଙ୍କ ପ୍ରଶ୍ନ ହେଉଛି ଯେ ଏହି ନୂଆ ଆଇନ୍ ବାସ୍ତବିକ୍‌ଭାବେ ଉତ୍ପୀଡ଼ନକୁ ସମାପ୍ତ କରିବ ନା ପୁଣି ସେଇ ପରିଚୟର ରାଜନୀତିକୁ ଶିକ୍ଷାସଂସ୍ଥାନ ପରିସରରେ ସଂସ୍ଥାଗତ ରୂପ ଦେବ ? ସମସ୍ୟା ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ସବୁ ଅସହମତି, ସବୁ ବିଚାରଗତ ଲଢେଇ ଏବଂ ସବୁ ଅସୁବିଧାଜନକ ପ୍ରଶ୍ନକୁ ଭେଦଭାବର ଶ୍ରେଣୀରେ ରଖି ଦେଖାଯାଏ। ବିଶ୍ୱବିଦ୍ୟାଳୟ ହେଉଛି ଚିନ୍ତନ-ମନ୍ଥନ, ବିଚାର-ବିମର୍ଷର ସ୍ଥାନ। ଏଠି ବିଚାର ମଧ୍ୟରେ ଲଢ଼େଇ ହୁଏ, ମତଭେଦ ମଧ୍ୟ ହୁଏ, ଅସହମତି ଥାଏ। ଯଦି ଏହି ସ୍ୱାଭାବିକ ପ୍ରକ୍ରିୟାକୁ ରାଜନୈତିକ ଦୃଷ୍ଟିରେ ଦେଖାଯାଏ ତେବେ ଭୁଲ ହୋଇଥାଏ। ଯେତେବେଳେ ଅଭିଯୋଗ ନିବାରଣ ସଂସ୍ଥା ଆଲୋଚନାରେ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଦଣ୍ଡିତ କରିବାକୁ ଗୁରୁତ୍ୱ ଦିଅନ୍ତି ତେବେ ଭୟଙ୍କର ବାତାବରଣ ସୃଷ୍ଟି ହେବା ନିଶ୍ଚିତ। ଏଭଳି ଅବସ୍ଥା ସୃଷ୍ଟି ହେଲେ ସମ୍ବେଦନଶୀଳ ସାମାଜିକ ପ୍ରସଙ୍ଗକୁ ପଢ଼ାଇବା ବେଳେ ଶିକ୍ଷକ ଡରିବେ ଓ ଛାତ୍ର ପ୍ରଶ୍ନ ପଚାରିବା ପାଇଁ ମଧ୍ୟ ଡ଼ରିବେ। ଏହା ଦ୍ୱାରା ଏକାଡ଼େମୀକ ସ୍ୱତନ୍ତ୍ରତା ଦୁର୍ବଳ ହେବ।

ଭାରତରେ ଜାତିଗତ ଭେଦଭାବ ଏକ ଐତିହାସିକ ଏବଂ ସଂରଚନାତ୍ମକ ସତ୍ୟ ଅଟେ। ବିଶ୍ୱବିଦ୍ୟାଳୟ ପରିସରରେ ମଧ୍ୟ ଏଭଳି ଘଟୁଥିବାର ଉଦାହରଣ ରହିଛି ଯାହାକୁ ଗୁରୁତ୍ୱର ସହ ବିଚାର କରାଯିବା ଆବଶ୍ୟକ। କିନ୍ତୁ ସମସ୍ୟା ସେତିକିବେଳେ ସୃଷ୍ଟିହୁଏ ଯେତେବେଳେ ସବୁ ସାମାଜିକ ପ୍ରଶ୍ନର ସମାଧାନ ପରିବର୍ତ୍ତେ ଧ୍ରୁବୀକରଣ କରାଯାଏ। ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ସମାନତାର ଭାଷା ଭିତରେ ଅସମାନତାର ନୂଆ ରୂପ ଜନ୍ମ ନିଏ। ସମସ୍ୟା ସେତେବେଳେ ହୁଏ ଯେତେବେଳେ କିଛି ସ୍ୱରକୁ ସଂରକ୍ଷିତ ବୋଲି ଗ୍ରହଣ କରାଯାଏ ଓ କିଛି ସ୍ୱରକୁ ସନ୍ଦେହ ଦୃଷ୍ଟିରେ ଦେଖାଯାଏ। ଏ ସବୁରେ ରାଜନୈତିକ ଦଳ ମାନଙ୍କର ଭୂମିକା ରହିଛି। ଶାସକ ଦଳ ଏହି ନିୟମକୁ ସାମାଜିକ ସମରସତ୍ତା ଏବଂ ସମାନ ଅବସର ଦିଗରେ ଐତିହାସିକ ପଦକ୍ଷେପ ଭାବେ ପ୍ରସ୍ତୁତ କରିଥାନ୍ତି। କିନ୍ତୁ ବିରୋଧି ଏହାକୁ ସଂସ୍ଥାନ ଉପରେ ନିୟନ୍ତ୍ରଣ, ବୈଚାରିକ ଦମନ ଏବଂ ଅସହମତିକୁ ଚାପି ଦେବାର ପ୍ରୟାସ ବୋଲି କହିଥାନ୍ତି। କିନ୍ତୁ ଶାସକ ଓ ବିରୋଧି ପ୍ରାୟତଃ ଏହି ମୂଳ ପ୍ରଶ୍ନକୁ ଅଣଦେଖା କରିଥାନ୍ତି ଯେ ଶିକ୍ଷା ବ୍ୟବସ୍ଥାକୁ ବାସ୍ତବିକ୍ ଭାବେ କେମିତି ସୁଧରା ଯାଇପାରିବ। ଶିକ୍ଷକ-ଛାତ୍ର ଅନୁପାତ କେମିତି ସୁଧୁରିବ। ଗବେଷଣା, ନବାଚାର ଏବଂ ବୌଦ୍ଧିକ ସ୍ୱତନ୍ତ୍ରତା କେମିତି ଆଗକୁ ବଢିବ। ସାମାଜିକ ବିବିଧତାକୁ ସମ୍ମାନ ସହ କେମିତି ସମାହିତ କରାଯିବ।

ଧର୍ମକୁ ନେଇ ରାଜନୀତିର ସବୁଠାରୁ ବିପଦଜନକ ପାର୍ଶ୍ୱ ହେଉଛି ଜଟିଳ ସଂରଚାତ୍ମକ ସମସ୍ୟାର ପରିଚୟକୁ ସହଜ ଲଢେଇରେ ପରିବର୍ତ୍ତନ କରିଦିଏ। ସେଠାରେ ସମାଧାନ ନାହିଁ ବରଂ ପକ୍ଷ ବାଛିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଏହି ପ୍ରବୃତ୍ତି ଏବେ ବିଶ୍ୱବିଦ୍ୟାଳୟରେ ପହଞ୍ଚିଛି। ଛାତ୍ର ଏବେ କେବଳ ବିଦ୍ୟାର୍ଥୀ ହୋଇ ରହିଯିବେନି ବରଂ ସେମାନେ ନିଜକୁ କୌଣସି ଏକ ନିର୍ଦ୍ଦିଷ୍ଟ ପରିଚୟର ପ୍ରତିନିଧି ଭାବେ ଦେଖିବେ। ଏହାଫଳରେ ସ୍ଥିତି ଯେ କେବଳ ଶିକ୍ଷା ପାଇଁ ବିଗିଡିବ ତା ନୁହେଁ ବରଂ ଗଣତନ୍ତ୍ର ପାଇଁ ଘାତକ ସାବ୍ୟସ୍ତ ହେବ। ବିଶ୍ୱବିଦ୍ୟାଳୟ ମାନେ ଭବିଷ୍ୟତର ନାଗରିକଙ୍କୁ ଗଢିଥାନ୍ତି, ଯଦି ସେଠାରେ ବିଭାଜନ, ସନ୍ଦେହ ଏବଂ ଭୟର ମାନସିକତା ଦେଖାଯିବ ତେବେ ସମାଜରୁ ସହିଷ୍ଣୁତା ଲୋପ ପାଇଯିବ। ଏଣୁ ୟୁଜିସିର ନୂଆ-ନିୟମ ବାବଦରେ ଗଭୀର ଭାବେ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ଏ ପ୍ରସଙ୍ଗରେ ଆଗତ ଏକ ମାମଲାର ଶୁଣାଣି ବେଳେ ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି କହିଛନ୍ତି ଯେ 'ଆମେ ଜାତି ବିହୀନ ସମାଜ ଚାହୁଁଛୁ, ଆପଣ କ'ଣ ଦେଶକୁ ସେଇ ପୁରୁଣା ସମୟ ଆଡ଼କୁ ନେଇଯିବାକୁ ଚାହାଁନ୍ତି ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ଫେବୃୟାରୀ ୨୦୨୬ ସୋମବାର





# କେନାଲ ବନ୍ଧ ରାସ୍ତା ନିମ୍ନମାନର ଅଭିଯୋଗରେ କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



ଏହି ଜିଲ୍ଲାର ଧାମନଗର ବ୍ଲକର କଲ୍ୟାଣୀ ବଡ ପୋଲ ଠାରୁ କୋଠାର ପର୍ଯ୍ୟନ୍ତ ଲମ୍ବିଥିବା ଆଖୁଆପଦା ଜଳସେଚନ ବିଭାଗ ଅଧିନସ୍ଥ ୪ ନମ୍ବର କେନାଲର ଦକ୍ଷିଣପାର୍ଶ୍ୱ ବନ୍ଧ ରାସ୍ତାର ପିଚୁ କାର୍ଯ୍ୟରେ ନିମ୍ନମାନ କାର୍ଯ୍ୟ ହେଉଥିବା ଅଭିଯୋଗ କରି ଗ୍ରାମବାସୀମାନେ କାର୍ଯ୍ୟ ବନ୍ଦ କରିଛନ୍ତି। ରାତିରେ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ପିଚୁ କାର୍ଯ୍ୟ କରାଯାଉଥିବା ଓ ନିୟମ ଅନୁସରଣ ହେଉନଥିବାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରାୟ ୩ କିଲୋମିଟର ଲମ୍ବା ଏହି ବନ୍ଧ ରାସ୍ତା ନିର୍ମାଣ ପାଇଁ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଏଷ୍ଟିମେଣ୍ଟ ପ୍ରସ୍ତୁତ ହୋଇଥିବାବେଳେ, ଦୁଇଜଣ ଠିକାଦାରଙ୍କ ନାମରେ ଟେଣ୍ଡର ହୋଇଛି। ଗ୍ରାମବାସୀମାନଙ୍କ ଅଭିଯୋଗ ଅନୁସାରେ, ପିଚୁ କାର୍ଯ୍ୟ ପୂର୍ବରୁ ରାସ୍ତାର ଭିତ୍ତିକୁ ନିୟମ ଅନୁସାରେ ପ୍ରସ୍ତୁତ କରାଯାଇନାହିଁ। ନିୟମ ଅନୁସାରେ ପ୍ରଥମେ ଦଷ୍ଟ ଓ ଚିପ୍ସ ଗୋଳା ପକାଇ ଭଲଭାବେ ରୋଲର କରାଯିବା ପରେ ଧୂଳି ସଫା କରି ପ୍ରଥମ ପର୍ଯ୍ୟାୟ ପିଚ୍ ଏବଂ ଶେଷ ପର୍ଯ୍ୟାୟ ଫାଇନାଲ୍ ପିଚ୍ କରାଯିବା କଥା। ଏହାସହିତ ଭାଇବ୍ରେଟର ରୋଲର ଦ୍ୱାରା ରାସ୍ତାକୁ ସମତଳ ଓ ଦୃଢ଼ କରିବା ଆବଶ୍ୟକ। କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ ମିଳି ମିଶି ଏହି ସମସ୍ତ ନିୟମକୁ ଅଣଦେଖା କରି ରାତି ଅଧିଆ ନିମ୍ନମାନର ପିଚ୍ କାର୍ଯ୍ୟ କରାଯାଉଛି। ନିୟମ ଅନୁସାରେ ଦିନବେଳେ ଓ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟ ହେବାକୁଥିବା ସ୍ଥାନରେ ରାତିରେ ପିଚ୍ କାମ ହେଉଥିବାରୁ ସନ୍ଦେହ ଓ ଅସନ୍ତୋଷ ବଢ଼ିଥିଲା। ଏନେଇ ଜଳସମ୍ପଦ ବିଭାଗର ଯନ୍ତ୍ରୀ କହିଛନ୍ତି ଯେ, ରାତିରେ କାର୍ଯ୍ୟ ହେଉଥିବାକୁ ନେଇ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ମୋ ଉପସ୍ଥିତିରେ ଭଲ କାମ କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସାଧାରଣ ହୋଇଥିବା କହିଛନ୍ତି। ତେବେ ଏ ନେଇ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଗୁଣ୍ଡୁରିଆ ଗାଁକୁ ସହିଦ ସ୍ଥଳ ମାନ୍ୟତା ପ୍ରଦାନ ପାଇଁ ଦାବି

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**



ମୟୁରଭଞ୍ଜର ଜାଲିଆନାୱାଲାବାଗ ଗୁଣ୍ଡୁରିଆ ଗାଁ। ନିଜ ହକ୍ ଓ ଅଧିକାର ପାଇଁ ପୋଲିସ ଗୁଳିରେ ନିହତ ହୋଇଥିଲେ ଶତାଧିକ ଆଦିବାସୀ। ଗୁଣ୍ଡୁରିଆ ଗୁଳିକାଣ୍ଡକୁ ୭୭ବର୍ଷ ବିତିଯାଇଥିଲେ ମଧ ଆଜି ବି ଆଦିବାସୀଙ୍କ ଆଖିରେ ଝଲସି ଉଠୁଛି ୧୯୪୯ ମସିହା ଗୁଣ୍ଡୁରିଆରେ ଘଟିଥିବା ସେହି ଲୋମ ଟାଙ୍କୁରା ଇତିହାସ। ମନେପଡିଯାଉଛି ନିରୀହ ଆଦିବାସୀଙ୍କ ଉପରେ ହୋଇଥିବା ଆଖିବୁଜା ଗୁଳି ଚାଳନାର ଦୃଶ୍ୟ। ୧୯୪୭ ମସିହାରେ ଭାରତ ସ୍ୱାଧୀନ ପାଇଲା ପରେ ରାଜା ଶାସିତ ଛୋଟ ବଡ ରାଜ୍ୟ ଗୁଡିକ ଭାରତ ସହ ମିଶ୍ରଣ ହେଉଥିଲା। କିନ୍ତୁ ମୟୁରଭଞ୍ଜ ରାଜ୍ୟ କାହା ସହ ମିଶିନଥିଲା। ମୟୁରଭଞ୍ଜ ବାସୀ ଚାହୁଁଥିଲେ ମୟୁରଭଞ୍ଜକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦିଆଯାଉ ଏବଂ ଏହାର ରାଜଧାନୀ ରାଇରଙ୍ଗପୁର ରହୁ ନଚେତ ବିହାର ସହ ମିଶାଯାଉ। ସୀମାନ୍ତବର୍ତ୍ତୀ ବିହାର ରାଜ୍ୟର ଛୋଟ ନାଗପୁରରେ ଅଧିକାଂଶ ଲୋକେ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ଭାଷା ଓ ଜାତି ଭିତ୍ତିକ ଆଧାରରେ ମୟୁରଭଞ୍ଜବାସୀ ଓଡ଼ିଶା ସହ ନମିଶି ବିହାର ସହ ମିଶିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ତୀବ୍ର ବିରୋଧ ପରେ ମଧ ୧୯୪୯ ମସିହା ଜାନୁଆରୀ ୧ ତାରିଖ ଦିନ ଓଡ଼ିଶା ସହ ମିଶିଥିଲା ମୟୁରଭଞ୍ଜ ରାଜ୍ୟ। ମିଶ୍ରଣ ଘୋଷଣା ହେବା ପରେ ଏହା ବିରୋଧରେ ଆନ୍ଦୋଳନର ମୁଣ୍ଡ ଟେକିଥିଲା। ଏବଂ ଏହାର ନେତୃତ୍ୱ ନେଉଥିଲେ ଆଦିବାସୀ ସମ୍ପ୍ରଦାୟର ଜନନେତା ସୁନାରାମ ସୋରେନ। ମୟୁରଭଞ୍ଜକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦିଆଯାଉ ନଚେତ ବିହାର ସହ ମିଶାଯାଉ ବୋଲି ସ୍ୱର ଉତ୍ତୋଳନ ହେଲା। କିନ୍ତୁ ମୟୁରଭଞ୍ଜ ଓଡ଼ିଶା ସହ ମିଶିବା ପୂର୍ବରୁ ସରେଇକଳା ଓ ଖରସୁଆଁ ବିହାର ସହ ମିଶି ସାରିଥିଲା। ସେହି ସମୟରେ ବିହାର ରାଜ୍ୟର ଜୟପଲ ସିଂ 'ଆଦିବାସୀ ମହାସଭା'ର ସଭାପତି ଥିଲେ। ମିଶ୍ରଣ ବିରୋଧରେ ବିହାରରୁ ଜୟପଲ ସିଂ ଓ ମୟୁରଭଞ୍ଜରୁ ସୁନାରାମ ସୋରେନଙ୍କ ନେତୃତ୍ୱରେ ବହୁ ଆଦିବାସୀ ଏକତ୍ରିତ ହୋଇଥିଲେ। ନିଜର ଦାବି ଜଣାଇବା ପାଇଁ ମୟୁରଭଞ୍ଜ ରାଜାଙ୍କୁ ଭେଟିବାକୁ ଯାଉଥିବାବେଳେ ତଡି ଦେଉଥିଲେ ତତ୍କାଳୀନ ପ୍ରଶାସନ। ଶେଷରେ ନଦୀ ନାଳରେ ଘେରି ରହିଥିବା ଗୁଣ୍ଡୁରିଆ ଗାଁରେ ଜନସମାବେଶ ପାଇଁ ଚୟନ କରାଯାଇଥିଲା। ଏବଂ ୧୯୪୯ ମସିହା ଫେବୃୟାରୀ ୬ ତାରିଖ ଦିନ ସମାବେଶ ପାଇଁ ଡାକରା ଦିଆଯାଇଥିଲା। ଖବରପାଇ ମୟୁରଭଞ୍ଜର କୋଣ ଅନୁକୋଣରେ ଥିବା ଆଦିବାସୀ ଜାତି ଜନଜାତିମାନେ ଆନ୍ଦୋଳନରେ ସାମିଲ ହେବା ପାଇଁ ଗୁଣ୍ଡୁରିଆ ମହାସଭାରେ ଉପସ୍ଥିତ ହୋଇଥିଲେ। ଆଦିବାସୀଙ୍କ ଏହି ମହାସଭାକୁ ଭଙ୍ଗ କରିବା ପାଇଁ କଲେକ୍ଟର ଡି.ଏସ୍. ମାଥୁ ଓ ଏସଡିପିଓ ଅମର ସିଂ ଏକତ୍ରିତ ଜନସାଧାରଣଙ୍କ ଉପରେ ଗୁଳି ବର୍ଷଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ଫୋର୍ସଙ୍କ ଆଖିବୁଜା ଗୁଳି ଚାଳନାରେ ସହିଦ ହୋଇଥିଲେ ଅନେକ ନିରୀହ ଆଦିବାସୀ। ଆଉ ଗୁଣ୍ଡୁରିଆ ମାଟି ସାଜିଥିଲା ରକ୍ତର ନଈ। ଏବଂ ନେତୃତ୍ୱ ନେଉଥିବା ସୁନାରାମ ସୋରେନଙ୍କ ସହ ୩୦୦ ଲୋକଙ୍କୁ ଗିରଫ କରିଥିଲା ପୋଲିସ। ସେହିଦିନ ଠାରୁ ଫେବୃୟାରୀ ୬ ତାରିଖକୁ ସହିଦ ଦିବସ ଭାବେ ପାଳନ କରନ୍ତି ଆଦିବାସୀ ସମ୍ପ୍ରଦାୟର ଲୋକେ। ପୋଲିସ ଗୁଳିରେ ନିହତ ହୋଇଥିବା ବୀର ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ଓ ସ୍ମୃତି ଚାରଣ ପାଇଁ ଦୂର ଦୂରାନ୍ତରୁ ଆସିଥାନ୍ତି ଲୋକେ। ସହିଦଙ୍କୁ ପୂଜା କରିବା ପାଇଁ ଗାଁର ପୂଜକ ଗୁଳିକାଣ୍ଡ ସ୍ଥଳରେ ପୂଜା କରିଥାନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ସହିଦ ସ୍ଥଳର ମାନ୍ୟତା ଦେଇନାହାଁନ୍ତି। ଏଥିପାଇଁ ଗୁଳିକାଣ୍ଡ ସ୍ଥଳକୁ ସହିଦ ସ୍ଥଳର ମାନ୍ୟତା ପ୍ରଦାନ ଓ ସହିଦ ମାନଙ୍କୁ ଚିହ୍ନଟ କରିବା ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି।

# ଏମ୍ଏସ୍ଏମ୍ଇ କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ସଚେତନତା ଅଭିଯାନ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସ ଠାରେ ରପ୍ତାନି ପ୍ରୋତ୍ସାହନ ଏବଂ ମାର୍କେଟିଂ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ 'ଏମ୍.ଏସ୍.ଏମ୍.ଇ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ତ୍ୱରାନ୍ୱିତ କରିବା' କର୍ମଶାଳା ଅନୁଷ୍ଠିତ ହୋଇଛି। ଏହା ଏମ୍ଏସ୍ଏମ୍ଇ ଉପରେ ପ୍ରଚାର ଏବଂ ସଚେତନତା ଅଭିଯାନ ଅଟେ। ଭୌଗୋଳିକ ସଙ୍କେତ (ପ୍ରମାଣପତ୍ର ଏବଂ ଏମ୍ଏସ୍ଏମ୍ଇ କ୍ଷମତା ନିର୍ମାଣ) ଉପରେ ସଚେତନତାକୁ ସୁଦୃଢ଼ କରିବା ପାଇଁ ଆଜିର କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କାରିଗର, ଉଦ୍ୟୋଗୀ, ଶିଳ୍ପ ଅଂଶୀଦାର ଏବଂ ସରକାରୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟି ଜେନେରାଲ ମ୍ୟାନେଜର ଡିଆଇସି ସୂର୍ଯ୍ୟକାନ୍ତ ବେହେରାଙ୍କ ସ୍ୱାଗତ ଭାଷଣ ସହିତ ଆରମ୍ଭ ହୋଇଥିଲା। ସେ ଏମ୍ଏସ୍ଏମ୍ଇ ଏବଂ ପାରମ୍ପରିକ କାରିଗର ସମ୍ପ୍ରଦାୟକୁ ସୁଦୃଢ଼ କରିବା ପାଇଁ ସଂସ୍ଥାଗତ ସହାୟତା, ସଚେତନତା ଏବଂ ବଜାର ସଂଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍ଯ୍ୟ ଅଂଶୁମାନ ବଳବନ୍ତରାୟ, ସ୍ୱତନ୍ତ୍ର ଅଭିଭାଷଣ ପ୍ରଦାନ କରି ପାରମ୍ପରିକ ହସ୍ତଶିଳ୍ପ ସଂରକ୍ଷଣ, ଉତ୍ପାଦ ବିଶ୍ୱସନୀୟତା ବୃଦ୍ଧି ଏବଂ କାରିଗରମାନଙ୍କ ପାଇଁ ଜୀବିକା ନିର୍ବାହର ସୁଯୋଗ ଉନ୍ନତ କରିବାରେ ଜିଆଇ ପ୍ରମାଣପତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ବ୍ୟାପକ ବଜାରରେ ଓଡ଼ିଶାର ଅନନ୍ୟ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରିଥିଲେ। ଓଡ଼ିଶା ରାଜ୍ୟ ପାଇଁ ଜିଆଇ ପରାମର୍ଶଦାତା ଡକ୍ଟର ପାୟୋଧର ପାଢ଼ୀ, ପ୍ରାଧିକରଣ ଉପଭୋକ୍ତା ପ୍ରମାଣପତ୍ର ଉପରେ ବିଶଦ ଆଲୋଚନା କରିବା ସହିତ ବୈଷୟିକ ଅଧିବେଶନକୁ ପରିଚାଳନା କରିଥିଲେ। ପ୍ରମାଣପତ୍ର ପ୍ରକ୍ରିୟା, ଏହାର ଲାଭ ଏବଂ କାରିଗର ଏବଂ ଉଦ୍ୟୋଗୀମାନଙ୍କ ପାଇଁ ଉପଲବ୍ଧ ସହାୟତା ବ୍ୟବସ୍ଥା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଆଗାମୀ କମ୍ ଦିନ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ପଥର ଜିଆଇ ମାନ୍ୟତା ମିଳିଯିବ ବୋଲି ସେ କହିଥିଲେ। ନୀଳଗିରି ପଥରରେ ନିର୍ମିତ ବାସନ, ମୂର୍ତ୍ତି ଓ ମନ୍ଦିର ବିଷୟରେ ସେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ବ୍ଲକ୍‌ଚେନ୍ ଟେକ୍ନୋଲୋଜି ମାନ୍ୟତା ବିଷୟରେ ମଧ ସେ ସମ୍ୟକ୍ ଧାରଣା ଦେଇଥିଲେ। ବୈଷୟିକ ଅଧିବେଶନ ପରେ, ପ୍ରସିଦ୍ଧ ନୀଳଗିରି ପଥର ଖୋଦନ କାରିଗର ଗୋଲକ ପାତ୍ର, ଜିଆଇ ମାନ୍ୟତାର ମୂଲ୍ୟ ଏବଂ ପାରମ୍ପରିକ କାରିଗରୀଙ୍କୁ ସ୍ଥାୟୀ କରିବା ଏବଂ ବଜାର ସୁଯୋଗ ବିସ୍ତାର କରିବା ଉପରେ ଏହାର ପ୍ରଭାବ ଉପରେ ତାଙ୍କର ବ୍ୟବହାରିକ ଅଭିଜ୍ଞତା ବାଣ୍ଟି ଏକ ବିଶେଷ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ସକ୍ରିୟ ଆଲୋଚନା ହୋଇଥିଲା, ଯାହା ଉଦ୍ୟୋଗ ବିକାଶ, ବ୍ରାଣ୍ଡିଂ ଏବଂ ବଜାର ସମ୍ପ୍ରସାରଣ ପାଇଁ ଜିଆଇ ପ୍ରମାଣପତ୍ର ବ୍ୟବହାର କରିବାରେ ଦୃଢ଼ ଆଗ୍ରହକୁ ପ୍ରତିଫଳିତ କରିଥିଲା। ଚନ୍ଦନ କୁମାର ମାତୀଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ କର୍ମଶାଳା ଶେଷ ହୋଇଥିଲା। ଏମ୍ଏସ୍ଏମ୍ଇ ଅଭିବୃଦ୍ଧିକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ପାରମ୍ପରିକ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ସରକାରୀ ବିଭାଗ, ଶିଳ୍ପ ସଂସ୍ଥା ଏବଂ କାରିଗର ସମ୍ପ୍ରଦାୟ ମଧ୍ୟରେ ନିରନ୍ତର ସହଯୋଗକୁ ପୁନରାବୃତ୍ତି କରିଥିଲା।

# ବିଧବାଙ୍କୁ ବିବାହ ପ୍ରତିଶ୍ରୁତି ପରେ ପ୍ରତାରଣା:ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ମହିଳାଥାନା ପୋଲିସ ପକ୍ଷରୁ ଜଣେ ବିଧବା ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା ପରେ ପ୍ରତାରଣା ଅଭିଯୋଗରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ସ୍ଥାନୀୟ ଭୂପତି ସାହିର ସଲମନ ଖାନ (୨୭)। ପୋଲିସ ସୂଚନା ଅନୁଯାୟୀ, ଜୟପୁର ସହରର ଜଣେ ବିଧବା ମହିଳାଙ୍କ ଗତ ୨୦୧୯ ତାରିଖରେ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ଦୁଇଟି ଛୁଆକୁ ନେଇ ରହୁଥିଲେ। ଏହିପରି ବିଭିନ୍ନ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସହିତ ବଜାରରେ ବିକ୍ରି କରି ଜୀବିକା ନିର୍ବାହ କରୁଥିଲେ। ଏହିପରି କିଛି ଦିନ ପରେ ଅଭିଯୁକ୍ତ ଯୁବକ ସଲମନଙ୍କ ସହିତ ତାଙ୍କର ବ୍ୟବସାୟକୁ ନେଇ ସମ୍ପର୍କ ହୋଇଥିଲା। ସେହିପରି ଅଭିଯୁକ୍ତ ସଲମନ ତାଙ୍କୁ ମିଳିତ ଭାବେ ବ୍ୟବସାୟ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହିପରି ଉଭୟ ମିଳିତ ଭାବେ ବ୍ୟବସାୟ କରୁଥିଲେ ଏବଂ ଉଭୟଙ୍କ ମିଳାମିଶାରୁ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଏହିପରି ଅଭିଯୁକ୍ତ ଯୁବକ ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲା, କିନ୍ତୁ ମହିଳା ବିଧବା ଏବଂ ଦୁଇଟି ସନ୍ତାନ ରହିଥିବା ଯୋଗୁଁ ବିବାହ କରିବାକୁ ମହିଳା ମନା କରିଦେଥିଲେ। କିନ୍ତୁ କିଛି ଦିନପରେ ଅଭିଯୁକ୍ତ ତାଙ୍କୁ ବାରମ୍ବାର ଚାପ କରିବା ପରେ ବିଧବା ମହିଳା ବିବାହ କରିବାକୁ ରାଜି ହୋଇଥିଲେ। ଏହିପରି ଉଭୟ ଏକାଠି ରହୁଥିଲେ ଏବଂ ଗତ ୨ ବର୍ଷ ଉଭୟ ଗୋଟିଏ ଗୃହରେ ରହୁଥିବା ବେଳେ ଅଭିଯୁକ୍ତ ବିବାହ କରିବା ପ୍ରତିଶ୍ରୁତି ଦେଇ ବିଧବା ମହିଳାଙ୍କୁ ବାରମ୍ବାର ଦୁଷ୍କର୍ମ କରୁଥିଲା। କିନ୍ତୁ ଗତ ୩ ମାସ ପୂର୍ବରୁ ଅଭିଯୁକ୍ତ ଯୁବକ ତାଙ୍କ ବାପାଘରକୁ ଯାଇ ଆଉ ଫେରିନଥିଲା ଏବଂ ବିବାହ କରିବାକୁ ମହିଳା କହିବାରୁ ଅଭିଯୁକ୍ତ ମନା କରିଦେଇଥିଲା। ଏଥିନେଇ ବିଧବା ମହିଳା ନିରାଶ ହୋଇ ଶେଷରେ ମହିଳା ଥାନାର ଦ୍ୱାରସ୍ତ ହୋଇଥିଲେ। ଏଥିନେଇ ମହିଳା ଥାନାରେ ଏକ ମାମଲା (୧୪/୨୬) ଗତ ୧୬ ତାରିଖରେ ରୁଜୁ କରାଯାଇଥିଲା। ମାମଲାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ଆଶ୍ରିତା ଖାଲକୋ ପ୍ରକାଶ କରିଛନ୍ତି।

# ପୁରାତନ ଛାତ୍ର ସମାବେଶ | ଉଚ୍ଚବିଦ୍ୟାଳୟର ବିକାଶ ପାଇଁ ଅଣ୍ଟାଭିଡ଼ିଲେ ପୁରାତନ ଛାତ୍ର




**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନର ପୁରାତନ ଛାତ୍ର ସମାବେଶ ମଙ୍ଗଳବାର ଦିନ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ସଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମସିଂ ବରିହା, ପରିଚାଳନା କମିଟିର ସଭାପତି ନନ୍ଦଲାଲ ମାଝୀ, ପରିଚାଳନା କମିଟିର ସଭ୍ୟ ପ୍ରେମ କିଶୋର ପୃଷ୍ଟି ଓ ପୁରାତନ ଛାତ୍ର ସଭାପତି ମୁରଲୀଧର ମେହେର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ୩୦ ଜଣ ପୁରାତନ ଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ରମାନେ ବିଦ୍ୟାଳୟକୁ ଖେଳ ସାମଗ୍ରୀ, ପୁସ୍ତକ, ରୋଷେଇ ଉପକରଣ, ପରିମଳ ସାମଗ୍ରୀ ଇତ୍ୟାଦି ପ୍ରଦାନ କରିଥିଲେ। ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କୁ ବୃତ୍ତିଗତ (carrier counseiling ) ପରାମର୍ଶ କରିବା ସହିତ ବିଦ୍ୟାଳୟକୁ ଅଧିକ ସରସ ସୁନ୍ଦର କରିବା ପାଇଁ ପୁରାତନ ଛାତ୍ର ମାନଙ୍କର ମୁଖ୍ୟ ଭୂମିକା ବୋଲି ମୁଖ୍ୟ ଅତିଥି ବିବେକାନନ୍ଦ ସଡଙ୍ଗୀ ମତବ୍ୟକ୍ତ କରିଥିଲେ। ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଗଠନ ଦିଗରେ ଏହା ସହାୟକ ହେବ। ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଯୁବରାଜ ବନଛୋର ଉପସ୍ଥିତି ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ସହଦେବ କୁମାର ପତି, ଅତସି ସାହୁ, ନିଳିମା କୁମାରୀ ମିଶ୍ର, ଭୁବନେଶ୍ୱର ପୃଷ୍ଟି, ଗଗନ କୁମାର ସାହୁ, ଲିଙ୍ଗରାଜ ମାଝୀ, ଜଗବନ୍ଧୁ ବେହେରା, ଦିନବନ୍ଧୁ ଚାରବେମାଲ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଅମର ସିଂ ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଗୋପୀ କୃଷ୍ଣ ଦଲାଇ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପୁରାତନ ଛାତ୍ରଛାତ୍ରୀ ତଥା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# କର୍କଟ ମୁକ୍ତ ପରିବାର ଗଠନ ନିମନ୍ତେ ଆହ୍ୱାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ କର୍କଟ ଦିବସ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କ୍ୟାନ୍ସର୍ ବା କର୍କଟ ଏକ ଭୟାବହ ରୋଗ। ଯାହା ହସଖୁସିର ପରିବାରକୁ ଉଜାଡି ଦେଇଥାଏ। ଯେଉଁମାନେ ନିକୋଟିନ୍ ବହୁଳ ପ୍ରଚୁର ମଦ୍ୟପାନ, ଗୁଟ୍ଖା, ଖଇନି, ତମ୍ବାଖୁ ସେବନ କରନ୍ତି ସେମାନେ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। କେତେକ କ୍ଷେତ୍ରରେ ଏକା ଖାଦ୍ୟପେୟର ନିୟନ୍ତ୍ରଣ ନରଖିବା ଏବଂ ଦୂଷିତ ବାୟୁ ସେବନ ଦ୍ୱାରା କର୍କଟ ରୋଗର ମାତ୍ରା ବଢିଥାଏ। ମୁଖ ଗହ୍ୱର କ୍ୟାନ୍ସର ପୁରୁଷଙ୍କ ଠାରେ ଓ ସ୍ତନ ଏବଂ ସର୍ଭିକ୍ସ କ୍ୟାନ୍ସର ମହିଳାଙ୍କ କ୍ଷେତ୍ରରେ ବଢିଚାଲିଛି। ଏଣୁ ସୁସ୍ଥ ଜୀବନ, ସୁସ୍ଥ ସମାଜ ଓ କର୍କଟ ମୁକ୍ତ ପରିବାର ବଜାୟ ରଖିବାକୁ ହେଲେ ନିଶା ଦ୍ରବ୍ୟର ମାରାତ୍ମକ ପରିଣାମ ଉପରେ ସଚେତନତା ହେବା ଓ ବର୍ଜନ କରିବା ଏବଂ ଖାଦ୍ୟ ପେୟରେ ସଂଯମତା ରଖିପାରିଲେ କର୍କଟ ମୁକ୍ତ କରିପାରିବ ବୋଲି ଉପସ୍ଥିତ ଥିବା ଡାକ୍ତରମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କର୍କଟ ରୋଗୀଙ୍କୁ ସଚେତନତା କରାଉଥିବା, କେମୋ ଦେଉଥିବା ତଥା ଜିଲ୍ଲା କର୍କଟ ରୋଗ ଅଧିକାରୀ ଭେଷଜ ବିଶେଷଜ୍ଞ ବରିଷ୍ଠ ଡାକ୍ତର ଶ୍ରୀକାନ୍ତ ସ୍ୱାଇଁ ଏବଂ କଳ୍ପନା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ଏହି କର୍କଟ ଦିବସରେ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ମିଶ୍ର, ସୁପରିଟେଣ୍ଡେଣ୍ଟ (ଡିଏଚ୍ଓ) ଡ଼ା ଗୌରାଙ୍ଗ ଚରଣ ଗିରି, ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ନାୟକଙ୍କ ସମେତ ଆଶୁତୋଷ ତ୍ରିପାଠୀ, ଶୁଭ ନାରାୟଣ ନାୟକଙ୍କ ସମେତ ଏଏନ୍ଏମ୍‌ସିର ଅଧ୍ୟକ୍ଷ ଏବଂ ଛାତ୍ରଛାତ୍ରୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଫେବୃୟାରୀ ୧୭ରୁ ଆରମ୍ଭ ହେବ ଜନଗଣନା, କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

**କଟକ, ନ୍ୟୁଜ୍ ବ୍ୟୁରୋ**




ଜନଗଣନା ଭଳି ମହତ୍ କାର୍ଯ୍ୟକ୍ରମକୁ ନିଷ୍ପାପର ଭାବେ ସମ୍ପାଦନ କରିବା ନିମନ୍ତେ କଟକ ଜିଲ୍ଲାରେ ଜନଗଣନା ସମ୍ପର୍କିତ ପ୍ରଥମ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସମସ୍ତ ତହସିଲଦାର, ବିଡିଓ ଓ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାଲିମ୍ ନେଇ ସମ୍ପୂର୍ଣ୍ଣ ଜନଗଣନା ପଦ୍ଧତି ଉପରେ ଅବଗତ ହେବେ ଓ ପରେ ଏହି ଅଧିକାରୀମାନେ ଘରକୁ ଘର ଯାଇ ଗଣନା କରିବାକୁଥିବା କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ତାଲିମ୍ ଦେଇ ଜନଗଣନା କାର୍ଯ୍ୟ ଶତ ପ୍ରତିଶତ ସଠିକ୍ ଓ ସୂଚାରୁରୂପେ ସମ୍ପାଦନ ଉପରେ ପ୍ରାଧାନ୍ୟ ଦିଆଯାଇଛି। ପ୍ରତ୍ୟେକ ଘରର ମୁରବୀମାନେ ନିଜ ପରିବାର ସମ୍ବନ୍ଧରେ ଉଚିତ୍ ଓ ସଠିକ୍ ତଥ୍ୟ ପ୍ରଦାନ କରି ୨୦୨୭ ଜନଗଣନା କାର୍ଯ୍ୟକୁ ସ୍ୱଚ୍ଛତାର ସହ ସମ୍ପାଦନ ଦିଗରେ ସହଯୋଗ କରି ରାଷ୍ଟ୍ର ନିର୍ମାଣରେ ସହଭାଗି ହେବାକୁ ଅନୁରୋଧ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଘରଗୁଡିକ ପରିଗଣନା କରାଯିବ। ନିୟୋଜିତ କର୍ମଚାରୀମାନେ ଘରକୁ ଘର ଯାଇ ଗଣନା କାର୍ଯ୍ୟ ସୁନିଶ୍ଚିତ କରିବେ। ଏହି ଘର ଗଣନା ସମୟରେ ଯଦି କୌଣସି ଘର ବାଦ୍ ପଡିଯାଏ ତେବେ ସେମାନେ ଦୃଷ୍ଟି ଆକର୍ଷଣ କରିବାକୁ ମଧ ଅନୁରୋଧ କରାଯାଇଛି। ଫେବୃୟାରୀ ୧୭ ତାରିଖରୁ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ଆରମ୍ଭ କରାଯିବ। ଏହାପରେ ବାସ୍ତବ ଗଣନାକାର୍ଯ୍ୟ ଆରମ୍ଭ ହେବ। ରାଜ୍ୟର ତାଲିମ୍‌ପ୍ରାପ୍ତ ମାଷ୍ଟର ଟ୍ରେନର୍‌ମାନେ ଜିଲ୍ଲାସ୍ତରୀୟ ମାଷ୍ଟର୍ ଟ୍ରେନର୍ ମାନଙ୍କୁ ତାଲିମ୍ ପ୍ରଦାନ କରିସାରିଛନ୍ତି। ଏହି ଜିଲ୍ଲାସ୍ତରୀୟ ମାଷ୍ଟର୍ ଟ୍ରେନର୍‌ମାନେ ବ୍ଲକ୍ ସ୍ତରୀୟ ମାଷ୍ଟର୍ ଟ୍ରେନର୍‌ମାନଙ୍କୁ ତାଲିମ୍ ପ୍ରଦାନ କରିବେ ଓ ସେମାନେ ପରିଗଣନାକାରୀ ମାନଙ୍କୁ ତାଲିମ୍ ଦେବେ। ଜନଗଣନା ଦ୍ୱାରା ଜିଲ୍ଲାର ବାସ୍ତବ ଜନସଂଖ୍ୟା ଜଣାପଡିବ। ଏହି ସର୍ଭେ ସମୟରେ ପରିଗଣନାକାରୀ ମାନେ ବିଭିନ୍ନ ପ୍ରଶ୍ନ ପଚାରିବେ। ଯାହାଦ୍ୱାରା ଜନଗଣନା ସମ୍ବନ୍ଧିତ ବିଭିନ୍ନ ବାସ୍ତବ ତଥ୍ୟ ଜଣାପଡିବ। ଦେଶରେ ୨୦୨୭ ଜନଗଣନାକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଛି। ଦେଶରେ ସର୍ବଶେଷ ଜନଗଣନା ୨୦୧୧ ମସିହାରେ ସମ୍ପାଦିତ ହୋଇଥିଲା। ୧୮୭୨ ମସିହାରେ ପ୍ରଥମ ଜନଗଣନା ହୋଇଥିବା ବେଳେ ୨୦୨୭ ଜନଗଣନା ହେବ ଷୋଡଶ ଜନଗଣନା। ପ୍ରଥମ ଥର ପାଇଁ ଏହି ଜନଗଣନା ସମ୍ପୂର୍ଣ୍ଣ ଭାବେ ଡିଜିଟିକରଣ ମାଧ୍ୟମରେ କରାଯିବ। ଚଳିତ ଥରର ଜନଗଣନା ଜାତିଭିତ୍ତିକ ଜନଗଣନା ହେବ ବୋଲି ଜଣାପଡିଛି। ୧୯୩୧ ମସିହାରେ ଶେଷ ଥର ପାଇଁ ଜାତିଭିତ୍ତିକ ଜନଗଣନା କରାଯାଇଥିଲା। ଜନଗଣନା ଭଳି ମହତ୍ କାର୍ଯ୍ୟକ୍ରମକୁ ନିଷ୍ପାପର ଭାବେ ସମସ୍ତ ଅଧିକାରୀ ଓ କର୍ମଚାରୀ ସମ୍ପାଦନ କରି ରାଷ୍ଟ୍ରର ଗୌରବ ବୃଦ୍ଧି କରିବେ। କଟକ ଜିଲ୍ଲାର ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ ତାଲିମ୍ ତଥା ସମୀକ୍ଷା କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ, ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଦିବ୍ୟଜ୍ୟୋତି ସ୍ମିତିରଞ୍ଜନ ଦେଓ, ପ୍ରଣବ କୁମାର ବେହେରା, ଡେପୁଟି କଲେକ୍ଟର ନିର୍ବାଚନ ନୁରୀ ପରବିନ୍, ଯୁଗ୍ମ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ହେମନ୍ତ କୁମାର ସିଂହ, ସହକାରୀ ନିର୍ଦ୍ଦେଶକ (ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ର) ମିଲିତା ଦତା ପ୍ରମୁଖ ଉପସ୍ଥିତ ଥିବାବେଳେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ତାଲିମ୍ ଗ୍ରହଣ କରିଥିଲେ।

# ଅସହାୟ ମହିଳାଙ୍କ ଦୁଇ ନାବାଳିକା ଝିଅ ସହ ଜୀବନ ନିର୍ବାହ କଷ୍ଟସାଧ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ୍ ଅନ୍ତର୍ଗତ ଚାନାବେଡା ଗ୍ରାମ ପଞ୍ଚାୟତର ବରପଦର୍ ଗ୍ରାମର ଇନ୍ଦ୍ରାଦି ନାଏକ ନାମକ ଅସହାୟ ମହିଳା, ଦୁଇ ନାବାଳିକା ଝିଅ ସହ ଜୀବନ ନିର୍ବାହ କଷ୍ଟ ସାଧ ହୋଇପଡ଼ିଛି। ଇନ୍ଦ୍ରାଦି ନାଏକ (୪୫ ବର୍ଷ) ସେ ୩୦% ପ୍ରତିଶତ ଶାରୀରିକ ଭିନ୍ନକ୍ଷମ ଥିବାବେଳେ ଠିକ୍ ରୂପେ ଚାଲିବା ବୁଲିବାରେ ଅସମର୍ଥ। ସେ ସ୍ୱାମୀଙ୍କ ପରିତ୍ୟାକ୍ତା ଅଟନ୍ତି। ତାଙ୍କ ଦୁଇ ନାବାଳିକା ଝିଅ ରହିଛନ୍ତି। ତାଙ୍କ ପାଖରେ ମୁଣ୍ଡ ଗୁଞ୍ଜିବା ପାଇଁ ନିଜସ୍ୱ ଘର ନଥିବା ବେଳେ ତାଙ୍କ ନାମରେ ଜମି ଖଣ୍ଡେ ମଧ ନାହିଁ। ସେ ଦୁଇ ଝିଅଙ୍କ ସହିତ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଜୀବନ ଯାପନ କରୁଛନ୍ତି। ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୁର୍ବଳ ଥିବାରୁ ତାଙ୍କର ଦୁଇ ଝିଅଙ୍କ ପାଠପଢ଼ା ମଧ ବାଧା ସୃଷ୍ଟି ହେଉଛି। ଅର୍ଥ ରୋଜଗାର କରିବା ପାଇଁ ସେ ଭିନ୍ନକ୍ଷମ କାରଣରୁ ଅସମର୍ଥ ଥିବାବେଳେ ବାଧ ହୋଇ ଜୀବନ ନିର୍ବାହ କଷ୍ଟ ସାଧ ହେଉଛି। ଅନ୍ୟ ଜଣେ ଜମିରେ ପଲିଥିନ୍ ମାଟି ଘର କରି ଜୀବନ ନିର୍ବାହ କରୁଥିବା ବେଳେ ତାଙ୍କୁ ଜମି ମାଲିକ ସେଠାରୁ ବାହାରି ଯିବାପାଇଁ କହିଥିଲେ। ଦୈନିକ ଖାଦ୍ୟ ପେୟ ଯୋଗାଡ କରିବା କଷ୍ଟ ସାଧ ହେଉଥିବା ବେଳେ ବର୍ତ୍ତମାନ ମୁଣ୍ଡ ଗୁଞ୍ଜିବା ପାଇଁ ଆଶ୍ରୟ ନାହିଁ। ପ୍ରଶାସନଙ୍କୁ ବିନମ୍ର ଅନୁରୋଧ ତାଙ୍କୁ ସରକାରୀ ଯୋଜନାରେ ଆବାସ ଯୋଜନାରେ ଘର, ସରକାରୀ ଯୋଜନା ବସୁନ୍ଧରା ଯୋଜନାରେ ୪ ଡିସିମିଲ୍ ଜମି ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ମହିଳାଙ୍କୁ ୩୦% ପ୍ରତିଶତ ଭିନ୍ନକ୍ଷମ କାରଣରୁ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଦୁଇ ନାବାଳିକାଙ୍କ ଶିକ୍ଷା ବ୍ୟବସ୍ଥାକୁ ମଧ ସୁନିଶ୍ଚିତ କରିବାକୁ ଅନୁରୋଧ କରାଯାଇଛି।

# ବଢ଼ି ଚାଲିଛି ମଶାବଂଶ, ବିଇଏମ୍‌ସିକୁ ସାହା ଧୂଆଁ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଘରେ ହେଉ ଅବା ବାହାରେ ମଶା କାମୁଡ଼ାରୁ ଲୋକଙ୍କ ନିସ୍ତାର ମିଳୁନି। ସ୍ଥିତି ଏଭଳି ହେଲାଣି ଲୋକେ ଦିନରେ ବି କବାଟ ବନ୍ଦ କରି ରହିବାକୁ ବାଧ ହେଉଛନ୍ତି। ବାହାରେ ବି ଏକା ଅବସ୍ଥା। ମଶାକୁ ନେଇ ଲୋକେ କଲବଲ ହେଉଥିବା ବେଳେ ଏହାକୁ ନେଇ ବ୍ରହ୍ମପୁର ମହାନଗର ନିଗମର ପାରିବା ପଣିଆକୁ ନେଇ ଅସନ୍ତୋଷ ଝାଡୁଛନ୍ତି। ମଶା ନିୟନ୍ତ୍ରଣ ନାମରେ ବିଇଏମ୍‌ସି ଟିଫା ଧୂଆଁକୁ ଭରସା କରିଛି। ସ୍ୱଚ୍ଛ ଭାରତ ଅଭିଯାନରେ ବ୍ରହ୍ମପୁର ମହାନଗର ନିଗମକୁ ବର୍ଷକୁ କୋଟି କୋଟି ଟଙ୍କାର ଅନୁଦାନ ଆସୁଥିବା ବେଳେ ଏହାର ସୁପରିଚାଳନା ଏବଂ ବିଶେଷ କରି ମଶା ନିୟନ୍ତ୍ରଣ ପାଇଁ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଗ୍ରହଣ କରାଯାଉନଥିବା ଯୋଗୁଁ ମଶା ବଂଶ ବୃଦ୍ଧି ପାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ବ୍ରହ୍ମପୁର ସହରର ଜନସଂଖ୍ୟା ଯେଭଳି ଭାବେ ବଢୁଛି ଏହାର ଭୌଗୋଳିକ ସ୍ଥିତି ବି ପରିବର୍ତ୍ତନ ହୋଇଛି। ନାଳନର୍ଦ୍ଦମା ବି ବଢ଼ିଛି। ସ୍ୱଚ୍ଛ ଭାରତ ଅଭିଯାନରେ ପରିମଳ ବ୍ୟବସ୍ଥାର ସୁଧାର ଆଣିବା ନେଇ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଉଥିବା ବେଳେ ନିୟମିତ ବ୍ୟବଧାନରେ ନାଳନର୍ଦ୍ଦମା ଗୁଡ଼ିକ ସଫେଇ କରାଯାଉନଥିବା ଯୋଗୁଁ ପାଣି ଜମି ରହି ମଶାବଂଶ ବୃଦ୍ଧି ପାଇଁ ସହାୟକ ହେଉଛି। ୧୯୯୦ ବେଳକୁ ପ୍ରାୟ ଅଢ଼େଇ ଲକ୍ଷ ଜନସଂଖ୍ୟାକୁ ନେଇ ବ୍ରହ୍ମପୁର ପୌର ପରିଷଦର ୨୭ଟି ୱାର୍ଡ଼ ଗଠନ ହୋଇଥିଲା। ସେହି ସମୟରେ ମଶା ଦାଉରୁ ରକ୍ଷା କରିବା ପାଇଁ



ତତ୍କାଳୀନ ପୌରପରିଷଦ ପକ୍ଷରୁ ଟିଫା ମେସିନ୍‌ର ଉପଯୋଗିତା ଆରମ୍ଭ ହୋଇଥିଲା। ତେବେ ଟିଫା ମେସିନ୍ ବ୍ୟବହାର ଦ୍ୱାରା ଅଧିକ ଖର୍ଚ୍ଚାନ୍ତ ହେଉଥିବା ଆଳ ଦେଖାଇ ଏହାର ବ୍ୟବହାରକୁ କମାଇ ଦିଆଯାଇଥିଲା। ୨୦୦୮ରେ ପୌରପରିଷଦରୁ ମହାନଗର ନିଗମରେ ପରିଣତ ହେବା ପରେ ଭିତ୍ତିଭୂମି ନିର୍ମାଣ ମଶା ନିୟନ୍ତ୍ରଣ କ୍ଷେତ୍ରରେ ଯେଭଳି ପଦକ୍ଷେପ ନିଆଯିବା କଥା ସେଥିରେ ପଛୁଆ ପଡ଼ିଯାଇଛି। ୧୯୯୦ ବେଳକୁ ଯେଭଳି ଗୋଟିଏ ଟିଫା ମେସିନ୍‌ରେ ଧୂଆଁ ଛଡ଼ା ଯାଉଥିଲା ଆଜିବି ସେହି ଗୋଟିଏ ମେସିନ୍ ରହିଛି। ଧର୍ମକୁ ଆଖି ଠାର ଭଳି ବର୍ଷକୁ ଥରେ ଅଧେ ମଶାଧୂଆଁ ଛାଡ଼ି କାର୍ଯ୍ୟ ସମାପନ କରିଚାଲିଛନ୍ତି। ମେସିନ୍ ବୁଲିବା ସମୟରେ ରାସ୍ତା ମଝିରେ କୌଣସି ସମସ୍ୟା ରହିଲେ ତାହା ଆଗକୁ ବଢ଼ିପାରୁନି। ଏଭଳିକି ସହରର ସାହି ଓ ଗଳିକନ୍ଦିକୁ ଟିଫା ମେସିନ୍ ଯାଇପାରୁନାହିଁ। ସାଧାରଣତଃ ଅକ୍ଟୋବର ଓ ନଭେମ୍ବର ହେଉଛି ମଶାଙ୍କ ଉତ୍ପତି ସମୟ। ଏହି ସମୟରେ ମଶା ଲାଭା ନଷ୍ଟ କରିବା ପାଇଁ ଉଦ୍ୟମ ହେଉନାହିଁ। ଏବଂ ମଶା ବଢ଼ିଯିବା ପରେ ଧୂଆଁ ଛାଡ଼ି ନିୟନ୍ତ୍ରଣ କରିବାକୁ ପ୍ରୟାସ କରାଯାଉଛି। ବିଇଏମ୍‌ସି କର୍ତ୍ତୃପକ୍ଷ ନିୟମିତ ବ୍ୟବଧାନରେ ଧୂଆଁ ଛାଡ଼ିବା ସହ ନାଳନର୍ଦ୍ଦମା ଗୁଡ଼ିକର ସଫେଇ ପ୍ରତି ଗୁରୁତ୍ୱ ଦେଲେ ମଶା ଯନ୍ତ୍ରଣାରୁ ଲାଘବ ମିଳିପାରନ୍ତା ବୋଲି ମତପ୍ରକାଶ ପାଇଛି।

# ଶିକ୍ଷା ସହିତ ସ୍ୱାସ୍ଥ୍ୟ ପରିଚାଳନା ଉପରେ ଗୁରୁତ୍ୱ

**କଟକ, ନ୍ୟୁଜ୍ ବ୍ୟୁରୋ**




ଏନ୍.ଏଲ୍.ୟୁ ଓଡ଼ିଶା ହେଲ୍‌ଥକେୟାର ମ୍ୟାନେଜମେଣ୍ଟ ଏବଂ ଆଇନ୍ ବିଷୟରେ ଏମ୍‌ବିଏ କାର୍ଯ୍ୟକ୍ରମର ଔପଚାରିକ ଉଦ୍‌ଘାଟନ କରିଛି। ଏହି କାର୍ଯ୍ୟକ୍ରମ ଆଇନ୍ ଶିକ୍ଷା ସହିତ ସ୍ୱାସ୍ଥ୍ୟ ପରିଚାଳନାକୁ ସମନ୍ୱୟ କରି ଅନୁଶାସନାନ୍ତର୍ଗତ ଶିକ୍ଷାକୁ ଶକ୍ତିଶାଳୀ କରିବାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସ୍ୱାସ୍ଥ୍ୟ କ୍ଷେତ୍ରରେ ନେତୃତ୍ୱ ଦେବାକୁ ସକ୍ଷମ ମାନବ ସମ୍ପଦ ତିଆରି କରିବା, ଯେଉଁମାନେ ସ୍ଥାନୀୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସ୍ୱାସ୍ଥ୍ୟ ଓ କୁଶଳତା ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ। ଉଦ୍‌ଘାଟନ ସମାରୋହରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ସେଥିସହ ଏନ୍.ଏଲ୍.ୟୁ ଓଡ଼ିଶାର ଉପକୁଳପତି ପ୍ରଫେସର୍ ବେଦ୍ କୁମାରୀ, ବରିଷ୍ଠ ଅଧ୍ୟାପକମଣ୍ଡଳୀ, ସ୍ୱାସ୍ଥ୍ୟ ବୃତ୍ତିଜୀବୀ ଓ ନୀତି ନିର୍ଦ୍ଧାରକମାନେ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ ଯେ ସ୍ୱାସ୍ଥ୍ୟସେବାକୁ ଏକ ମୌଳିକ ସାର୍ବଜନୀନ କର୍ତ୍ତବ୍ୟ ଭାବେ ଦେଖିବା ଆବଶ୍ୟକ। ସେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ଲଗାତାର ବିନିଯୋଗ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ଆୟୁଷ୍ମାନ ଭାରତ–ପିଏମ୍‌ଜୟ୍‌ଇ ସହ ସମ୍ମିଳନ, ହସ୍ପିଟାଲ୍ ଢାଞ୍ଚାର ସୁଧାର ଏବଂ ପ୍ରାଥମିକ ଓ ପ୍ରତିରୋଧାତ୍ମକ ସ୍ୱାସ୍ଥ୍ୟସେବା ଉପରେ ଜୋର୍ ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ସ୍ୱାସ୍ଥ୍ୟ ପ୍ରଣାଳୀର ବୃଦ୍ଧିଶୀଳ ଜଟିଳତା ପରିପ୍ରେକ୍ଷିତରେ ଦକ୍ଷ ପରିଚାଳନା, ଶକ୍ତ ଆଇନ୍‌ଗତ ଢାଞ୍ଚା, ନୀତିମୂଳକ ଶାସନ ଓ ସ୍ପଷ୍ଟ ନିୟମାବଳୀ ଅତ୍ୟାବଶ୍ୟକ। ଏହି ପରିଦୃଶ୍ୟରେ ଏନ୍.ଏଲ୍.ୟୁ ଓଡ଼ିଶାର ନୂତନ ଏମ୍‌ବିଏ କାର୍ଯ୍ୟକ୍ରମ ପ୍ରଶାସନ, ଆଇନ୍, ସ୍ୱାସ୍ଥ୍ୟସେବା ଓ ନୀତି କାର୍ଯ୍ୟାନ୍ୱୟନ ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିବ ବୋଲି ସେ କହିଥିଲେ। ଏହା ପୂର୍ବରୁ, ପ୍ରଫେସର (ଡ଼.) ଆର୍ଯ୍ୟାଲୋପା ମିଶ୍ର, ଅସୋସିଏଟ୍ ପ୍ରଫେସର୍ ଏବଂ କାର୍ଯ୍ୟକ୍ରମ ନିର୍ଦ୍ଦେଶକ, କାର୍ଯ୍ୟକ୍ରମର ଶିକ୍ଷାଗତ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ଏହି ପାଠ୍ୟକ୍ରମ ରଣନୀତିମୂଳକ ପରିଚାଳନା, ସ୍ୱାସ୍ଥ୍ୟ ଆଇନ, ଶାସନ, ନୀତିଶାସ୍ତ୍ର ଓ ପ୍ରାୟୋଗିକ କ୍ଷେତ୍ର ଅଭିଜ୍ଞତାକୁ ସମନ୍ୱୟ କରି ବହୁ ଦକ୍ଷତାସମ୍ପନ୍ନ ବୃତ୍ତିଜୀବୀ ତିଆରି କରିବାକୁ ଲକ୍ଷ୍ୟ ରଖିଛି।

# ଟିମ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟରେ ବୈଭବ ସୂର୍ଯ୍ୟବଂଶୀ

**ଦୁବାଇ**

ଆଇସିସି ୧୬ ବର୍ଷରୁ କମ୍ ବିଶ୍ୱକପ୍ ଉଦ୍‌ଯାପିତ ହେବା ପରେ ଟିମ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ମନୋନୀତ କରାଯାଇଛି। ଏଥିରେ ସ୍ଥାନ ପାଇଥିବା ୩ଜଣ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ବ୍ୟାଟିଂ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ। ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ଇଂଲଣ୍ଡ ବିପକ୍ଷ ଫାଇନାଲରେ ୮୦ ବଲରୁ ୧୭୫ ରନ ସ୍କୋର କରିଥିଲେ। ସେ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ୧୨ ଜଣିଆ ଦଳରେ ସେ କନିଷ୍କ ଚୌହାନ ଓ ହେନିଲ ପଟେଲଙ୍କ ସହ ଯୋଗ ଦେଇଛନ୍ତି। ଭାରତ ରେକର୍ଡ ୬ଷ୍ଠ ଥର ପାଇଁ ଟାଇଟଲ ବିଜେତା ହୋଇଥିଲା। ଚୌହାନଙ୍କର ଉଭୟ ବ୍ୟାଟ୍ ଓ ବଲ୍‌ରେ ଯୋଗଦାନ ରହିଥିବା ବେଳେ ପଟେଲ ୧୧ ଉଇକେଟ ଅକ୍ତିଆର କରିଥିଲେ। ଆମେରିକା ବିପକ୍ଷରେ ସେ ଚମତ୍କାର ବୋଲିଂ କରି ମାତ୍ର ୧୬ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ।



## ଟି-୨୦ ବିଶ୍ୱକପ

# ବଡ଼ ପରାଜୟରୁ ଅଳ୍ପକେ ବର୍ତ୍ତିଲା ପୂର୍ବ ବିଶ୍ୱ ବିଜେତା

**ମୁମ୍ବାଇ**

ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ପ୍ରତିଟି ମ୍ୟାଚ୍ ଅପୂର୍ବ ରୋମାଞ୍ଚ ଓ ଅନନ୍ୟ ଉତ୍କଣ୍ଠା ଭରା ରହୁଛି। ପ୍ରଥମ ଦିନରେ ପାକିସ୍ତାନ-ନେଦରଲାଣ୍ଡ୍‌ସ ଏବଂ ଭାରତ-ଆମେରିକା ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ସେହି ଧାରାକୁ ଆଗକୁ ନେଇ ରବିବାର ଦ୍ୱିତୀୟ ଦିନର ଦ୍ୱିତୀୟ ମ୍ୟାଚ୍ ଶେଷ ଓଭରକୁ ଯିବା ବିଶ୍ୱକପ୍‌ର ଉତ୍ସାହକୁ ବହୁଗୁଣ ବଢ଼ାଇ ଦେଇଥିଲା। ଇଂଲଣ୍ଡ ଓ ନେପାଳ ଭିତରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନେପାଳ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିବାରୁ ଅଳ୍ପକେ ବଞ୍ଚିତ ହୋଇଛି। ପୂର୍ବ ବିଜେତା ଇଂଲଣ୍ଡ ବଡ଼ ପରାଜୟରୁ ଅଳ୍ପକେ ବର୍ତ୍ତିଯାଇଛି।

ରବିବାର ଇଂଲଣ୍ଡ ୧୮୫ ରନ୍‌ର ବିଜୟ ଲକ୍ଷ୍ୟ ଦେବା ପରେ ନିଜ ଅନଭିଜ୍ଞ ହେଲେ ଉତ୍ସାହୀ ଦଳର ସାହସିକ ବ୍ୟାଟିଂ ପାଇଁ ନେପାଳ ୪ ୱିକେଟ୍ ବିନିମୟରେ ୧୮୦ ରନ୍ କରି ମାତ୍ର ୪ ରନ୍‌ରେ ମ୍ୟାଚ୍‌କୁ ହାରିଥିଲା। ଶେଷ ଓଭର ପର୍ଯ୍ୟନ୍ତ ଲଢୁଆ ଖେଳ ଖେଳି କିନ୍ତୁ ପ୍ରଶଂସକଙ୍କ ହୃଦୟ ଜିତି ନେଇଥିଲା। ଏପରିକି ଶେଷ ୬ ବଲ୍ ପର୍ଯ୍ୟନ୍ତ ଇଂଲଣ୍ଡ ହାତରୁ ମ୍ୟାଚ୍ ଖସିଯିବାର ଆଶଙ୍କା ଥିଲା। ଏହି ନାଟକୀୟ ମୁକାବିଲାର ଅନ୍ତିମ ଓଭରରୁ ଐତିହାସିକ ବିଜୟ ଲାଗି ନେପାଳକୁ ୧୦ ରନ୍‌ର ଦରକାର ଥିଲା। ତେବେ ସାମ୍ କରନ୍ କେତୋଟି ୟର୍କର ତଥା ଅଫ୍‌ଷ୍ଟମ୍ପ୍ ଲାଇନ୍ ବଲ୍‌ରେ ନେପାଳ ବ୍ୟାଟରଙ୍କୁ ଚତୁରତାର ସହ ବାନ୍ଧି ରଖିବା ପରେ ସେମାନେ ହାତଖୋଲା ସଟ୍ ଖେଳି ପାରି ନଥିଲେ। ଫଳରେ ମାତ୍ର ୫ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଏହା ପୂର୍ବରୁ ୨୦୨୪ ବିଶ୍ୱକପ୍‌ରେ ନେପାଳ ମାତ୍ର ୧ ରନ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ହାରିଥିଲା। ରବିବାର ସେହି ପରାଜୟର ଦୁଃଖକୁ ଦୂର କରିବାର ପାଖରେ ପହଞ୍ଚି ପୁଣି ଥରେ ସ୍ମରଣୀୟ ବିଜୟ ହାତଛଡ଼ା କରିଥିଲା।

ୱାଙ୍ଖେଡ଼େ ଷ୍ଟାଡିୟମ୍‌ରେ ହଜାର ହଜାର ନେପାଳୀ ସମର୍ଥକଙ୍କ ଗହଣରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୫ ରନ୍‌ରେ ପ୍ରଥମ ଏବଂ ୫୭ ରନ୍‌ରେ ୩ ୱିକେଟ୍ ହରାଇ ସଂଘର୍ଷ କରିଥିଲା। ତେବେ ଜ୍ୟାକବ୍ ବେଥେଲ ଓ ଅଧିନାୟକ ହ୍ୟାରି ବ୍ରୁକ୍‌ଙ୍କ ଅର୍ଦ୍ଧଶତକ ସହ ୱିଲ୍ ଜ୍ୟାକ୍‌ଙ୍କ ବିସ୍ଫୋରକ ୩୯ ରନ୍ ବଳରେ ଇଂଲଣ୍ଡ ୭ ୱିକେଟ୍ ବିନିମୟରେ ୧୮୪ ରନ୍ କରିଥିଲା। ଜବାବରେ ନେପାଳ ପାଳିରେ ଗୋଟିଏ ବି ଅର୍ଦ୍ଧଶତକ ନଥିଲେ ବି ଏହି ଦଳ ପାରୁ ପର୍ଯ୍ୟନ୍ତ ଲଢ଼ିଥିଲା। ଅଧିନାୟକ ରୋହିତ ପେଡେଲ, ମଧ୍ୟକ୍ରମ ବ୍ୟାଟର ଦୀପେନ୍ଦ୍ର ସିଂହ ଆଇରୀ ଓ ଲୋକେଶ ରାମ ଲଢୁଆ ବ୍ୟାଟିଂ କରିବା ପରେ ପୂର୍ବ ବିଜେତା ଇଂଲଣ୍ଡ ଶିବିରରେ ଛନକା ପଶି ଯାଇଥିଲା। ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ ଲାଗି ଜ୍ୟାକ୍ସ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର : ଇଂଲଣ୍ଡ ୨୦ ଓଭରରେ-୧୮୪/୭ (ଜ୍ୟାକବ୍ ବେଥେଲ ୫୫, ହ୍ୟାରି ବ୍ରୁକ୍ ୫୩, ୱିଲ୍ ଜ୍ୟାକ୍ସ ୩୯, ଦୀପେନ୍ଦ୍ର ସିଂହ ଆଇରୀ ୨/୨୩, ନନ୍ଦନ ଯାଦବ ୨/୨୫)। ନେପାଳ ୨୦ ଓଭରରେ-୧୮୦/୬ (ଦୀପେନ୍ଦର ସିଂହ ଆଇରୀ ୪୪, ରୋହିତ ପେଡେଲ ୩୯, ଲୋକେଶ ରାମ ୩୯, ଲିୟାମ ଡ'ସନ୍ ୨/୨୧, ସାମ୍ କରନ ୧/୨୭)।



# ତେଜସ୍ୱିନଙ୍କୁ ସ୍ୱର୍ଣ୍ଣ : ୫ ପଦକ ସହ ଷଷ୍ଠରେ ଭାରତ

**ତିଆଁଜିଁ**



ଏଠାରେ ଆୟୋଜିତ ଏସୀୟ ଇନ୍‌ଡୋର ଦୌଡ଼କୁଦ ପ୍ରତିଯୋଗିତାରେ ଶେଷ ଦିନରେ ରବିବାର ଭାରତୀୟ ହେପ୍ଟାଥଲନ୍ ଖେଳାଳି ତେଜସ୍ୱିନ ଶଙ୍କର ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି। ସେ ୫୯୯୩ ପଏଣ୍ଟ୍ ସହ ଏହି ପଦକ ଜିତିବା ସହ ନିଜ ନାମରେ ଥିବା ପୂର୍ବ ଜାତୀୟ ଇନ୍‌ଡୋର ରେକର୍ଡ (୫୬୫୦ ପଏଣ୍ଟ୍)କୁ ପଛରେ ପକାଇଥିଲେ। ରବିବାର ତେଜସ୍ୱିନଙ୍କ ସ୍ୱର୍ଣ୍ଣ ବାଦ୍ ଭାରତୀୟ ଖେଳାଳି ପୂଜା ମହିଳା ହାଇଜମ୍ପ୍‌ରେ ଏବଂ ତଜିନ୍ଦର ପାଲ ସିଂହ ତୁର ପୁରୁଷ ସଟ୍‌ପୁଟ୍‌ରେ ରୌପ୍ୟ ଜିତିଥିଲେ। ଆନ୍‌ସି ସୋଜାନ ଲଙ୍ଗ୍‌ଜମ୍ପ୍‌ରେ କାଂସ୍ୟ ପଦକ ଜିତିଥିଲେ। ପୂର୍ବରୁ ଶୁକ୍ରବାର ଉଦ୍‌ଘାଟନୀ ଦିବସରେ ଭାରତର ହାଇଜମ୍ପର୍ ଆଦର୍ଶ ରାମଜ୍ୟୋତି ଶଙ୍କର କାଂସ୍ୟ ଜିତିଥିଲେ। ଭାରତ ଗୋଟିଏ ସ୍ୱର୍ଣ୍ଣ, ୨ ଲେଖାଏଁ ରୌପ୍ୟ ଓ କାଂସ୍ୟ ସହ ୫ ପଦକ ସହ ଷଷ୍ଠ ସ୍ଥାନରେ ଅଭିଯାନ ଶେଷ କରିଛି। ଚୀନ୍ ୧୦ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୩ କାଂସ୍ୟ ସହ ମୋଟ ୩୪ ପଦକ ପାଇଁ ଶୀର୍ଷରେ ରହିଛି।

# ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଭୁବନେଶ୍ୱର ଚାମ୍ପିଅନ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଦିହୁଡ଼ି ଆନନ୍ଦପୁର ପଞ୍ଚାୟତ ଅଧୀନ ଜଗନ୍ନାଥ ସ୍କୁଲ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଭବ୍ୟ ଓ ରୋମାଞ୍ଚକର ଭାବେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମୁକାବିଲାରେ ସାଇ ଇଲେଭେନ ଭୁବନେଶ୍ୱରର ଓ ଇଲେଭେନ ଷ୍ଟାର ଯାଜପୁର ଟିମ୍ ମୁହାଁମୁହିଁ ହୋଇଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ଟିମ୍ ୨୫ ଓଭରରେ ୯ ୱିକେଟ୍ ହରାଇ ୧୮୪ ରନ ସଂଗ୍ରହ କରିଥିଲା। ଲକ୍ଷ୍ୟ ପିଛାକରି ଯାଜପୁର ଟିମ୍ ୨୫ ଓଭରରେ ୭ ୱିକେଟ୍ ହରାଇ ୧୫୧ ରନ କରି ପରାଜୟ ସ୍ୱୀକାର କରିଥିଲା। ଭୁବନେଶ୍ୱର ଟିମ୍‌ର ବିପ୍ଳବ ସାମନ୍ତରାୟ ୫୬ ବଲରେ ଦମ୍‌ଦାର ୭୭ ରନ କରି ଦଳର ବିଜୟର ମୁଖ୍ୟ ନାୟକ ହୋଇଥିଲେ ଓ ମ୍ୟାନ ଅଫ୍ ଦ ମ୍ୟାଚ ଓ ବେଷ୍ଟ ଫିଲ୍‌ଡର ସମ୍ମାନ ପାଇଥିଲେ। ଯାଜପୁର ଦଳ ପକ୍ଷରୁ ଅଭିଳାଷ ରାଉତରାୟ ୫୧ ବଲରେ ୫୧ ରନ କରି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଏଥିରେ ମ୍ୟାନ ଅଫ୍ ଦ ସିରିଜ ଓ ବେଷ୍ଟ ବୋଲର ଯାଜପୁରର ଚନ୍ଦନ ନାୟକ ହୋଇଥିଲେ। ଫାଇନାଲ ମ୍ୟାଚ୍‌ର ଅମ୍ପାୟାର ଭାବେ ଦୀପ୍ତିରଞ୍ଜନ ମହାନ୍ତି ଓ ବିଶ୍ୱଜିତ ପତି ଦାୟିତ୍ୱ ପାଳନ କରିଥିଲେ। ଶେଖ ଇମରାନ, ଜ୍ଞାନରଞ୍ଜନ ଘଡେଇ ଓ ରସିଦ ଉଲ ମ୍ୟାଚ୍‌କୁ ରୋମାଞ୍ଚକ ଭାବେ କମେଣ୍ଟ୍ରୀ କରିଥିଲେ। ସ୍କୋରିଂରେ ଜଗବନ୍ଧୁ ସାହୁ, ବଳରାମ ସାହୁ ଓ ଧର୍ମେନ୍ଦ୍ର ସାହୁ ଦାୟିତ୍ୱ ଲିଭାଇଥିଲେ। ଭଗବତୀ ଯୁବକ ଯୁବକ ସଂଘ ପକ୍ଷରୁ ଆୟୋଜନ ଏହି ଟୁର୍ଣ୍ଣାମେଣ୍ଟର ବୃନ୍ଦାବନ ମହାନ୍ତି, ବାସୁଦେବ ପାଗଳ, ନାରାୟଣ ଚନ୍ଦ୍ର ଦାଶ ସମେତ ସମସ୍ତ ସଦସ୍ୟଙ୍କ ଅବଦାନ ଥିଲା। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ରହି କ୍ରୀଡ଼ାର ଗୁରୁତ୍ୱ, ଯୁବ ପ୍ରତିଭା ବିକାଶ ଓ ରାମଚନ୍ଦ୍ର ଦାଶ ଅଞ୍ଚଳର ବିକାସ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ମନ୍ତ୍ରୀଙ୍କ ସହିତ ଅରବିନ୍ଦ ପତି, କୈଳାଶ ମହାପାତ୍ର, ପ୍ରମୋଦ ସୂତାର, ରମାକାନ୍ତ ପତି, ଶରତ ମାଝୀ, ସନ୍ତୋଷ ଦାଶ ଅଧିକାରୀ ସମେତ ଅନେକ କ୍ରୀଡ଼ାପ୍ରେମୀ ଶେଷରେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ।




## ବାବା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ସୋନପୁରକୁ ହରାଇ ଫୁଲବାଣୀ ସେମିରେ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲାର ପ୍ରସିଦ୍ଧ ବାବା କପ୍ ଫୁଟବଲ୍ ଟୁର୍ଣ୍ଣାମେର ୫ମ ଦିନରେ ଗ୍ରୁପ୍-ବି'ର ଦ୍ୱିତୀୟ ମ୍ୟାଚ୍ ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀ ଓ ସୁରେଶ୍ୱରୀ ଫୁଟବଲ୍ ଏକାଡେମୀ ସୋନପୁର ମଧ୍ୟରେ ଅନୁଷ୍ଠିତ ହୋଇଥଲା। ସରସରା ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚ୍‌ରେ ପ୍ରଥମରୁ ହିଁ ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀ ସୋନପୁର ଉପରେ ଭାରି ପଡ଼ିଥିଲା। ମ୍ୟାଚ୍ ଆରମ୍ଭର କିଛି ସମୟ ମଧ୍ୟରେ ହିଁ ଫୁଲବାଣୀ ଗୋଟିଏ ଗୋଲ୍ ଦେଇ ମ୍ୟାଚ୍‌ରେ ଅଗ୍ରଣୀ ଲାଭ କରିଥିଲା। ତେବେ ସୁରେଶ୍ୱରୀ ଫୁଟବଲ୍ ଏକାଡେମୀ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରିବା ଫଳରେ ପ୍ରଥମାର୍ଦ୍ଧରେ ଫୁଲବାଣୀ ଆଉ ଗୋଲ୍ କରିବାକୁ ସକ୍ଷମ ହୋଇନଥିଲା। ଦ୍ୱିତୀୟାର୍ଦ୍ଧରେ ଫୁଲବାଣୀ ଅତ୍ୟନ୍ତ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବା ସହିତ ଆହୁରି ତିନିଗୋଟି ଗୋଲ୍‌କରି ମ୍ୟାଚ୍‌କୁ ନିଜ ସପକ୍ଷରେ କରିଥିଲା। କିନ୍ତୁ ସୋନପୁର ଦଳ ଗୋଟିଏ ମଧ୍ୟ ଗୋଲ୍ କରିପାରିନଥିବାରୁ ମ୍ୟାଚ୍‌କୁ ଏକ ତରଫା ଭାବେ ସ୍ପୋର୍ଟସ ହଷ୍ଟେଲ ଫୁଲବାଣୀ ୪-୦ରେ ଜିତି ନେଇ ଦ୍ୱିତୀୟ ଦଳ ଭାବେ ଗ୍ରୁପ୍-ବି ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ଅଲ୍‌ଇଣ୍ଡିଆ ଫରେଷ୍ଟ ଫେଡେରେସନର ସମ୍ପାଦକ ଜଗବନ୍ଧୁ ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଣ ଗେଜେଟେଡ ବନସେବା ସଙ୍ଘ, ଓଡ଼ିଶାର ସଭାପତି ଯଶୋବନ୍ତ ରଣବିଡା, ସମ୍ବଲପୁର ବନ କର୍ମଚାରୀ ସଂଘର ସଭାପତି ମୋନାଲିସ ବାବୁ ପ୍ରମୁଖ ଯୋଗଦେଇ ଦୁଇଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳରେ ଶ୍ରେଷ୍ଠ ପ୍ରଦର୍ଶନ କରି ଦୁଇଗୋଟି ଗୋଲ୍ ସ୍କୋର କରି ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିବା ଯଶବୀର ଖୋସଲାଙ୍କୁ ଟ୍ରଫି ସହିତ ଅର୍ଥରାଶି ପୁରସ୍କାର ଭାବରେ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

# ଏସିଆନ ସୁଟିଂ ଚାମ୍ପିୟନସିପ୍‌ରେ ଚମକିଲେ କେନ୍ଦୁଝରର ଝିଅ

**କେନ୍ଦୁଝର**



ସାହରପଡ଼ା ବ୍ଲକ ଉଦୟପୁର ଗ୍ରାମର କନ୍ୟା "ମାନ୍ୟତା ସିଂହ" ନୂଆଦିଲ୍ଲୀ ଠାରେ ଆୟୋଜିତ ଏସିଆନ୍ ସୁଟିଂ ଚାମ୍ପିୟନସିପ-୨୦୨୬ରେ ଚମକିଛନ୍ତି। ସେ ୧୦ ମିଟର ଏୟାର ରାଇଫଲ ମହିଳା ଜୁନିଅର ଇଭେଣ୍ଟରେ ପ୍ରଥମ ପଦାର୍ପଣରେ ସମୁଦାୟ ୨୪୯.୭ ପଏଣ୍ଟ ହାସଲ କରି ଦେଶ ପାଇଁ ରୌପ୍ୟ ପଦକ ଅର୍ଜନ କରିଛନ୍ତି।

କେନ୍ଦୁଝର ଜିଲ୍ଲା ଉଦୟପୁର ଗ୍ରାମର ସର୍ବଦମନ ସିଂହ ଓ ସ୍ମିତା ଦାସଙ୍କ ଝିଅ ହେଉଛନ୍ତି ମାନ୍ୟତା। ଏହି ଐତିହାସିକ ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ ବରଂ ଗ୍ରାମ ଉଦୟପୁର ଓ ସମଗ୍ର ଓଡ଼ିଶା ତଥା ଦେଶ ପାଇଁ ଗର୍ବ ବଢ଼ାଇଛନ୍ତି ମାନ୍ୟତା। ସେ କଳିଙ୍ଗ ଷ୍ଟାଡିୟମ ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ସୁଟିଂ ଏକାଡେମୀରେ ନିଜର ଅଭ୍ୟାସ ଜାରି ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, କେନ୍ଦୁଝର ଜିଲ୍ଲା ବିଜେପିର ପୂର୍ବତନ ସଭାପତି ଅଂଶୁମାନ ସବୁଜ ମହାନ୍ତ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବଲାଙ୍ଗୀର ମାରାଥନ ଆସୋସିଏସନ୍‌ର ସାଇକେଲ ଆରୋହୀଙ୍କୁ ସୁବର୍ଣ୍ଣପୁରରେ ସ୍ୱାଗତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**




ରବିବାର ଭୋର୍ ୪.୩୦ରେ ସାଇକେଲ ଯାତ୍ରା କରି ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ୍ ଠାରେ ପହଞ୍ଚିଥିଲେ ବଲାଙ୍ଗିର ମାରାଥନ ଆସୋସିଏସନ୍ ପ୍ରତିନିଧି ଦଳ। ସୁବର୍ଣ୍ଣପୁର ଗାନ୍ଧି ଷ୍ଟାଡିୟମ୍‌ରେ ପହଞ୍ଚିବା ପରେ ପ୍ରଥମେ ମିଡିଆଙ୍କୁ ସମ୍ବୋଧନ କରି ଆମେ ସାଇକେଲ ଚଳାଇବା ଦ୍ୱାରା ନିଜକୁ ସୁସ୍ଥ ରଖି ଅନ୍ୟମାନଙ୍କୁ ସମାଜକୁ ସୁସ୍ଥ ରଖି ପାରିବା ବୋଲି ବଲାଙ୍ଗୀର ମାରାଥନ ସଂଘ ସଦସ୍ୟ କହିଥିଲେ। ପାଞ୍ଚ ବର୍ଷ ପୂର୍ବରୁ ଏ ସଙ୍ଗଠନ ଏଇ ସଚେତନତା ଅଭିଯାନ ଆରମ୍ଭ କରିଥିବା ବେଳେ 'ପରିବେଶ ସୁରକ୍ଷା ସହ ସ୍ୱାସ୍ଥ୍ୟ ସୁରକ୍ଷା' 'ରୋଗ ମୁକ୍ତ ଓ ନିଶା ମୁକ୍ତ ସମାଜ ଗଠନ' ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ମତ ରଖିଥିଲେ। ଏବେକାର ଯୁବପୀଢ଼ିଙ୍କୁ ନିଶା ଠାରୁ ଅନଲାଇନ୍ ଗେମ୍ ଠାରୁ ଦୂରେଇ ରଖି ଯୋଗ ପ୍ରାଣାୟାମ ଖେଳକୁଦ ବ୍ୟାୟାମ ଓ ସାଇକେଲ ଚଳାଇବା ଅଭ୍ୟାସ କରି ନିଜକୁ ସୁସ୍ଥ ରଖିବା ସହ ପରିବାରକୁ ସମାଜକୁ ଏ ବାର୍ତ୍ତା ପହଞ୍ଚାଇବାକୁ ଓ ଯୁବପୀଢ଼ି ପଥ ଭ୍ରଷ୍ଟ ନ ହେବାକୁ ଏ ମାରାଥନ ସ୍କ୍ୱାଡ୍ ନିବେଦନ କରିଥିଲେ। ପରେ ପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପ ରାଜ ସାହୁ ଭିଡିଓ କଲ୍ ଜରିଆରେ ଏ ମାରାଥନ ଆସୋସିଏସନ୍ କର୍ମକର୍ତ୍ତାଙ୍କୁ ସ୍ୱାଗତ ଶୁଭେଚ୍ଛା ଜଣାଇ ଏ ଫିଟ୍ ଇଣ୍ଡିଆ ସଚେତନତା ଯାତ୍ରାର ସଫଳତା କାମନା କରି ଏ ଅଭିଯାନ ଜାରି ରଖିବାକୁ କହି ଏକ ସୁସ୍ଥ ସୁନ୍ଦର ଜୀବନଟିଏ ଜିଇଁବାକୁ ପରାମର୍ଶ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘ, ଜିଲ୍ଲା କ୍ରିକେଟ୍ ଆସୋସିଏସନ୍, ସାମ୍ବାଦିକ ସଂଘ, ରମଧୁନ୍ କ୍ଲବ୍, ସରକାରୀ ବସ ସଂଘ, ସ୍ୱଚ୍ଛ ଭାରତ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଖେଳ ପ୍ରତି ସ୍ୱାସ୍ଥ୍ୟ ପ୍ରତି ଯୁବକଙ୍କ ଆଗ୍ରହ ଦେଖି ସଚେତନ ଥିବା ଦେଖି ଓ ଜିଲ୍ଲା ପ୍ରଶାସନ, ସୋନପୁର ବୁଦ୍ଧିଜୀବୀଙ୍କ ଉତ୍ସାହ ଆତିଥ୍ୟ ପାଇଁ ଉପସ୍ଥିତ ସ୍ୱେଚ୍ଛାସେବୀ ମିଡିଆ ଖେଳାଳିଙ୍କୁ ଏ କର୍ମକର୍ତ୍ତା ପ୍ରଶଂସା କରି ଏହା ଆମ ପାଇଁ ପ୍ରେରଣା ବୋଲି କହିଥିଲେ।

# ୧୧ରୁ ସର୍ବଭାରତୀୟ ହିମାଂଶୁ ଦାସ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ବାଲେଶ୍ୱର, ନ୍ୟୁଜ୍**

ଉତ୍ତର ଓଡ଼ିଶାରେ ଫୁଟବଲ ଖେଳର ଏକ୍ଟୁଡ଼ିଶାଳ ବାଲେଶ୍ୱରରେ ସର୍ବଭାରତୀୟ ହିମାଂଶୁ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହିମାଂଶୁ ହରି ଫାଉଣ୍ଡେସନ ଆନୁକୂଲ୍ୟରେ ଆସନ୍ତା ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ପରମିଟ ପଡ଼ିଆରେ ଅନୁଷ୍ଠିତ ହେବ ଆୟୋଜିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଫାଉଣ୍ଡେସନର ଚେୟାରମ୍ୟାନ ଯୁବ ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ ଏଥିରେ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲେଶ୍ୱରରେ ଫୁଟବଲ ଖେଳକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଫୁଟବଲ ଆସୋସିଏସନ୍ ଅଫ ଇଣ୍ଡିଆ ସହ ଅନୁବନ୍ଧନରେ ଏହି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ପ୍ରୟାସ କରାଯାଇଛି ବୋଲି ଶ୍ରୀ ଦାସ କହିଛନ୍ତି। ଫାଉଣ୍ଡେସନର ଭାଇସ ଚେୟାରମେନ୍ ସଂଗ୍ରାମ ଦାସ ଏଥିରେ ଟୁର୍ଣ୍ଣାମେଣ୍ଟର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ୧୧ ତାରିଖ ବାଲେଶ୍ୱର ହରି ପ୍ଲାଷ୍ଟ ସହିତ ହାଇଦ୍ରାବାଦର ଆରଟି ବୟେଜ୍, ୧୨ ତାରିଖ ରାଉରକେଲା ରେଡ୍ ସହିତ ଏସଏସବି, ସିଲିଗୁଡ଼ି, ୧୪ ତାରିଖରେ ବାରାକପୋର୍ ସ୍ଥିତ ପଶ୍ଚିମବଙ୍ଗ ପୋଲିସ ସ୍ପୋର୍ଟସ କ୍ଲବ ସହିତ ଏମଇଜି ବାଙ୍ଗାଲୁରୁ, ୧୫ ତାରିଖରେ କେରଳର କନ୍ନର ୟୁନାଇଟେଡ ଫୁଟବଲ କ୍ଲବ ସହିତ ବିହାରର ମା କାମାକ୍ଷା ଫୁଟବଲ କ୍ଲବର ମ୍ୟାଚ ଅନୁଷ୍ଠିତ ହେବ। ୧୩ ଓ ୧୬ ତାରିଖ ଦୁଇଟି ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ୧୭ ତାରିଖ କଟକର ନିତା ଫୁଟବଲ ଏକାଡେମୀ ଓ ବାରାକପୋର୍ ସ୍ଥିତ ପଶ୍ଚିମବଙ୍ଗ ମହିଳା ପୋଲିସ ସ୍ପୋର୍ଟସ କ୍ଲବ ମଧ୍ୟରେ ପ୍ରଦର୍ଶନୀ ଫୁଟବଲ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିବ। ୧୭ ତାରିଖ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ମ୍ୟାଚ୍ ପୂର୍ବରୁ ଅପରାହ୍ଣ ୨ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଅପରାହ୍ଣ ୩ଟାରୁ ମ୍ୟାଚ ଆରମ୍ଭ ହେବ। ୧୧ ତାରିଖ ଅପରାହ୍ଣ ୨ଟାରେ ଉଦ୍‌ଘାଟନୀ ଉତ୍ସବ ଏବଂ ୧୭ ତାରିଖ ଫାଇନାଲ ମ୍ୟାଚ୍ ପରେ ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ୫୦ ହଜାର ଟଙ୍କା ପୁରସ୍କାର ଅର୍ଥ ରାଶି ସହିତ ଟ୍ରଫି ଏବଂ ରନର୍ସଅପ ଟିମ୍‌କୁ ୨୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ ବୋଲି ସଂଗ୍ରାମ ଦାସ କହିଛନ୍ତି। ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟି ସମ୍ପାଦକ ସୂଜୟ ଆଚାର୍ଯ୍ୟ ଓ ସହ ସମ୍ପାଦକ ରାଜେଶ ମହାପାତ୍ର ଏଥିରେ ସମସ୍ତ ମ୍ୟାଚର ସଫଳ ଆୟୋଜନ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବାଲେଶ୍ୱରର ଦର୍ଶକ ବହୁ ସଂଖ୍ୟାରେ ଯୋଗ ଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାକୁ ଆହ୍ୱାନ ଦେଇ ଆୟୋଜନ କମିଟି ସଦସ୍ୟ ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅସିତ ଦାସ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ଅଭ୍ୟୁଦୟ ଦାସ, ଅମରେନ୍ଦ୍ର ପାତ୍ର, ଅୟେନ୍ ସେନ, ବିଶ୍ୱଜିତ ପରମାଣିକ, ସମ୍ପଦ ଦାସ, ସମର୍ଥ ଦାସ, ଅଶ୍ୱିନୀ ସାମଲ, ସୁଶାନ୍ତ ପଣ୍ଡା, ଦିଲ୍ଲୀପ ଦାସ ମହାପାତ୍ର ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଜାତୀୟ ସ୍ତରୀୟ ଦିବାରାତ୍ର ଗୋଶାଳା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ଶେଷ




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ୨ୟ ବାର୍ଷିକ ଜାତୀୟ ସ୍ତରୀୟ ଦିବାରାତ୍ର ଗୋଶାଳା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଯାଇଛି ବୋଲି ଆୟୋଜନ କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଚଳିତ ମାସ ୧୫ ତାରିଖରୁ ମାର୍ଚ୍ଚ ୧ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଅଂଶଗ୍ରହଣ କରିଛନ୍ତି ବୋଲି ସାଧାରଣ ସମ୍ପାଦକ ଗଦାଧର ନାୟକ ପ୍ରକାଶ କରିଥିଲେ। ପ୍ରତ୍ୟେକ ଦଳରେ ଜଣେ ରାଜ୍ୟ ସ୍ତରୀୟ ଓ ଜଣେ ଜାତୀୟ ସ୍ତରୀୟ ନାମିଦାମୀ ଖେଳାଳି ରହିଛନ୍ତି ବୋଲି ଜଣାପଡ଼ିଛି। ୧୫ ତାରିଖ ସନ୍ଧ୍ୟାରେ ଏହି ଟୁର୍ଣ୍ଣାମେଣ୍ଟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍‌ଘାଟିତ ହେବା ସହ ଗୋଟିଏ ମ୍ୟାଚ୍ ଅନୁଷ୍ଠିତ ହେବ। ପୁରସ୍କାର ସ୍ୱରୂପ ଚାମ୍ପିଅନ ଦଳ ପାଇଁ ୨ ଲକ୍ଷ ୫୦ ହଜାର ଓ ରନର୍ସଅପ ଦଳ ପାଇଁ ୨ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ସହ ଟ୍ରଫି ଏବଂ ମ୍ୟାନ ଅଫ ଦି ସିରିଜ ପାଇଁ ହିରୋ ବାଇକ, ମ୍ୟାନ ଅଫ ଦି ମ୍ୟାଚ୍ (ଫାଇନାଲ) ପାଇଁ ସାଇକେଲ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପାଇଁ ୱାସିଂମେସିନ, ଶ୍ରେଷ୍ଠ ବୋଲର ପାଇଁ ଫ୍ରିଜ୍ ସହ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ରହିଛି ବୋଲି କମିଟି ପ୍ରକାଶ କରିଛନ୍ତି। ଗୋ ମାତାକୁ ପ୍ରାଧାନ୍ୟ ଦେଇ ଏଭଳି ଏକ ଟୁର୍ଣ୍ଣାମେଣ୍ଟର ପରିକଳ୍ପନା କରାଯାଇଛି ବୋଲି ସଭାପତି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଗଣମାଧ୍ୟମ ସହ ସଂଯୋଜକ ଗୌତମ ଦାସ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପ ସଭାପତି ରତିକାନ୍ତ ଦାସ, ସାଙ୍ଗଠନିକ ସମ୍ପାଦକ ସରୋଜ ଶତପଥି, ମୁଖ୍ୟ ସଂଯୋଜକ ସୁଦର୍ଶନ ପାତ୍ର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାରିକ ସହ କୋଷାଧ୍ୟକ୍ଷ ସନ୍ଦୀପ ମୌଳିକ ଓ କମେଣ୍ଟେଟର କେ. ପଙ୍କଜ ମହାକୁଡ଼ ଉପସ୍ଥିତ ଥିଲେ।

OFFICE OF THE CHIEF ENGINEER, MEGA LIFT
BHUBANESWAR
Plot no. A 8/2, Bhoinagar, Bhubaneswar, Odisha, PIN-751022
E-Mail: cemlpwr.od@gmail.com

Government of Odisha "e" Procurement Notice
Bid Identification No. 11ML /2025-26

The Chief Engineer, Megalift on behalf of the Governor of Odisha invites online tender through "E"procurement for the work as detailed in the Annexure to this bid notice.

ANNEXURE TO BID NOTICE

| | |
|---|---|
| Name of the work | Appointment of Proof Engineering Consultant (PEC) for implementation of Mega Lift projects in Cluster No. XXXI |
| Cost of Tender Paper | Rs. 10,000/- |
| EMD/Bid Security | Rs.1,03,000/- |
| Mode of payment of tender paper Cost & EMD | Online |
| Period of Completion: | 36(Thirty-Six) Calendar months |
| Availability of Bid document for sale and receipt through on-line | From dt.11.02.2026, 10.00 A.M, to dt.25.02.2026, up to 5.00 P.M. |
| Last date / time of receipt of bid in the portal | 25.02.2026 (5.00PM) |
| Date of Pre-bid Conference | 17.02.2026, 11.00 AM |
| Date of opening of Techno-Commercial bid through online | On dt. 26.02.2026 at 11.00 A.M in the Office of the Chief Engineer, Megalift. |
| Class of Contractor | The bidder should be registered under the Companies Act, 1956 |
| Digital Signature Certificate of Bidder | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site https:/dowr.odisha.gov.in | |
| Name & Address of the OIT | Chief Engineer, Megalift Plot No. A-8/2, Bhoi Nagar, Bhubaneswar-751022 Ph.No -0674-2567252, Email ID: cemlpwr.od@gmail.com |
| Further details can be seen from the e-Procurement market place. https://tendersodisha.gov.in | |

OIPR : 32001/38/2526

Sd/-
Chief Engineer,
Bhinagar, Bhubaneswar

# ଅନ୍ୱେଷଣ ପରିବାର ପକ୍ଷରୁ ନରନାରାୟଣ ସେବା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ କୋର୍ କମିଟିର ଅଧ୍ୟକ୍ଷ ସେକ୍ ଅବୁଦୁଲ ସାଜିଦ (ଚାନ୍ଦ)ଙ୍କ ଜନ୍ମଦିନ ଅବସରରେ ଅନ୍ୱେଷଣ ପରିବାର ପକ୍ଷରୁ ମେଡ଼ିକାଲ ଛକ ନିକଟରେ ପଥଚାରୀମାନଙ୍କୁ ଅନ୍ନଯଜ୍ଞ ମାଧ୍ୟମରେ ନରନାରାୟଣ ସେବା ପ୍ରଦାନ କରାଯାଇ ଥିଲା, ଏହି ମହତ୍ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଓ ଅଧିକାରୀ ନବକିଶୋର ଦାସ, ସମାଜସେବୀକା ଟୁନି ସାହୁ, ସମାଜସେବୀ ସ୍ୱଦେଶ ପଟ୍ଟନାୟକ, କାଉନସିଲର ମାନଗୋବିନ୍ଦ ପତି, ପ୍ରଥମେ ଶୁଭାରମ୍ଭ କରି ପଥଚାରୀ ମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ପ୍ରକାଶ ଥାଉକି ଅନ୍ୱେଷଣ ଥିଏଟର ଗ୍ରୁପ ତାର ପ୍ରତ୍ୟେକ ସଦସ୍ୟ/ସଦସ୍ୟା ଓ କର୍ମକର୍ତ୍ତାମାନଙ୍କର ଜନ୍ମଦିନ ପାଳନ କରିଥାଏ।

# ଜନଗଣନା ସଂପର୍କରେ ତାଲିମ ଓ ସମୀକ୍ଷା

**ବାଲେଶ୍ୱର, ନ୍ୟୁଜ୍**



ଜନଗଣନା-୨୦୨୭ ସମ୍ବନ୍ଧରେ ପ୍ରାରମ୍ଭିକ ତାଲିମ ଓ ସମୀକ୍ଷା ବୈଠକ ବାଲେଶ୍ୱର ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଅଡିଟୋରିୟମ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଅଧ୍ୟକ୍ଷତା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାଏକ କରିଥିଲେ। ସେ ଜିଲ୍ଲାର ନୋଡାଲ ଅଧିକାରୀ ମଧ୍ୟ।

ଏହି ବୈଠକରେ ଉପଜିଲ୍ଲାପାଳ, ନୀଳଗିରି ଶୁଭଶ୍ରୀ ରଥ, ଡେପୁଟି ଜିଲ୍ଲାପାଳ (ସାଧାରଣ ଓ ବିବିଧ), ସମସ୍ତ ପୌରପାଳିକା ଓ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ସହିତ ଅନ୍ୟାନ୍ୟ ସଂପୃକ୍ତ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

ବୈଠକର ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ବାଲେଶ୍ୱର ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ତାଙ୍କ ପରାମର୍ଶ କ୍ରମେ ଜିଲ୍ଲା ନୋଡାଲ୍ ଅଫିସର (ଜନଗଣନା) "ଜନଗଣନା-୨୦୨୭ର ପରିଚୟ ଓ ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ" ବିଷୟରେ ଏକ ବିସ୍ତୃତ ପାୱରପଏଣ୍ଟ ଉପସ୍ଥାପନା ପ୍ରଦାନ କରିଥିଲେ।

ଏହି ଉପସ୍ଥାପନାରେ ଜନଗଣନା-୨୦୨୭ର ଉଦ୍ଦେଶ୍ୟ, ଏହାର ଗୁରୁତ୍ୱ ଏବଂ ଜିଲ୍ଲା ଓ କ୍ଷେତ୍ରସ୍ତରରେ ଗ୍ରହଣୀୟ ବିଭିନ୍ନ ପ୍ରସ୍ତୁତିମୂଳକ ପଦକ୍ଷେପ ସମ୍ପର୍କରେ ସବିସ୍ତାର ଆଲୋଚନା କରାଯାଇଥିଲା। ଉପସ୍ଥାପନା ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ପ୍ରତ୍ୟେକ ସ୍ଲାଇଡ୍ ପରେ ଅଂଶଗ୍ରହଣକାରୀମାନଙ୍କୁ ପ୍ରଶ୍ନ ପଚାରିବା ଓ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ଉଠାଯାଇଥିବା ସମସ୍ତ ସନ୍ଦେହ ଓ ପ୍ରଶ୍ନର ସନ୍ତୋଷଜନକ ସ୍ପଷ୍ଟୀକରଣ ଜିଲ୍ଲା ନୋଡାଲ୍ ଅଫିସର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶନାରେ ପ୍ରଦାନ କରିଥିଲେ।

ବୈଠକରେ ଶ୍ରୀ ନାଏକ ସମୟାନୁବର୍ତ୍ତୀ ପ୍ରସ୍ତୁତି, ସମସ୍ତ ସଂପୃକ୍ତ ବିଭାଗମାନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ଏବଂ ଜନଗଣନା ସମ୍ବନ୍ଧୀୟ ଦାୟିତ୍ୱ ପ୍ରତି ସମସ୍ତ ଅଧିକାରୀଙ୍କର ସଠିକ୍ ବୁଝାମଣା ଅତ୍ୟନ୍ତ ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ଅଧ୍ୟକ୍ଷ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇ ବୈଠକ ସମାପ୍ତ ହୋଇଥିଲା।

# ପୁଅକୁ ଛୁରି ଭୁସି ମାରିଦେଲା ବାପା

**କାମାକ୍ଷାନଗର, ନ୍ୟୁଜ୍‌ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା କମ୍ପୁଲେଇ ପୁରୁଣାସାହି ଗାଁରେ ରବିବାର ଜଣେ ବାପା ନିଜ ପୁଅକୁ ଛୁରି ଭୁସି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପାରିବାରିକ କଳହକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଘଟଣା ପରେ ଅଭିଯୁକ୍ତ ବାପା ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।





# ଲକ୍ଷ୍ମୀଡୁଙ୍ଗୁରୀରେ ଐତିହାସିକ ପ୍ରକୃତି ଉଦ୍ୟାନ ନିର୍ମାଣ ଦାବି

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଭାରତୀ ସମାଜ ପକ୍ଷରୁ ରବିବାର ଲକ୍ଷ୍ମୀଡୁଙ୍ଗୁରୀ ବିକାଶ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୧୬ ମସିହାରୁ ସିଦ୍ଧାଚାର୍ଯ୍ୟ ମାନଙ୍କ ନାମରେ ପ୍ରତିବର୍ଷ ଭାରତୀ ସମାଜ ପକ୍ଷରୁ ସମର୍ପଣ ଉତ୍ସବ ଆୟୋଜନ କରାଯାଇ ଆସୁଛି। ଲକ୍ଷ୍ମୀଡୁଙ୍ଗୁରୀ ଠାରେ ଗୁରୁ ପଦ୍ମସମ୍ଭବ, ଗୁରୁ ଇନ୍ଦ୍ରଭୂତି, ଲକ୍ଷ୍ମୀକରା, ସାତବହନୀ ଏବଂ ଅନ୍ୟ ସିଦ୍ଧାଚାର୍ଯ୍ୟଙ୍କ ସ୍ମୃତିରେ ବୃକ୍ଷ ଗୁଡିକୁ ସମର୍ପଣ କରାଯାଇଛି। ଆଜି ସେହି ସମର୍ପିତ ବୃକ୍ଷ ଗୁଡିକୁ ପରିଦର୍ଶନ କରିବା ସହ ତାର ସ୍ଥିତି ଆକଳନ କରାଯାଇଥିଲା। ଏହାସହ ସମ୍ବଲପୁରରେ ପର୍ଯ୍ୟଟନର ବିକାଶ ପାଇଁ ସରକାର ଗୁରୁତ୍ୱ ଦେଇ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରି କରୁଥିବାରୁ ସେଥିରେ ଲକ୍ଷ୍ମୀ ଡୁଙ୍ଗୁରୀକୁ ସାମିଲ କରିବାକୁ ଭାରତୀ ସମାଜ ପକ୍ଷରୁ ଦାବି କରାଯାଇଥିଲା। ଲକ୍ଷ୍ମୀଡୁଙ୍ଗୁରୀ ଅସୁରକ୍ଷୀତ ହୋଇ ପଡିଥିବାରୁ ଅନେକ ଦାମୀ ଗଛ ଗୁଡିକୁ ଲୋକେ କାଟି ନେଉଥିବା ବେଳେ ବିଭିନ୍ନ ଲୋକଙ୍କ ଲୋଲୁପ ଦୃଷ୍ଟି




ପଡୁଛି। ଏହାର ସୁରକ୍ଷା ଏବଂ ବିକାଶ କରାନଗଲେ ଲକ୍ଷ୍ମୀଡୁଙ୍ଗୁରୀ କେତେବେଳେ କୌଣସି କମ୍ପାନୀ ଅଧିନରେ କାରଖାନା ନିର୍ମାଣରେ ବ୍ୟବହାର ହୋଇଯିବ। ତେଣୁ ୨୦୧୬ ମସିହାରୁ ଦାବି ହୋଇ ଆସୁଥିବା ଲକ୍ଷ୍ମୀଡୁଙ୍ଗୁରୀରେ ଏତିହାସିକ ପ୍ରକୃତି ଉଦ୍ୟାନ ନିର୍ମାଣ କରାଯାଇ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରାଯିବା ସହ ଲକ୍ଷ୍ମୀ ଡୁଙ୍ଗୁରୀର ପ୍ରକୃତିକୁ ମଧ ସୁରକ୍ଷିତ କରାଯାଇ ପାରିବ ବୋଲି ଭାରତୀ ସମାଜ ପକ୍ଷରୁ କୁହାଯାଇଛି। ଲକ୍ଷ୍ମୀଡୁଙ୍ଗୁରୀରେ ଗଛ ଗୁଡିକୁ କଟା ନଯାଇ ସେଠାରେ ବ୍ୟବସ୍ଥିତ ଢଙ୍ଗରେ ନୂତନ ବୃକ୍ଷରୋପଣ କରାଯାଇ ଏହାକୁ ଆହୁରୀ ଆକର୍ଷଣୀୟ କରାଯାଇ ପାରିବ। ଲକ୍ଷ୍ମୀଡୁଙ୍ଗୁରୀ ମହାନ ସାଧିକା ଲକ୍ଷ୍ମୀକରାଙ୍କ ନାମରେ ନାମିତ ହୋଇଥିବା ବିଶ୍ୱାସ ରହିଛି। ତେଣୁ ଏହା ଅଞ୍ଚଳର ଇତିହାସ ଏବଂ ସଂସ୍କୃତି ସହ ଲୋକଙ୍କ ଭାବନା ମଧ ଜଡିତ ରହିଛି। ତେଣୁ ଏହାର ସୁରକ୍ଷା ପ୍ରତି ବନ ବିଭାଗ ଅଧିକ ଦୃଷ୍ଟୀ ଦେଇ ୫୨ ନମ୍ବର ରାଜପଥରେ ସୁନ୍ଦର ଗେଟ ଲଗାଯିବା ସହ ପର୍ଯ୍ୟଟକଙ୍କ ପାଇଁ ସୁବିଧା କରିବାକୁ ଭାରତୀ ସମାଜ ପକ୍ଷରୁ ଦାବି କରାଯାଇଛି। ଲକ୍ଷ୍ମୀଡୁଙ୍ଗୁରୀ ଅଞ୍ଚଳର ସର୍ବବୃହତ ଶାଗୁଆନ ବଣ ରହିଛି। ପୁଣି ଲକ୍ଷ୍ମୀ ଡୁଙ୍ଗୁରୀରୁ ହୀରାକୁଦ ବନ୍ଧ ନିର୍ମାଣ ପାଇଁ ପଥର ବ୍ୟବହାର କରାଯାଇଥିଲା। ୭୫ ବର୍ଷ ପୂର୍ବରୁ ପାହାଡରୁ କଟାଯାଇ ଥିବା ପଥର ବର୍ତ୍ତମାନ ଆକର୍ଷଣୀୟ ଦେଖାଯାଉଛି। ପୁଣି ଲକ୍ଷ୍ମୀଡୁଙ୍ଗୁରୀ ଓଡ଼ିଶାର ସର୍ବ ପୁରାତନ ମାଟି ପରିକ୍ଷା କେନ୍ଦ୍ର ରହିଥିଲା। ତେଣୁ ବିଭିନ୍ନ ଦୃଷ୍ଟୀରୁ ଲକ୍ଷ୍ମୀଡୁଙ୍ଗୁରୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ସକ୍ଷମ ବୋଲି ଭାରତୀ ସମାଜ ପକ୍ଷରୁ ଦାବି କରା ଯାଇଛି। ଏଥିପାଇଁ ଲକ୍ଷ୍ମୀଡୁଙ୍ଗୁରୀର ଏତିହାସିକ ପ୍ରକୃତି ଉଦ୍ୟାନ ନିର୍ମାଣ ପାଇଁ ବର୍ଷ ତମାମ କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ଆଜିର କାର୍ଯ୍ୟକ୍ରମରେ ସ୍ଥିର କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ଭାରତୀ ସମାଜର ଆବାହକ ଭବାନୀଶ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀ ସମାଜର ମହାସଚିବ ଦେବୀ ପ୍ରସାଦ ଭୋଇ, କ୍ଷେତ୍ରୀୟ ସଂଯୋଜକ ଡ. ସ୍ୱୟଂ ପ୍ରକାଶ ପଣ୍ଡା, ସୁବ୍ରତ ପ୍ରଧାନଙ୍କ ଭାରତୀ ସମାଜର ସଦସ୍ୟ ମାନେ ସାମିଲ ହୋଇଥିଲେ।

# ଧଉଳି-କଳିଙ୍ଗ ମହୋତ୍ସବ କଳା ଓ ସଂସ୍କୃତିର ଶକ୍ତିକୁ ଉଜାଗର କରିଛି : ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରବିବାର ସନ୍ଧ୍ୟାରେ ଧଉଳି ଠାରେ ଆୟୋଜିତ ୨୨ତମ ଧଉଳି – କଳିଙ୍ଗ ମହୋତ୍ସବର ଉଦଯାପନୀ ସମାରୋହରେ ଯୋଗ ଦେଇଥିଲେ। ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସେକ୍ରେଟାରୀ ଡ. ଅରୁଣା ମହାନ୍ତି ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳ 'ମଶାଲ ପ୍ରଜ୍ୱଳନ' କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରସିଦ୍ଧ ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ରଙ୍କୁ ନାଟକ କ୍ଷେତ୍ରରେ ତାଙ୍କର ମହନୀୟ ଅବଦାନ ପାଇଁ 'ବୃଦ୍ଧ ସମ୍ମାନ' ପ୍ରଦାନ କରିଥିଲେ।




ସେହିପରି ପୂର୍ବତନ ଭାରତୀୟ କୂଟନୀତିଜ୍ଞ ଏବଂ ଭାରତୀୟ ପରଫର୍ମିଙ୍ଗ ଆର୍ଟ ର ଜଣେ ପ୍ରମୁଖ ପୃଷ୍ଠପୋଷକ ଲଳିତ୍ ମାନସିଂହଙ୍କୁ 'ସ୍ୱର୍ଣ୍ଣ ସ୍ମାରକୀ ସମ୍ମାନ' ଦ୍ୱାରା ସମ୍ମାନିତ କରିଥିଲେ। ଏହି ଅବସରରେ ରାଜ୍ୟପାଳ ମହୋତ୍ସବର ଶେଷ ପର୍ଯ୍ୟାୟରେ ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଓଡ଼ିଶାର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ରାଜ୍ୟପାଳ କହିଛନ୍ତି ଯେ, ଧଉଳି–କଳିଙ୍ଗ ମହୋତ୍ସବ କଳାକାର ଏବଂ ଦର୍ଶକମାନଙ୍କୁ ସମନ୍ୱୟର ଭାବନାରେ ଏକତ୍ର କରି ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରଚାର–ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ଏହି ମହୋତ୍ସବ କଳା ଓ ସଂସ୍କୃତିର ଶକ୍ତିକୁ ଉଜାଗର କରି ଶାନ୍ତି ଏବଂ ସାଂସ୍କୃତିକ ଆଦାନ–ପ୍ରଦାନକୁ ପ୍ରୋତ୍ସାହନ ଯୋଗାଉଛି ବୋଲି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି।

# ସନ୍ତାନ ପାଇଁ ବାପା ଆକାଶ ପରି ନିବିଡ଼ ଓ ବାସ୍ତବ : ଡ. ପ୍ରତିଭା ରାୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜ୍ୟୋତ୍ସ୍ନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗତ ସନ୍ଧ୍ୟାରେ ସ୍ଥାନୀୟ ପାତ୍ରପଡ଼ ସ୍ଥିତ ଏ.ଏ. କନଭେନସନ ପରିସରରେ ଏକ ମନୋଜ୍ଞ ସାହିତ୍ୟ ଓ ସଂଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ପକ୍ଷରୁ ଏହି ସଭାରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ବରେଣ୍ୟ ଉପନ୍ୟାସିକା, ଜ୍ଞାନପୀଠ ବିଜୟିନୀ, ପଦ୍ମ ଭୂଷଣ ଡ. ପ୍ରତିଭା ରାୟ ଯୋଗଦେଇ 'ପ୍ରତ୍ୟେକ ସନ୍ତାନ ପାଇଁ ବାପା ଓ ମାଆ ଦୁଇଜଣ ଏକାଗ୍ର ଭାବେ ତା'ର ଚିନ୍ତା-ଚେତନା-ବ୍ୟାପକତା ଓ ଅସୀମ ଅନୁଭବର ଉତ୍ତରଣ ପାଇଁ ସର୍ବାଗ୍ରେ ମହାନ ଓ ପୂଜ୍ୟ। ମାଆ ପାଳନ-ପୋଷଣର କର୍ତ୍ତ୍ରୀ ହେଲେ 'ବାପା' ହିଁ ତା'ର ବାସ୍ତବ ଅଭିବୃଦ୍ଧିର ନିବିଡ଼ ଆକାଶ ପରି ପ୍ରଥମ ଗୁରୁ ଓ ତା' ଚଲାପଥର ଲୁହା କବାଟ।'



ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆହୂତ ଏହି ମନୋଜ୍ଞ ସଭାରେ ପ୍ରାକ୍ତନ ନ୍ୟାୟମୂର୍ତ୍ତି ଡ. ପ୍ରମଥ କୁମାର ପଟ୍ଟନାୟକ, ଭାରତୀୟ ପ୍ରଶାସନିକ ସେବାର ଅବସର ପ୍ରାପ୍ତ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ର, ବେଦବିଦ୍ୱାନ ବାଗ୍ମୀ ଡ. କୃଷ୍ଣ କେଶବ ଷଡ଼ଙ୍ଗୀ, ଅନ୍ୟତମ ସମ୍ମାନିତ ବକ୍ତା ଭାବେ ଡ. ଆଶୁତୋଷ ମିଶ୍ର ଯୋଗଦାନ କରି 'ବାପା ହିଁ ବାସ୍ତବ' ଶୀର୍ଷକ ଆଲୋଚନାରେ ଅଂଶ ଗ୍ରହଣ କରି ସନ୍ତାନ ପାଇଁ 'ବାପା'ଙ୍କ ଭୂମିକା - ବାସ୍ତବତା ଉପରେ ସୁନ୍ଦର ସାବଲୀଳ ଆଲୋଚନାମାନ ପ୍ରସଙ୍ଗକ୍ରମେ ଅଭିଭାଷଣ ପ୍ରଦାନ କରିଥିଲେ।

ସାହିତ୍ୟ-ସଂସ୍କୃତି ଓ ଚିତ୍ରନାଟ୍ୟ ବିଶିଷ୍ଟ କଳାକାର ଶରଣାରବିନ୍ଦ ଓଝା ଏହି ମନୋଜ୍ଞ ସଭାଟିକୁ ପରିଚାଳନା କରିଥିଲେ। ପ୍ରାୟ ତିନିଶତାଧିକ ଶ୍ରୋତାବୃନ୍ଦ ଏହି ସଭାକୁ ଉପଭୋଗ କରିଥିବା ବେଳେ ଟ୍ରଷ୍ଟ ପକ୍ଷରୁ ପୂର୍ବାହ୍ନରେ 'ଶ୍ରୀରାମ ଚରିତ ମାନସ'ର ସୁନ୍ଦରକାଣ୍ଡ ସଙ୍ଗୀତ ଓ ପ୍ରବଚନ ମାଧ୍ୟମରେ ପରିବେଷଣ କରାଯାଇ ଥିଲା। ଶେଷରେ ମନୋଜ୍ଞ ସଂଗୀତ ପରିବେଷଣ କରାଯିବା ପରେ ମହାପ୍ରସାଦ ସେବାର ଆୟୋଜନ କରାଯାଇଥିଲା। ଜ୍ୟୋତ୍ସ୍ନା ଚାରିଟେବୁଲ ଟ୍ରଷ୍ଟର ସମ୍ପାଦିକା ବିଦୁଷୀ ରିନୋଦିନୀ ଆଚାର୍ଯ୍ୟ ଧନ୍ୟବାଦ ସହ ସଭାସାଙ୍ଗ ଘୋଷଣା କରିଥିଲେ।

# କଟକରେ ମେଟ୍ରୋ ପ୍ରକଳ୍ପକୁ ନେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡ଼ିର ପ୍ରତିବାଦ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହେବାକୁ ନେଇ ପୁଣି ରାଜ୍ୟ ରାଜନୀତି ସରଗରମ ହୋଇଛି। ଏହି ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଘେରିଛନ୍ତି କଟକ ମେୟର ସୁବାସ ସିଂ। ପ୍ରକଳ୍ପ କାମ ଅଟକିବା ପ୍ରତିବାଦରେ ରବିବାର କଟକ ବାରବାଟୀ ଷ୍ଟାଡିୟମ ସମ୍ମୁଖରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ତଳେ ବିଜୁ ଜନତା ଦଳ ପକ୍ଷରୁ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ସେପଟେ ମେୟରଙ୍କ ଦାବିରେ ସ୍ୱର ମିଳାଇଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ। କଟକ ମେୟର ସୁବାସ ସିଂ କହିଛନ୍ତି ଯେ, ପୂର୍ବତନ ବିଜେଡି ସରକାର ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ



ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ଏଥିପାଇଁ ପ୍ରାୟ ୩୧୨ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଥିବା ବେଳେ ବର୍ତ୍ତମାନର ବିଜେପି ସରକାର ଏହାକୁ କାହିଁକି ବନ୍ଦ କରିଛନ୍ତି ? ବିଶେଷ କରି କେନ୍ଦ୍ରୀୟ ବଜେଟରେ ଓଡ଼ିଶା ମେଟ୍ରୋକୁ ବାଦ୍ ଦିଆଯିବା ଘଟଣାକୁ ସେ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି, 'ଓଡ଼ିଶାରୁ ରାଜ୍ୟସଭାକୁ ଯାଇଥିବା ଅଶ୍ୱିନୀ ବୈଷ୍ଣବ ଦେଶର ରେଳମନ୍ତ୍ରୀ ଅଛନ୍ତି, ତଥାପି ଓଡ଼ିଶାର ଏହି ସ୍ୱପ୍ନର ପ୍ରକଳ୍ପକୁ କାହିଁକି ଅବହେଳା କରାଯାଉଛି।' ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ମଧ ମେୟରଙ୍କ ସହ ସ୍ୱର ମିଳାଇଛନ୍ତି। ସେ କହିଛନ୍ତି, 'କଟକ ଓ ଭୁବନେଶ୍ୱର ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ସହଜ କରିବା ପାଇଁ ଏହି ପ୍ରକଳ୍ପ ଅତ୍ୟନ୍ତ ଜରୁରୀ। ସରକାର ଏହାକୁ କେଉଁ କାରଣରୁ ଅଟକାଇଛନ୍ତି, ତାହା ବୋଧଗମ୍ୟ ନୁହେଁ।'

# ୮ ଜଣଙ୍କୁ ସାଳନ୍ଦୀ ସାହିତ୍ୟ ସଙ୍ଗମ ସୃଜନ ପୁରସ୍କାର, ୬ଜଣ ପାଇବେ ସାହିତ୍ୟସଖା ସମ୍ମାନ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ପୂର୍ବୋତର ଓଡ଼ିଶାର ସର୍ବବୃହତ ତଥା ଏକମାତ୍ର ଦ୍ୱିଦିବସୀୟ ସାହିତ୍ୟ ଉତ୍ସବ 'ସାଳନ୍ଦୀ ସାହିତ୍ୟ ସଙ୍ଗମ'ର ସୃଜନ ପୁରସ୍କାର ଚଳିତ ବର୍ଷ ପାଇଁ ଘୋଷିତ ହୋଇଛି। ଭୁବନେଶ୍ୱରରେ ଅବସ୍ଥାପିତ ଓଡ଼ିଶାର ସ୍ୱନାମଧନ୍ୟ ପ୍ରକାଶନ ସଂସ୍ଥା 'ଟାଇମ୍‌ପାସ' ପକ୍ଷରୁ ଭଦ୍ରକଠାରେ ବିଗତ ତିନିବର୍ଷ ଧରି ଆୟୋଜିତ ହୋଇଆସୁଥିବା ଏହି ନିଆରା ସାହିତ୍ୟ ଉତ୍ସବର ଚଳିତ ସଂସ୍କରଣରେ ଭଦ୍ରକର ବରପୁତ୍ରମାନଙ୍କ ନାମରେ ନାମିତ ଆଠଜଣ ବିଶିଷ୍ଟ ପ୍ରତିଭାଙ୍କୁ ସୃଜନ ପୁରସ୍କାର ଓ ଛଅ ଜଣ ବ୍ୟକ୍ତିବିଶେଷଙ୍କୁ ସାହିତ୍ୟସଖା ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତି ହୋଇଛି। ଏହି କ୍ରମରେ 'ଯାଜ୍ଞସେନୀ'ର ଲେଖିକା ଜ୍ଞାନପୀଠ ବିଜୟିନୀ ସୁଖ୍ୟାତ କଥାଶିଳ୍ପୀ ଡ. ପ୍ରତିଭା ରାୟଙ୍କୁ 'ନିତ୍ୟାନନ୍ଦ ମହାପାତ୍ର ଉପନ୍ୟାସ ପୁରସ୍କାର', 'ଯୋଗିନୀଗୀତ'ର ବିଶିଷ୍ଟ କବି ଡ. ଅପର୍ଣ୍ଣା ମହାନ୍ତିଙ୍କୁ 'କବିଶେଖର ଚିନ୍ତାମଣି ମହାନ୍ତି କବିତା ପୁରସ୍କାର', ବରିଷ୍ଠ କଥାଶିଳ୍ପୀ ଦାଶ ବେନହୁରଙ୍କୁ 'କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଗଳ୍ପ ପୁରସ୍କାର', ସମାଲୋଚକ ପ୍ରଫେସର କଇଳାଶ ପଟ୍ଟନାୟକଙ୍କୁ 'ହରେକୃଷ୍ଣ ମହତାବ ପ୍ରବନ୍ଧ ପୁରସ୍କାର', ଅନୁବାଦକ ପ୍ରଦୀପ କୁମାର ରାୟଙ୍କୁ 'ଲକ୍ଷ୍ମୀନାରାୟଣ ମହାନ୍ତି ଅନୁବାଦ ପୁରସ୍କାର', 'ଆହେ ନୀଳ ଶଇଳ'ର ନିର୍ଦ୍ଦେଶକ ଲାଲା ବୀରେନ ରାୟଙ୍କୁ 'ବଂଶୀବଲ୍ଲଭ ଗୋସ୍ୱାମୀ ନାଟକ ପୁରସ୍କାର', 'ହୃଦୟର ଏଇ ଶୂନ୍ୟତାକୁ' ଗୀତର ପ୍ରସିଦ୍ଧ କଣ୍ଠଶିଳ୍ପୀ ଶେଖର ଘୋଷଙ୍କୁ 'ମନମୋହନ ସାବତ ସଙ୍ଗୀତ ପୁରସ୍କାର' ଏବଂ 'ରାଣ୍ଡିପୁଅ ଅନନ୍ତା'ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କୁ 'ନୀରଦ ମହାପାତ୍ର ଚଳଚ୍ଚିତ୍ର ପୁରସ୍କାର' ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ପ୍ରତ୍ୟେକଙ୍କୁ ଦଶହଜାର ଟଙ୍କାର ଅର୍ଥରାଶି ସହିତ ସମ୍ମାନପତ୍ର ଓ ଫଳକ ପ୍ରଦାନ କରାଯିବ। ଏଥିସହିତ ସାହିତ୍ୟସଖା ସମ୍ମାନରେ ସମ୍ବର୍ଦ୍ଧିତ ହେବେ ପ୍ରସିଦ୍ଧ ସାହିତ୍ୟପତ୍ରିକା 'ଝଙ୍କାର'ର ବରିଷ୍ଠ ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି, ଭଦ୍ରକର ବିଶିଷ୍ଟ ସାହିତ୍ୟାନୁରାଗୀ ଅଜୟ ନାୟକ, ବାଲେଶ୍ୱରର ସୁଦକ୍ଷ ସାହିତ୍ୟ ସଂଗଠକ ପ୍ରଶାନ୍ତ କୁମାର ଦାସ, 'ପକ୍ଷୀଘର'ର ପ୍ରକାଶକ ବନୋଜ ତ୍ରିପାଠୀ, ସାହିତ୍ୟର ପ୍ରବାସୀ ପ୍ରୋତ୍ସାହକ ତଥା 'ଆକାଂକ୍ଷା'ର ସଂପାଦକ ସୁରେଶ ନାୟକ ଏବଂ ବିଶିଷ୍ଟ ପ୍ରଚ୍ଛଦଶିଳ୍ପୀ ଚୂଡାମଣି ଦାସ। ଫେବୃଆରୀ ୧୪ ଓ ୧୫ ଦୁଇଦିନ ଧରି ସାଳନ୍ଦୀ ବାଇପାସସ୍ଥିତ 'ସଙ୍ଗମ କନଭେନ୍‌ସନ'ଠାରେ ମହା ସମାରୋହରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ବିଶିଷ୍ଟ ଲେଖକ, କଳାକାର, ଅଭିନେତା, ନିର୍ଦ୍ଦେଶକ, ସଙ୍ଗୀତଜ୍ଞଙ୍କ ସମାବେଶରେ ସାହିତ୍ୟର ବିଭିନ୍ନ ସଂପାନ ଓ ଆବୃତି ସହିତ ଏକ ନୂତନ ଓଡ଼ିଆ ଚଳଚ୍ଚିତ୍ର 'କାନ୍ଦମାଷ୍ଟ୍ରେ'ର ପ୍ରିମିୟର ଶୋ ଅନୁଷ୍ଠିତ ହେବ ବୋଲି ଉତ୍ସବର ନିର୍ଦ୍ଦେଶକ ଯୁବଲେଖକ ସରୋଜ ବଳ ଓ ସଭାପତି କଥାକାର ପବିତ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାରଙ୍କ ମୃତ୍ୟୁକୁ ନେଇ ନୂଆ ମୋଡ଼

## ଘରୋଇ ହସ୍ପିଟାଲ୍‌ର ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ମୃତ୍ୟୁ ଘଟିଥିବା ଅଭିଯୋଗ କଲେ ପତ୍ନୀ ରଞ୍ଜିତା

**କଟକ, ନ୍ୟୁଜ୍‌ବ୍ୟୁରୋ**

କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାରଙ୍କ ମୃତ୍ୟୁକୁ ନେଇ ଯାହା ପ୍ରଚାର କରାଯାଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢ଼ା। ଅଭିଜିତ୍‌ଙ୍କର ଲିଭର୍ ସିରୋସିସ୍ ରୋଗରେ ମୃତ୍ୟୁ ଘଟି ନାହିଁ ବୋଲି ପତ୍ନୀ ରଞ୍ଜିତା ମଜୁମଦାର କହିଛନ୍ତି। ରଞ୍ଜିତାଙ୍କ ସହ ଅନ୍ୟ କଳାକାର ମଧ ଏଥିରେ ସ୍ୱର ମିଳାଇଛନ୍ତି। ମୃତ୍ୟୁ ପାଇଁ ସହରର ଏକ ଘରୋଇ ହସ୍ପିଟାଲକୁ ରଞ୍ଜିତା ଦାୟୀ କରିଛନ୍ତି। ତ୍ରୁଟିପୂର୍ଣ୍ଣ ଚିକିତ୍ସା ତଥା ଆବଶ୍ୟକଠୁ ଅଧିକ ପରିମାଣର ସୋଡିୟମ୍ ଓ ପୋଟାସିୟମ୍ ମେଡିସିନ୍ ଡୋଜ୍ ଦିଆଯିବାରୁ ଅଭିଜିତ୍‌ଙ୍କୁ ଶାରୀରିକ ସମସ୍ୟା ହଠାତ୍ ବଢ଼ି ଯାଇଥିଲା। ଫଳରେ ସେ କୋମାକୁ ଚାଲିଯାଇଥିଲେ। ଯେଉଁଥିପାଇଁ ଗତ ସେପ୍ଟେମ୍ବର ୪ରୁ ଦୀର୍ଘ ୫ ମାସ କାଳ ଏମ୍ସ ହସ୍ପିଟାଲ୍‌ରେ ରହିବା ପରେ ଜାନୁଆରୀ ୨୫ରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଛି। ଏହି ଅଭିଯୋଗ ପରେ ଅଭିଜିତ୍‌ଙ୍କ ମୃତ୍ୟୁର କାରଣକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି ଅଭିଯୋଗକୁ ଘରୋଇ ହସ୍ପିଟାଲ୍



କର୍ତ୍ତୃପକ୍ଷ ଖଣ୍ଡନ କରୁଥିଲେ ହେଁ ଅଭିଜିତ୍‌ଙ୍କ ମୃତ୍ୟୁର ଦିନ ଯେତେ ବିତୁଛି ଉକ୍ତ ଘଟଣାକୁ ନେଇ ଚର୍ଚ୍ଚା ବଢୁଛି। ପତ୍ନୀଙ୍କ କହିବା କଥା, ମୋ ସ୍ୱାମୀଙ୍କର ଲିଭର୍ ଠିକ୍ ଥିଲା। କିଡ୍ନୀ ଓ ହାର୍ଟ ମଧ ଠିକ୍ ଥିଲା। ଏମ୍ସରେ ସେ ଦୀର୍ଘ ୫ ମାସ କାଳ ଚିକିତ୍ସା ହେବା ସମୟରେ ଘରୋଇ ହସ୍ପିଟାଲରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ହୋଇଥିବା ସମ୍ପର୍କରେ ଜାଣିବାକୁ ପାଇଥିଲୁ। ଗଣେଶ ପୂଜା ସମୟରେ ଅଭିଜିତଙ୍କର ବାନ୍ତି ଓ ଝାଡ଼ା ହେବାରୁ ସୋଡିୟମ୍ ହ୍ରାସ ପାଇଥିଲା। ତେଣୁ ତାଙ୍କୁ କଟକ ସହରର ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ମାତ୍ର ସୋଡିୟମ୍ ଯେତିକି ଦିଆଯିବା କଥା ତାଠାରୁ ଅଧିକ ଦିଆଯିବାରୁ ସେ ଅଧିକ ଶୋଇ ରହିଥିଲେ। ପରେ ସେ କୋମାକୁ ଚାଲି ଯାଇଥିଲେ। ଏଣୁ ଶରୀରର ବିଭିନ୍ନ ସେଲ୍ ସମେତ ବ୍ରେନର ସେଲ୍ ଉପରେ ଅଧିକ କ୍ଷତି ପହଞ୍ଚାଇଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ସେ ମୃତ୍ୟୁମୁଖରେ ପଡ଼ିଥିଲେ। ଏମ୍.ସ୍ ସେପ୍ଟେମ୍ବରରେ ଭର୍ତ୍ତି ହୋଇ ଚିକିତ୍ସା ହେବା ମଧ୍ୟରେ ଡାକ୍ତରଙ୍କଠାରୁ ପୂର୍ବ ଚିକିତ୍ସା ସମ୍ପର୍କରେ ଅନେକ ସୂଚନା ପାଇଥିଲୁ। ମାତ୍ର ସେତେବେଳକୁ ଆମ ପାଖରେ ଆଉ କିଛି ଉପାୟ ନ ଥିଲା। ଫଳରେ ମୁଁ ମୋ ସ୍ୱାମୀଙ୍କୁ ହରାଇଥିଲି ବୋଲି ପତ୍ନୀ ରଞ୍ଜିତା କହିଛନ୍ତି। ଏହି ଘଟଣା ପରି ଅନ୍ୟତମ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ନେଇ ମଧ ପରିବାର ଲୋକେ ଆପତ୍ତି ଉଠାଇଥିଲେ। ହ୍ୟୁମାନ କଟକ ସହରରେ ପ୍ରଥମେ ଯେଉଁ ହସ୍ପିଟାଲ୍ରେ ଭର୍ତ୍ତି ହୋଇଥିଲେ ସେଠାରେ ଆରମ୍ଭରୁ ତାଙ୍କୁ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରାଯିବାରୁ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବଢ଼ିଯାଇଥିଲା ବୋଲି ତାଙ୍କ ମା' ଅଭିଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆତଙ୍କବାଦ ବିରୋଧରେ...

କହିଛନ୍ତି, ତାମିଲ ଭାଷା ପ୍ରତି ଭଲ ପାଇବା ଭାରତ ଏବଂ ମାଲେସିଆକୁ ଯୋଡ଼ି ରଖିଛି। ମାଲେସିଆରେ ଶିକ୍ଷା, ଗଣମାଧ୍ୟମ ଏବଂ ସାଂସ୍କୃତିକ ଜୀବନରେ ତାମିଲ ଭାଷାର ଦୃଢ଼ ଉପସ୍ଥିତି ସ୍ପଷ୍ଟ ଭାବରେ ବିଦ୍ୟମାନ। ମୁଁ ନିଶ୍ଚିତ ଯେ, ଆଜିର ଅଡିଓ-ଭିଜୁଆଲ୍ ଚୁକ୍ତିନାମା ସହିତ, ଚଳଚ୍ଚିତ୍ର ଏବଂ ସଙ୍ଗୀତ, ବିଶେଷକରି ତାମିଲ ଚଳଚ୍ଚିତ୍ର ଆମ ହୃଦୟକୁ ଅଧିକ ନିକଟତର କରିବ। ଦୁଇ ଦେଶ ମଧ୍ୟରେ ଦୃଢ଼ ସାଂସ୍କୃତିକ ଏବଂ ଶିକ୍ଷାଗତ ସମ୍ପର୍କ ଉପରେ ମୋଦୀ ଗୁରୁତ୍ୱାରୋପ କରିଥିଲେ। ଅଡିଓ ଭିଜୁଆଲ୍ ଚୁକ୍ତିନାମା ଚଳଚ୍ଚିତ୍ର ଏବଂ ସଙ୍ଗୀତରେ ଅଧିକ ଆଦାନପ୍ରଦାନକୁ ଉତ୍ସାହିତ କରିବ, ବିଶେଷକରି ତାମିଲ ସିନେମା ପ୍ରତି ବୋଲି ମୋଦୀ କହିଥିଲେ। ଦୁଇ ଦେଶ ମିଳିତ ଭାବେ ସୁରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବେ ଓ ପ୍ରତିରକ୍ଷା ସହଯୋଗିତାକୁ ଅଧିକ ବ୍ୟାପକ କରିବେ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ। କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର, ସ୍ୱାସ୍ଥ୍ୟସେବା ଏବଂ ଖାଦ୍ୟ ସୁରକ୍ଷା ଭଳି ଉଦୀୟମାନ ଓ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଭାଗିତା ଆହୁରି ମଜବୁତ ହେବ। ଶକ୍ତି, ଭିତ୍ତିଭୂମି, ଉତ୍ପାଦନ ତଥା ଡିଜିଟାଲ ଅର୍ଥନୀତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗିତା ନିରନ୍ତର ଭାବେ ବୃଦ୍ଧି ପାଇଛି ବୋଲି ମୋଦୀ କହିଥିଲେ। ମାଲେସିଆ ପ୍ରଧାନମନ୍ତ୍ରୀ ଭାରତର ଅର୍ଥନୈତିକ ବିକାଶର ପ୍ରଶଂସା କରିଥିଲେ ଏବଂ ବ୍ୟାପାର କ୍ଷେତ୍ରରେ ବୃଦ୍ଧି ପାଉଥିବା ସହଯୋଗିତାର ଗୁରୁତ୍ୱକୁ ପ୍ରଶଂସା କରିଥିଲେ।

## ଆଗାମୀ ୫ ଦିନ...

ମଧ୍ୟମ ଧରଣର କୁହୁଡ଼ି ଦେଖାଦେଇପାରେ। ୧୧ ତାରିଖ ସକାଳ ଠାରୁ ୧୨ ତାରିଖ ସକାଳ ସୁଦ୍ଧା (ଗଞ୍ଜାମ, ଖୋର୍ଦ୍ଧା, ପୁରୀ, କଟକ, ଭଦ୍ରକ, ଜଗତସିଂହପୁର) ଜିଲ୍ଲାର କେତେକ ସ୍ଥାନରେ ବିଶେଷ କରି ଭୋର୍ କିମ୍ବା ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେଇପାରେ। ଅନୁରୂପ ଭାବେ ୧୨ ତାରିଖ ସକାଳ ଠାରୁ ୧୩ ତାରିଖ ସକାଳ ସୁଦ୍ଧା (ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା) ଜିଲ୍ଲାର କେତେକ ସ୍ଥାନରେ ବିଶେଷ କରି ଭୋର୍ କିମ୍ବା ସକାଳ ସମୟରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଦେଇପାରେ। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି।

## ୧୫ ମାଓବାଦୀଙ୍କ...

ପ୍ରଭାବ ଏବଂ ସରକାରଙ୍କ ବିକାଶ-ଆଧାରିତ ତଥା ଲୋକ-କେନ୍ଦ୍ରିକ ଆଭିମୁଖ୍ୟରେ ବିଭ୍ରାନ୍ତ ଯୁବକଙ୍କ ବିଶ୍ୱାସକୁ ପ୍ରତିଫଳିତ କରୁଛି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ ଏସଓଜି,ଡିଭିଏଫ,ସିଆରପିଏଫ, ବିଏସଏଫ ଦ୍ୱାରା ଚାଲିଥିବା ଅପରେସନ୍ ମାଓବାଦୀଙ୍କ ଆଧାରକୁ ନଷ୍ଟ କରିଦେଇଛି। ଏଡିଜି ଆହୁରି ଆଶ୍ୱାସନା ଦେଇଛନ୍ତି ଯେ, ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀଙ୍କୁ ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତି ଅନୁଯାୟୀ ଆର୍ଥିକ ସହାୟତା, ଧନ୍ଦାମୂଳକ ତାଲିମ, ଦକ୍ଷତା ବିକାଶ ସମେତ ସମ୍ମାନର ସହ ସମାଜରେ ପ୍ରତିଷ୍ଠିତ ରହିବା ପାଇଁ ସହାୟତା କରାଯିବ ବୋଲି ସୂଚନା ଦେଇଥିଲେ। ଏପର୍ଯ୍ୟନ୍ତ ନୂଆପଡା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ବୌଦ୍ଧ ଜିଲ୍ଲା ସମ୍ପୂର୍ଣ୍ଣ ରୂପେ ନକ୍ସଲ ମୁକ୍ତ ହୋଇଛି। ହିଂସା ଠାରୁ ଦୂରେଇ ରହିବା ଏବଂ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଏଡିଜି ଶ୍ରୀ ପଣ୍ଡା ଅନ୍ୟ ମାଓବାଦୀଙ୍କୁ ଏହି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିବେଦନ କରିଥିଲେ।

## ଭାରତୀୟ ବାୟୁସେନାରେ...

ଭାରତରେ ନିର୍ମିତ ହେବ ଏହା ଦେଶର ପ୍ରତିରକ୍ଷା ଶିଳ୍ପକୁ ସୁଦୃଢ଼ କରିବ ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ପ୍ରତିରକ୍ଷା ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ରାଫେଲର ଉନ୍ନତ ପ୍ରଯୁକ୍ତିବିଦ୍ୟା, ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ଆଧୁନିକ ରାଡାର ସିଷ୍ଟମ ଭାରତର ରଣନୈତିକ ସ୍ଥିତିକୁ ସୁଦୃଢ଼ କରିବ। ଏହା ଚୀନ୍ ଏବଂ ପାକିସ୍ତାନ ଉପରେ ଚାପ ବୃଦ୍ଧି କରିପାରେ।

## ଭାରତ ମୁହାଁ ...

ତେବେ ସୂଚନା ଅନୁଯାୟୀ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରେ ଫେବୃୟାରୀ ମାସର ପ୍ରଥମ ୬ ଦିନରେ ଭାରତରେ ୮୧୨୯ କୋଟି ଟଙ୍କା ନିବେଶ କରିଛନ୍ତି।

## ପରୀକ୍ଷା ସୁପରିଚାଳନା...

କରାଯିବ ସେନେଇ ମୁଖ୍ୟ ଶାସନ ସଚିବ ଏହି ସମୀକ୍ଷା ବୈଠକ ଡାକିଥିଲେ। ଯେଉଁଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ସହ କୌଣସି ଭୁଲ୍‌କୁ ବରଦାସ୍ତ କରାଯିବନାହିଁ। ଏହାସହିତ ପରୀକ୍ଷାରେ ଜଡିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ହେଉଥିବା ସଂସ୍ଥାମାନେ ସତର୍କତା ସହ ସମସ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଭାସୀ ମାଧ୍ୟମରେ ହୋଇଥିବା ଏହି ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଆରକ୍ଷୀ ଅଧିକ୍ଷକମାନେ ଯୋଗଦେଇଥିଲେ। ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡଃ. ଏନ୍ ତିରୁମାଳା ନାଏକଙ୍କ ସମେତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡା, ଉପ ଶାସନ ସଚିବ ଯଶବନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ, ଉପ ସଭାପତି ଅମୁଲ୍ୟ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ତଥ୍ୟ ରଖିଥିଲେ।

## ଡାଲିରେ ଆତ୍ମନିର୍ଭର...

କରୁଛି ଏବଂ ଅନ୍ୟପଟେ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରଶୀଳ ହେବା ପାଇଁ ଆମେ ଧାନ ଫସଲ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା ଉପରେ ବ୍ୟାପକ ପ୍ରକଳ୍ପ ମଧ କରୁଛୁ। ଏହା ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ, ଯାହା ରବି ଋତୁରେ ବିସ୍ତୃତ ଧାନ ପଡ଼ିଆ ଜମିକୁ କମ୍ ସମୟର ଡାଲି ଏବଂ ତୈଳ ବିହନ ଚାଷ କରି ଉତ୍ପାଦନକ୍ଷମ କ୍ଷେତ୍ରରେ ପରିଣତ କରିବା ଲକ୍ଷ୍ୟ ରଖିଛି। ଏହା ଉଲ୍ଲେଖନୀୟ ଯେ, ରବି ୨୦୨୫-୨୬ ରେ, ରାଜ୍ୟର ସମସ୍ତ ଜିଲ୍ଲାରେ ପ୍ରାୟ ୩.୫ ଲକ୍ଷ ହେକ୍ଟର ଜମିରେ କାର୍ଯ୍ୟାନ୍ୱୟନ କରାଯାଇଛି। ସମସ୍ତ ପ୍ରଗତିଶୀଳ ପଦକ୍ଷେପ ସହିତ, କୃଷି କ୍ଷେତ୍ରରେ ପୂର୍ବୋଦୟ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ବିକାଶର କେନ୍ଦ୍ର ହେବାକୁ ଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଅନ୍ୟାନ୍ୟ ବିଭିନ୍ନ ରାଜ୍ୟର କୃଷି ମନ୍ତ୍ରୀ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ଼ ପ୍ରଭାତ କୁମାର ରାଉଳ ଓ ଆଇସିଏଆର ଏବଂ ଆଇସିଏଆରତିଏର ପ୍ରତିନିଧିମାନେ ମଧ କର୍ମଶାଳାରେ ଯୋଗ ଦେଇଥିଲେ।

## ୫୦ ଲକ୍ଷ ଚୂନ...

ପୋଲିସ ଓ ଅଭିଯୁକ୍ତ ଅରବିନ୍ଦ ପାଲର ଆକାଉଣ୍ଟକୁ ଯାଇଥିଲା ଏକ ଲକ୍ଷ ଏକ ହଜାର ଏକ ଟଙ୍କା ଯାଇଥିବା ବେଳେ ଆଉ ୬ଟି ଆକାଉଣ୍ଟକୁ ବି ଯାଇଛି ଟଙ୍କା ଓ ହ୍ୱାଟସ ଆପରେ ଲୋଭନୀୟ ଅଫର ଦେଇ ସାଇବର ଠକ କରୁଥିଲେ ଟାର୍ଗେଟ। ଥରେ ସେମାନଙ୍କ ଗ୍ରୁପରେ ଆଡ ହୋଇଗଲେ ବିଭିନ୍ନ ଲୋଭନୀୟ ସ୍କିମର ବିଜ୍ଞାପନ ମାଧ୍ୟମରେ ଫସାଉଥିଲେ ସାଇବର ଠକ ଓ ସେହି ହ୍ୱାଟସ ଆପ ଟ୍ରେଡିଂରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବାହାରକୁ ଟିମ୍ ଯାଇଥିବା ସୂଚନା ଦେଇଛନ୍ତି ସାଇବର ଏସିପି ସୁଚିସ୍ମିତା ଦାସ।

# ୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିଅନସିପ୍ ଶୁଭାରମ୍ଭ




**କଟକ, ନ୍ୟୁଜ୍‌ବ୍ୟୁରୋ**

୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିଆନସିପ୍ ୨୦୨୬ ଶୁଭାରମ୍ଭ। କଟକ ବକ୍ସି ବଜାର ସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ୭୪ ତମ ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିଅନସିପ୍ ୨୦୨୬ର ଶୁଭାରମ୍ଭ ହୋଇଯାଇଛି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ। ତେବେ ଏହି ଚାମ୍ପିଆନସିପ୍ ରେ ସାରା ରାଜ୍ୟର ବିଭିନ୍ନ ରେଞ୍ଜ ଏବଂ ବାଟାଲିୟନରୁ ୩୬ଟି ପୋଲିସ ଟିମ୍ ଅଂଶଗ୍ରହଣ କରିଛନ୍ତି। ମୋଟ ୫୦୨ ଖେଳାଳି ସାମିଲ ହୋଇଛନ୍ତି। ସେଥିମଧ୍ୟରେ ୪୨୭ ପୁରୁଷ ଓ ୭୫ ମହିଳା ଏହି ଚାମ୍ପିଅନସିପରେ ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମାଧ୍ୟମରେ ଓଡ଼ିଶା ପୋଲିସର କାର୍ଯ୍ୟରତ କର୍ମଚାରୀ ମାନେ ନିଜ ଶାରୀରିକ ଓ ମାନସିକ ଦକ୍ଷତାକୁ ପ୍ରତିପାଦିତ କରିବାର ଏକ ସୁଯୋଗ ବୋଲି କହିଥିଲେ କ୍ରାଇମ୍ ବ୍ରାଞ୍ଚ ଡିଜି ବିନୟତୋଶ ମିଶ୍ର।

# ରସ୍ତାକାମ ନିମ୍ନ ମାନର କାମ ବନ୍ଦ କଲେ ଗ୍ରାମବାସୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କଣ୍ଡି ଆହାଟ ପୂର୍ତ୍ତ ବିଭାଗ ରାସ୍ତାର ପେଗରପଡ଼ା ଠାରେ ମରାମତି ହେଉଥିବା ରାସ୍ତା ଅତି ନିମ୍ନମାନର ହେଉଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇ କାମକୁ ବନ୍ଦ ରଖାଯାଇଛି। ଏ ନେଇ ପେଗରପଡ଼ା ସମିତି ସଭ୍ୟ ତଥା ଜିଲ୍ଲା ଏସ୍‌ସି ମୋର୍ଚ୍ଚା ଉପସଭାପତି ପ୍ରବେଶନ ମଲିକ ବିଭାଗୀୟ ଅଧିକାରୀ ସତ୍ୟବ୍ରତ ପଣ୍ଡାଙ୍କୁ ଅବଗତ କରିବାରୁ ସେ ଦୁର୍ବ୍ୟବହାର କରିବା ସହ ନାଲିଆଖି ଦେଖାଇଥିଲେ ବୋଲି ଅଭିଯୋଗ ହୋଇଛି। ଗତକାଲି ପେଗରପଡ଼ା ରାସ୍ତାରେ ଏଭଳି ନିମ୍ନମାନର କାମ ହେଉଥିବା ଖବର ପାଇ ସମିତି ସଭ୍ୟ ଓ ଗ୍ରାମବାସୀ ଆପରି ଉଠାଇଥିଲେ। ଏ ସମ୍ପର୍କରେ ଠିକାଦାର ବିଭାଗୀୟ ଅଧିକାରୀଙ୍କ ସହ କଥା ହେବା ପରେ କାମ ଠିକ୍ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା ଓ ହେଲେ କାମର ମାନ ଠିକ୍ ହେଉ ନଥିବାରୁ ଶେଷରେ ପ୍ରବେଶନ ବିଭାଗୀୟ ଏସ୍‌ଡିଓ ସତ୍ୟବ୍ରତ ପଣ୍ଡାଙ୍କୁ ଅବଗତ କରିବା ସହ କାମର ଏଷ୍ଟିମେଟ୍ କପି ମାଗିଥିଲେ। ହେଲେ ଶ୍ରୀପଣ୍ଡା ତାଙ୍କୁ ଦୁର୍ବ୍ୟବହାର କରିଥିଲେ ବୋଲି ସମିତି ସଭ୍ୟ ଅଭିଯୋଗ କରିଥିଲେ। ଅତି ତରବରିଆ ଭାବେ ପତଳା ଆସ୍ତରଣ ଦେଇ ଗୋଡ଼ି ଛଂଚା ଯଉଥିବାରୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ସନ୍ଦେହ ଥିବାରୁ ଏସ୍ଡିଓ ନିଜେ ଆସି ତଦାରଖ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ସମ୍ପର୍କ ରେ ବିଭାଗୀୟ ଅଧିକାରୀ ଶ୍ରୀ ପଣ୍ଡାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ଆଗଲପୁର ବ୍ଲକ ମୁରଷୁଣ୍ଡ ମିନିଷ୍ଟାଡିୟମରେ ବ୍ଲକ ସ୍ତରୀୟ ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାର କାର୍ଯ୍ୟକାରୀ ସଭାପତି ପିତାମ୍ବର କଂଟାଙ୍କ ନେତୃତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ମୁରଷୁଣ୍ଡ ପେକ୍ସ ସଭାପତି ଜଗବନ୍ଧୁ ପଧାନ, ପଟୁଆପାଲି ସରପଞ୍ଚ ରବିଚନ୍ଦ୍ର ବସ୍ତିଆ। ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ପଧାନ ସମ୍ମାନିତ ଅତିଥି ଭାବରେ ମଂଚାସୀନ ଥିଲେ। ଆଗଲପୁର ଓ ନୁନିଆପାଲି ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳା ଯାଇଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଖେଳ ଅମୀମାଂସିତ ରହିବାରୁ ଟ୍ରାଇବ୍ରେକରର ସହାୟତା ନିଆଯାଇଥିଲା ଓ ଏଥିରେ ଆଗଲପୁର ଦଳ ବିଜୟୀ ହୋଇଥିଲା। କରୁଣା ପଧାନ, ଗୋପାଳ ପଧାନ, ସନ୍ଦୀପ ତରିଆ ଖେଳ ପରିଚାଳନା କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସଭାପତି ରାମଚନ୍ଦ୍ର ସାହୁ ଯୁବମୋର୍ଚ୍ଚା ସଭାପତି ଲୋକାରାମ ସାହୁ ପଂଚାୟତ ପ୍ରମୁଖ ଶାନ୍ତନୁ ପଧାନ ମୁକେଶ ଥପା, ଅସୀମ ସାହୁ, ପ୍ରଶାନ୍ତ ଶିଖା, ଡିଙ୍ଗର ଜାଲ, କ୍ଷୀରୋଦ୍ର ତ୍ରିପାଠୀ ଉପସ୍ଥିତ ଥିଲେ। ମୁରଷୁଣ୍ଡ ସ୍ପୋର୍ଟ୍ସ ଆସୋସିଏସନ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପଲ୍ଲୀଆଲୋକ ପାଠାଗାର ନଅଗାଁ(ଖ) ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନର ମୁଖ୍ୟ ପ୍ରଶାନ୍ତ ନାୟକ ସୂଚନା ଦେଇଛନ୍ତି।




# ଶ୍ରୀମନ୍ଦିର ରୋଷଶାଳାକୁ ଜାଳେଣି ଅଭାବ

**ପୁରୀ,୦୮।୦୨ ନ୍ୟୁଜ ବ୍ୟୁରୋ**

ଝାଉଁ କାଠ ଅଭାବରୁ ଶ୍ରୀମନ୍ଦିର ଓ ସ୍ୱର୍ଗଦ୍ୱାରରେ ସଙ୍କଟଜନକ ସ୍ଥିତି ଉପୁଜିଛି। ଜାଳେଣି ପାଇଁ ଉଭୟ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣର ଝାଉଁ କାଠ ପହଞ୍ଚିପାରୁନି। ଶ୍ରୀମନ୍ଦିରକୁ ଯେତିକି କାଠ ଆସୁଛି ତାହା କେବଳ ୩୦ରୁ୪୦ ଭାଗ ଚାହିଦା ପୂରଣ କରୁଛି । ବାହାରୁ କାଠ କିଣା ହୋଇ ଆସିଲେ ବଡ଼ଦେଉଳ ରୋଷରେ ମହାପ୍ରଭୁଙ୍କ ଭୋଗ ରନ୍ଧା ହେଉଛି । ଏଭଳି ସ୍ଥିତି ବର୍ଷ ବର୍ଷ ହେଲା ସୃଷ୍ଟି ହୋଇଥିଲେ ସୁଦ୍ଧା ଏହାର ସମାଧାନ ହୋଇପାରିନି । ପୁଣି ସ୍ୱର୍ଗଦ୍ୱାରରେ ନିୟମିତ ଝାଉଁ କାଠ ନପହଞ୍ଚିବାରେ ବହୁ ସମୟରେ ସେଠାରେ ମଧ୍ୟ ଅଚଳାବସ୍ଥା ସୃଷ୍ଟି ହେଉଛି । ଦାହ ପାଇଁ ଅପେକ୍ଷା କରି ମୃତକଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରୁଛନ୍ତି । ହେଲେ ଉଭୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବଢ଼ିଥିବା ଚାହିଦାକୁ ଚାହିଁ ଯୋଗାଣ ହେଉନାହିଁ । ବରିଷ୍ଠ ମହାସୁଆର ସେବକ ଗଣେଶ୍ୱର ମହାସୁଆର କୁହନ୍ତି, ଶହେ କ୍ୱିଣ୍ଟାଲରୁ ଅଧିକ କାଠ ଦିନକୁ ଶ୍ରୀମନ୍ଦିରରେ ଆବଶ୍ୟକ ହୁଏ। ପରମିଟରେ ମନ୍ଦିର ଅଡ଼ାକୁ ଯେଉଁ କାଠ ଆସୁଛି ତାହା କେବଳ ୩୦ରୁ ୪୦ ଭାଗ ଚାହିଦା ପୂରଣ କରୁଛି । ବାକି କାଠ ବାହାର ଦୋକାନରୁ ଶ୍ରୀମନ୍ଦିରକୁ ଆଣାଯାଉଛି। କେବଳ କାର୍ତ୍ତିକ ମାସ କି ପର୍ବପର୍ବାଣି କାହିଁକି ଛୁଟି ଦିନରେ ମଧ୍ୟ



ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ରହୁଛି। ଦର୍ଶନ ସମେତ ମହାପ୍ରସାଦ ପାଇବାରେ ସଭିଙ୍କ ଇଛା। ଏଣୁ ଶ୍ରଦ୍ଧାଳୁଙ୍କୁ ଚାହିଁ ଭୋଗ ରନ୍ଧା ହେବାକୁ ଅଛି । ବାହାରୁ ଅଧିକ ଦରରେ କାଠ ଆଣିଲେ ସେହି ଟଙ୍କାର ଭାର ଶ୍ରଦ୍ଧାଳୁଙ୍କ ଉପରେ ପଡୁଛି । ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତା ବହୁବାର ସରକାରଙ୍କୁ ଜଣାଇଛନ୍ତି । ମନ୍ତ୍ରୀ ଓ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସମସ୍ତେ ହଁ ହଁ କରୁଥିଲେ ସୁଦ୍ଧା ସ୍ଥିତିରେ ସୁଧାର ଆସୁ ନାହିଁ । ସ୍ୱର୍ଗଦ୍ୱାରକୁ ଦେଶୀ କାଠ ଗଲେ ଶ୍ରୀମନ୍ଦିର ଚାହିଦା କିଛିଟା ପୂରଣ ହୋଇପାରନ୍ତା। ଶ୍ରୀମନ୍ଦିରକୁ ଖୋଦ୍ ସରକାର ପରିଚାଳନା କରୁଥିଲେ ମଧ୍ୟ ବଡ଼ଦେଉଳକୁ ଜାଳେଣି କାଠ ଯୋଗାଣ ସମସ୍ୟା ବହୁ ବର୍ଷ ହେଲା ସମାଧାନ ହୋଇପାରିନି । ଶ୍ରୀମନ୍ଦିର ଅଡ଼ାକୁ ଝାଉଁ କାଠ ଯୋଗାଣ ପରମିଟ୍ ବଢ଼ାଇବାକୁ ଦାବି ହୋଇଛି ।

ସେହିଭଳି ସ୍ୱର୍ଗଦ୍ୱାରକୁ ମଧ୍ୟ ନିୟମିତ ଜାଳେଣି କାଠ ଯୋଗା ନହେବାରେ ଶହ ଶହ ଲୋକେ ସମସ୍ୟା ଭୋଗୁଛନ୍ତି। ଏବେ ସ୍ୱର୍ଗଦ୍ୱାରକୁ ଦିନକୁ ଶହେରୁ ଊର୍ଦ୍ଧ୍ୱ ଶବ ଦାହ ପାଇଁ ଆସୁଛି। ଗୋଟିଏ ଶବ ଦାହ ପାଇଁ ୧ କ୍ୱିଣ୍ଟାଲ ୮୦ କିଲୋରୁ ୨ କ୍ୱିଣ୍ଟାଲ ଭଳି କାଠ ଆବଶ୍ୟକ ହୁଏ । ଦୈନିକ ୨ ଶହ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଭଳି କାଠ ହେଲେ ସ୍ୱର୍ଗଦ୍ୱାର ଶବ ଦାହରେ ସମସ୍ୟା ରହି ନଥାଏ । ହେଲେ ସ୍ୱର୍ଗଦ୍ୱାରରେ କାଠ ଗଛିତ ରହୁ ନଥିବାରୁ ଅନେକ ସମୟରେ ସମସ୍ୟା ଉପୁଜୁଛି। ସୂଚନା ରହିଛି କି ବାଲୁଗାଁ ପଟୁ କାଠ ଆସି ବାଲିଗୁଆଳି ଡିପୋରେ ପହଞ୍ଚିଲେ କାଠ ଯୋଗାଯାଉଛି । ହେଲେ ସେଠାରେ ଅଧିକ କାଠ ମହଜୁଦ୍ ନରହିବାରେ ଶ୍ରୀମନ୍ଦିର ତଥା ସ୍ୱର୍ଗଦ୍ୱାରକୁ ଯଥେଷ୍ଟ କାଠ ଯୋଗାଣ ସମ୍ଭବ ହେଉନାହିଁ ।

ସ୍ୱର୍ଗଦ୍ୱାର ସେବା ସମିତି ପରିଚାଳନା କମିଟି ସଦସ୍ୟ ସିଦ୍ଧାର୍ଥ ରାୟ କୁହନ୍ତି, ସ୍ୱର୍ଗଦ୍ୱାରକୁ ସର୍ବନିମ୍ନ ଦିନକୁ ୧୮୦ କ୍ୱିଣ୍ଟାଲ କାଠ ଆବଶ୍ୟକ । ଶବ ସଂଖ୍ୟା ବଢ଼ିବା ସାଙ୍ଗକୁ କାଠ ଅଧିକ ଦରକାର ହେଉଛି । ସ୍ୱର୍ଗଦ୍ୱାରକୁ ନିୟମିତ କାଠ ଯୋଗାଣ ନହେଲେ ଲୋକେ ସମସ୍ୟା ଭୋଗିବେ । କାଠ ଯୋଗାଣରେ କ'ଣ ସମସ୍ୟା ହେଉଛି ବନବିଭାଗ ହିଁ କହିପାରିବେ । ଏନେଇ ପୁରୀ ଡିଏଫ୍‌ଓ ମଗରଧନଜୀ ରାଓସୋ କୁହନ୍ତି, ବନବିଭାଗ ପକ୍ଷରୁ ଶ୍ରୀମନ୍ଦିର ଓ ସ୍ୱର୍ଗଦ୍ୱାରକୁ କାଠ ଯୋଗାଣ ହେଉଛି । ଏବେ କିଛି ଦିନ ହେଲା ଜାଳେଣି ଝାଉଁ କାଠର ଚାହିଦା ବହୁତ୍ ବଢ଼ିଛି । ଶ୍ରୀମନ୍ଦିରରେ ଦର୍ଶନାର୍ଥୀଙ୍କ ସଂଖ୍ୟା ଆଶାତୀତ ବଢ଼ିବା ସହ ସ୍ୱର୍ଗଦ୍ୱାରରେ ଶବ ଦାହ ସଂଖ୍ୟା ଦିନକୁ ପ୍ରାୟତଃ ୧୩୦ ଛୁଇଁଛି । ଏଣୁ ପୂର୍ବ ତୁଳନାରେ ଉଭୟ ସ୍ଥାନକୁ ଯେତିକି କାଠ ଆବଶ୍ୟକ ହେଉଥିଲା ତାହାର ଢେର ଅଧିକ କାଠ ଦରକାର ହେଉଛି । ହେଲେ ଯୋଗାଣ ସେହି ପରିମାଣର ନାହିଁ ।

## ପ୍ରବାସୀ ଭାରତୀୟଙ୍କୁ ମୋଦୀଙ୍କ ସମ୍ବୋଧନ

# ବିଶ୍ୱାସ ହିଁ ବର୍ତ୍ତମାନ ଭାରତର ସବୁଠୁ ଶକ୍ତିଶାଳୀ ମୁଦ୍ରାରେ ପରିଣତ ହୋଇଛି

**କୁଆଲାଲମ୍ପୁର,୦୮।୦୨**

ପୂର୍ବରୁ ଭାରତକୁ କେବଳ ଏକ ବଡ଼ ବଜାର ଭାବେ ଦେଖାଯାଉଥିଲା । ଏବେ ଆମେ ନିବେଶ ଓ ବ୍ୟବସାୟର କେନ୍ଦ୍ର ସାଜିଛୁ । ଅଭିବୃଦ୍ଧି ପାଇଁ ଭାରତକୁ ଏକ ବିଶ୍ୱସ୍ତ ସହଯୋଗୀ ଭାବେ ଦେଖାଯାଉଛି । ବ୍ରିଟେନ୍ ଓ ସଂଯୁକ୍ତ ଆରବଏମିରେଟ୍ସ (ୟୁଏଇ) ହେଉ କିମ୍ବା ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଓମାନ, ୟୁରୋପୀୟ ସଂଘ ଏବଂ ଆମେରିକା, ସମସ୍ତେ ଭାରତ ସହିତ ବାଣିଜ୍ୟ ବୁଝାମଣା କରୁଛନ୍ତି। ବିଶ୍ୱାସ ହିଁ ବର୍ତ୍ତମାନ ଭାରତର ସବୁଠୁ ଶକ୍ତିଶାଳୀ ମୁଦ୍ରାରେ ପରିଣତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁଆଲାଲମ୍ପୁରରେ 'ସେଲାମାତ ଦତାଙ୍ଗ୍‌ମୋଦିଜୀ' କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି ଏହା କହିଛନ୍ତି। ମୋଦି କହିଛନ୍ତି, ମୁଁ ଶୁଣିଛି ଯେ ମାଲେସିଆରେ ଭାରତୀୟ ସଙ୍ଗୀତ ଓ ଚଳଚ୍ଚିତ୍ର ବେଶ୍ ଲୋକପ୍ରିୟ । ଏଠାକାର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ବହୁତ ଭଲ ଗୀତ ଗାଆନ୍ତି । ତାଙ୍କର ଭାରତ ଗସ୍ତ ବେଳେ ସେ ଏକ ପୁରୁଣା ହିନ୍ଦିଗୀତ ଗାନ କରିଥିଲେ । ତାହାର ଭିଡିଓ ସୋସିଆଲ ମିଡିଆରେ



ଭାଇରାଲ୍ ହୋଇଥିଲା । ପ୍ରଧାନମନ୍ତ୍ରୀ ମୋଦୀ ମାଲେସିଆରେ ଥିବା ଭାରତୀୟ ସାଂସ୍କୃତିକ କେନ୍ଦ୍ରର ନାମ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାମରେ ରଖିଛନ୍ତି। କୁଆଲାଲମ୍ପୁରରେ ଥିବା 'ଇଣ୍ଡିଆନ୍ କଲ୍‌ଚରସେଣ୍ଟର'କୁ ଏବେ ନେତାଜୀ ସୁଭାଷ ଚନ୍ଦ୍ରବୋଷ ଇଣ୍ଡିଆନ୍ କଲ୍‌ଚର ସେଣ୍ଟର' କୁହାଯିବବୋଲି ମୋଦୀ କହିଛନ୍ତି ।

ପ୍ରବାସୀ ଭାରତୀୟଙ୍କୁ ମୋଦୀ କହିଛନ୍ତି, ଆପଣମାନଙ୍କ ହୃଦୟରେ ଭାରତ ବିଶେଷ ସ୍ଥାନ ରଖୁଛି । ୨୦୦୧ରେ ଗୁଜରାଟରେ ଭୂକମ୍ପ ବେଳେ ଆପଣମାନେ ସହାୟତା କରିଥିଲେ। ଭାରତକୁ ସ୍ୱାଧୀନ କରିବାରେ ଆପଣମାନଙ୍କ ପୂର୍ବଜ ବଳିଦାନ ଦେଇଥିଲେ । ଭାରତ ସର୍ବଦା ଆପଣମାନଙ୍କୁ ଖୋଲା ହୃଦୟରେ ସ୍ୱାଗତ କରିବ । ମୋଦୀ ଆହୁରି କହିଛନ୍ତି, ଭାରତ ପ୍ରତି ମାଲେସିଆର ଭଲପାଇବା ଦେଖିଲି । ଏଭଳି ସ୍ୱାଗତ ଉତ୍ସବକୁ ଭାରତ ମନେ ରଖିବ । ମାଲେସିଆର ୫୦୦ରୁ ଅଧିକ ବିଦ୍ୟାଳୟରେ ଭାରତୀୟ ଭାଷାଗୁଡ଼ିକ ପଢ଼ାଯାଉଛି। ଉଭୟ ଦେଶର ସମ୍ପର୍କ ସୁଦୃଢ଼ ହୋଇଛି। ମୋଦୀ କହିଛନ୍ତି, ଆଜି ଆମେ ବିକାଶ କ୍ଷେତ୍ରରେ ପରସ୍ପରକୁ ସହଯୋଗ କରୁଛେ । ଭାରତ ଓ ମାଲେସିଆର ଐତିହ୍ୟ ମଧ୍ୟରେଅନେକ ସାମଞ୍ଜସ୍ୟ ରହିଛି। ମୋ ମାସିକ ରେଡିଓ କାର୍ଯ୍ୟକ୍ରମରେ ବି ମାଲେସିଆ କଥା କହିଥିଲି। ଏଠାରେ ସ୍ୱାମୀ ବିବେକାନନ୍ଦଙ୍କୁ ଅନେକ ଲୋକମାନନ୍ତି। ଖୁବଶୀଘ୍ର ମାଲେସିଆରେ ଭାରତୀୟ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ୟୁପିଆଇ ସେବା ଆରମ୍ଭ ହେବାକୁ ଯାଉଛି।

## ଦ୍ୱିତୀୟ ଥର ମାଆ ହେଲା ବାଘୁଣୀ 'ଆଶା'

**ନୂଆଦିଲ୍ଲୀ,୦୮।୦୨**

ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର । ଏବେ ଦେଖିବାକୁ ମିଳିବ ଅଧିକରୁ ଅଧିକ ଚିତା । ଭାରତର ଉଦ୍ୟମକୁ ମଧ୍ୟ ସଫଳତା। କାରଣ ମଧ୍ୟପ୍ରଦେଶର କୁନୋ ନ୍ୟାସନାଲ୍ ପାର୍କରୁ ଏକ ଖୁସି ଖବର ସାମ୍ନାକୁ ଆସିଛି। ନାମ୍ବିଆରୁ ଆସିଥିବା ଚିତା ଆଶା ଦ୍ୱିତୀୟ ଥର ଲାଗି ମା' ହୋଇଛି ।

ସେ ୫ଟି ଶାବକ ଜନ୍ମ ଦେଇଛି । ଆଶା ଏବଂ ତା'ର ସମସ୍ତ ଶାବକ ସୁସ୍ଥ ଅଛନ୍ତି । ଡାକ୍ତରଙ୍କ ଏକ ଟିମ୍ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ନିରୀକ୍ଷଣ କରୁଛନ୍ତି । କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସୋସିଆଲ୍ ମିଡିଆରେ ଏ ସଂପର୍କରେ ସୂଚନା ଦେଇଛନ୍ତି । ସେ ଲେଖିଛନ୍ତି ଯେ, ଦେଶର ଚିତା ସଂରକ୍ଷଣ ଯାତ୍ରା ଲାଗି ଏହା ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା । ନାମ୍ବିଆରୁ ଆସିଥିବା ଚିତା ଆଶା ଆଜି କୁନୋ ନ୍ୟାସନାଲ୍ ପାର୍କରେ ୫ଟି ଶାବକ ଜନ୍ମ ଦେଇଛି। ଏଥି ସହ ଭାରତରେ ଜନ୍ମିତ ଚିତା ଶାବକଙ୍କ ସଂଖ୍ୟା ୨୪ରେ ପହଞ୍ଚିଛି ।



ସେହିପରି କୁନୋରେ ମୋଟ ଚିତା ସଂଖ୍ୟା ୩୫ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମଧ୍ୟ ସୋସିଆଲ୍ ମିଡିଆରେ ଏ ସଂପର୍କରେ ପୋଷ୍ଟ କରି ଖୁସି ପ୍ରକାଶ କରିଛନ୍ତି । ଆଶା ଓ ତା'ର ଶାବକମାନଙ୍କର ଏକ ଭିଡିଓ ସେ ପୋଷ୍ଟ କରିଥିବାବେଳେ ତାହା ଭାଇରାଲ୍ ହେଉଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୮.୨.୨୦୨୬
୭,୮୭,୦୬୫ ଟଙ୍କା
ସୁନା:- ୦୫ଗ୍ରାମ୍ ୧୦୦ ମିଲିଗ୍ରାମ୍
ରୂପା:-୧୩ ଗ୍ରାମ୍ ୯୦୦ ମିଲିଗ୍ରାମ୍

## କୃଷ୍ଣପ୍ରସାଦ ବ୍ଲକ୍ ଅଧ୍ୟକ୍ଷା ସରୋଜିନୀ ତରାଇ ବିଜେଡିରୁ ନିଲମ୍ବିତ

**ଭୁବନେଶ୍ୱର, ୮/୦୨ ନ୍ୟୁଜ ବ୍ୟୁରୋ**

ବରିଷ୍ଠ ନେତା ସଂଜୟ ଦାସବର୍ମାଙ୍କ ନିର୍ବାଚନ ମଣ୍ଡଳୀରେ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ । ବିଜେଡିରୁ ନିଲମ୍ବିତ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରାଇ। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି ବିଜୁ ଜନତା ଦଳ। ବିଜେଡି ସୁପ୍ରିମୋ ନବୀନ୍ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ନିଲମ୍ବନ ଆଦେଶ ଜାରି କରାଯାଇଛି । ଏକଦା ବିଜେଡିର ଗଡ ଥିବା ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର କୃଷ୍ଣପ୍ରସାଦ ବ୍ଲକରେ ସର୍ବାଧିକ ସମର୍ଥନ ପାଇ ସେ ଅଧ୍ୟକ୍ଷା



ଭାବରେ ମନୋନୀତ ହୋଇଥିଲେ। ପୂର୍ବରୁ କଂଗ୍ରେସରୁ ଆସି ବିଜେଡିରେ ଲୋକପ୍ରିୟତା ବି ହାସଲ କରିଥିଲେ । କିନ୍ତୁ ଏବେ ଦଳର କୌଣସି ବି ନିର୍ଦ୍ଦେଶକୁ ନ ମାନିବା ଓ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ତାଙ୍କୁ ନିଲମ୍ବିତ କରିଛି ଦଳ। ବେଶ୍ କିଛିଦିନ ହେବ ଦଳର ବିଭିନ୍ନ କାର୍ଯ୍ୟରୁ ନିଜକୁ ଦୂରେଇ ରଖିଥିଲେ ସରୋଜିନୀ।

## ସଡ଼କ ଦୁର୍ଘଟଣାରେ ଚାଲିଗଲା ୪ ଜୀବନ

**କଣ୍ଟାବାଞ୍ଜି, ୮/୦୨ ନ୍ୟୁଜ ବ୍ୟୁରୋ**

ସଡ଼କ ଦୁର୍ଘଟଣା ନେଲା ଜୀବନ। ଚାଲିଗଲା ଗୋଟିଏ ପରିବାରର ୪ ଜଣକ ଜୀବନ। ମୃତକଙ୍କ ମଧ୍ୟରେ ଅଛନ୍ତି ଅଜା- ଆଇ- ନାତି ଓ ଜ୍ୱାଇଁ। ରବିବାର ତୁରେକେଲା-ମହଖଣ୍ଡ ରାସ୍ତାର ପଣ୍ଡରେନ - ଗୋଦରାମୁଣ୍ଡା ଗ୍ରାମ ନିକଟରେ ଘଟିଛି ଏହି ମର୍ମନ୍ତୁଦ ଦୁର୍ଘଟଣା। ଗୋଟିଏ ଦିନରେ ଗୋଟିଏ ପରିବାରର ୪ ଜଣକ ମୃତ୍ୟୁ ଖବର ସମସ୍ତଙ୍କୁ ସ୍ତବ୍ଧ କରିଛି। ତୁରେକେଲା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ପୃଷ୍ଠପୋଷକତା ମିଳୁନି, ପାଠ ଛାଡୁଛନ୍ତି ଅସହାୟ ଶିଶୁ



**ବ୍ରହ୍ମପୁର,୦୮।୦୨ ନ୍ୟୁଜ ବ୍ୟୁରୋ**

ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ । ସମଗ୍ର ଶିକ୍ଷା ଅଭିଯାନର ଏହି ସ୍ଲୋଗାନ୍ କେବଳ ସ୍ଲୋଗାନରେ ସୀମିତ । ପାଠ ପଢ଼ିବା ସବୁପିଲାଙ୍କ ଭାଗ୍ୟରେ ନାହିଁ । ଆର୍ଥିକ ଅନାଟନ ସହ ବିଭିନ୍ନ ସମସ୍ୟା କାରଣରୁ ଏବେ ଗଞ୍ଜାମ ଜିଲ୍ଲାରେ ବହୁ ପିଲା ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି, ଏପରିକି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ପିଲାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ସେମାନଙ୍କୁ ଶିକ୍ଷା ଗ୍ରହଣ ସକାଶେ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି ସରକାର । ହେଲେ ଗଞ୍ଜାମ ଜିଲ୍ଲାରେ ଏସବୁ କେବଳ ଫାଇଲରେ ସୀମିତ ଥିବା ତଥ୍ୟାଭିଜ୍ଞ ମହଲ ଅଭିଯୋଗ କରୁଛନ୍ତି । ସରକାରୀ ପ୍ରୋତ୍ସାହନ ଏବଂ ଦୀର୍ଘ ବର୍ଷ ଧରି ପୃଷ୍ଠପୋଷକତା ରାଶି ନମିଳିବାରୁ ପାତ୍ରପୁର ବ୍ଲକ୍ ସୁରଙ୍ଗୀରେ ରାଜା ପାତ୍ର ନାମକ ଜଣେ ମେଧାବୀ ଛାତ୍ର ପାଠ ଛାଡ଼ିବାକୁ ବାଧ୍ୟ ହେବା ଏହାର ଏକ ନଜିର । କେବଳ ରାଜା କାହିଁକି ଏମିତି ଅନେକ ପିଲା ପୃଷ୍ଠପୋଷକତା ଅଭାବରୁ ପାଠ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି । ଗଞ୍ଜାମ ଜିଲ୍ଲାରେ ପ୍ରାୟ ୫ ଶହ ପିଲା ସରକାରୀ ପୃଷ୍ଠପୋଷକତା ପାଇଁ ଆବେଦନ କରିଛନ୍ତି । ମାତ୍ର ସେମାନଙ୍କ ଭବିଷ୍ୟତ ଏବେ ଫାଇଲରେ ଝୁଲୁଛି। ଅସହାୟ ପିଲାଙ୍କ ପାଠ ପଢ଼ା ପାଇଁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ପନସରସିପ୍ (ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ପୃଷ୍ଠ ପୋଷାକତା) ଯୋଗାଇ ଦିଆଯାଉଛି। ମାସିକ ୪ ହଜାର ଟଙ୍କା ଲେଖାଏଁ ଜଣେ ୩ ବର୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ପାଇବେ । ଫଳରେ ଆର୍ଥିକ ପଛୁଆ ବର୍ଗ ଏବଂ ଗରିବ ପରିବାର ମଧ୍ୟ ସେମାନଙ୍କ ପିଲାଙ୍କୁ ପଢ଼ାଇବାକୁ ଇଚ୍ଛା କରିବେ । ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ତଥା ଅସହାୟ ପିଲାଙ୍କୁ ଚିହ୍ନଟ କରି ପୃଷ୍ଠ ପୋଷକତା ଯୋଗାଇଦେବା ଜିଲ୍ଲା ଶିଶୁ ସୁରକ୍ଷା ସମିତିର ଦାୟିତ୍ୱ ।

ଏକକ ଅଭିଭାବକ (ବାପା କିମ୍ବା ମାଆ ଜଣେ ଥିବେ), ଅନାଥ ହୋଇ ଥିବେ, ବାପା କିମ୍ବା ମାଆ ଘାତକ ରୋଗରେ ଆକ୍ରାନ୍ତ ଥିବେ, ଯଦି କୌଣସି ଅଭିଭାବକ ପିଲାର ଯତ୍ନ ନେବାକୁ ଅକ୍ଷମ ଏଭଳି କ୍ଷେତ୍ରରେ ସେମାନେ ପୃଷ୍ଠ ପୋଷକତା ପାଇବାକୁ ଯୋଗ୍ୟ। ଏହା ଉକ୍ତ ଶିଶୁର ପରିବାରକୁ ଏକ ସହାୟତା ଯାହା ପିଲାକୁ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି କରାଇବ। ଗଞ୍ଜାମ ଜିଲ୍ଲାରେ ୯୮ ଜଣ ପିଲା ପୃଷ୍ଠପୋଷକତା ପାଉଛନ୍ତି। ୨୦୨୫ ଏପ୍ରିଲ୍ ମାସରୁ ଏମାନଙ୍କ ପ୍ରୋତ୍ସାହନ ରାଶି ଆସିନଥିବା ବେଳେ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ଦୁଇ ଶହରୁ ଊର୍ଦ୍ଧ୍ୱ ଫାଇଲ୍ ପୃଷ୍ଠପୋଷକତା ଏବଂ ପରବର୍ତ୍ତୀ ଯତ୍ନ କମିଟି (ଏସ୍‌ଏଫସି) ନିକଟରେ ଏବଂ ପ୍ରାୟ ତିନି ଶହ ଅସହାୟ ପିଲାଙ୍କ ଆବେଦନ ଜିଲ୍ଲାଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ପଡ଼ି ରହିଛି । ସିଡବ୍ଲ୍ୟୁସିରେ ପାସ୍ ହେବା ପରେ ପ୍ରାୟ ୨ ଶହ ଆବେଦନ ଏସ୍‌ଏଫସିକୁ ଯାଇଛି । ପୁରୁଣା ପିଲାଙ୍କୁ ପ୍ରୋତ୍ସାହନ ରାଶି ଦେବାକୁ ଟଙ୍କା ନାହିଁ । ଏବେ ନୂଆପିଲାଙ୍କୁ ଦେବେ କେଉଁଠି। ତେଣୁ ନୂଆ ଅନୁମୋଦନ ହୋଇଥିଲେ ମଧ୍ୟ ସେମାନେ ପ୍ରୋତ୍ସାହନ ରାଶିପାଇବାରୁ ବଞ୍ଚିତ ଅଛନ୍ତି ।

ଅନ୍ୟପକ୍ଷରେ ସିଡବ୍ଲ୍ୟୁସିରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଫାଇଲ୍ ପେଣ୍ଡିଂ ରହିଛି । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଆବେଦନପରେ ସେହି ଫର୍ମ ସିଡବ୍ଲ୍ୟୁସିକୁ ବିଚାରଣା ପାଇଁ ଆସିଥାଏ। ଆବେଦନକାରୀଙ୍କ ସମସ୍ତ କାଗଜପତ୍ର ଏବଂ ସାମାଜିକ ଅନୁସନ୍ଧାନ ରିପୋର୍ଟ (ଏସ୍‌ଆଇଆର) ଆସିବା ପରେ ବିଚାରଣା କରି ଫାଇଲ୍ ଏସ୍‌ଏଫସିକୁ ପଠାଇଥାଏ । କିନ୍ତୁ ଏସ୍‌ଆଇଆର୍ ଏବଂ ଅନ୍ୟାନ୍ୟ କାଗଜପତ୍ର ନଥିବାରୁ ୩ଶହରୁ ଊର୍ଦ୍ଧ୍ୱ ଆବେଦନ ଏବେବି ସିଡବ୍ଲ୍ୟୁସି ନିକଟରେ ପେଣ୍ଡିଂ ଥିବା ସୂଚନା ମିଳିଛି। ପିଲାମାନେ ପୃଷ୍ଠପୋଷକତା ପାଇନଥିବାରୁ ସେମାନଙ୍କ ଚଳଣିରେ ସମସ୍ୟା ହେଉଛି । ଫଳରେ ପାଠ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି ପିଲାଏ। ସୁରଙ୍ଗୀ ଗ୍ରାମର ରାଜା ପାତ୍ର ଜଣେ ମେଧାବୀଛାତ୍ର । ୨୦୨୩ ମସିହାରୁ ସେ ପୃଷ୍ଠପୋଷକତା ପାଇଁ ଆବେଦନ କରିଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ ମିଳିନାହିଁ। ଯୁକ୍ତ ଦୁଇ ପର୍ଯ୍ୟନ୍ତ ସେ ବହୁ କଷ୍ଟରେ ପଢ଼ିଲେ ଏବଂ ଶେଷରେ ପେଟ ପୋଷିବା ପାଇଁ ପାଠ ଛାଡ଼ିବାକୁ ବାଧ୍ୟ ହେଲେ ।

ଏ ସମ୍ପର୍କରେ ଜିଲ୍ଲାଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ କହିଛନ୍ତି, ପୃଷ୍ଠପୋଷକତା ପାଇଁ ଏବେ ୨୫ ଲକ୍ଷ ଟଙ୍କା ଆସିବା ପରେ ଟ୍ରେଜେରୀକୁ ଦିଆଯାଇଛି । ୯୮ ଜଣ ପିଲା ବକେୟା ପ୍ରୋତ୍ସାହନ ରାଶି ଦିନେ ଦୁଇ ଦିନ ଭିତରେ ପାଇଯିବେ । ଅନ୍ୟପକ୍ଷରେ ଆକାଉଣ୍ଟରେ ଏବେ ଆଉ ଟଙ୍କା ନାହିଁ । ଟଙ୍କା ଆସିଲେ ନୂଆ ପିଲାଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ।

